# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୧/୨୦୨୦ (୧୪ ପୃଷ୍ଠା) | Bhubaneswar, Friday, August 21/2020 | ★★★★★★

୪୭ଶ ଭାଗ ୨୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



Presenting

SONET

WILD BY DESIGN

| 1.5*l* CRDi Diesel Engine with 6 Speed Advance AT | Smart Pure Air Purifier with Virus Protection | 26.03 CM (10.25") Advanced HD Touchscreen Navigation | BOSE Premium 7-Speaker Sound System |
|---|---|---|---|
| First-in-segment | First-in-world | First-in-segment | First-in-segment |




PRE-BOOK YOUR SONET TODAY!

Visit www.kia.com/in | Book Kia Sonet | Call 1800 108 5000 | Contact your nearest Kia Dealership now

The aggressive stance and muscular build of the Sonet are complemented by an array of segment-first features, state-of-the-art connectivity, classy interior and much more. So ruling the urban streets comes to it naturally. It's thrilling and it's here.

First-in-segment




**1.5*l* CRDi Diesel Engine with 6 Speed Advance AT** that offers the power of diesel in advanced automatic

First-in-world



**Smart Pure Air Purifier with Virus Protection** ensures you breathe the cleanest of air inside

First-in-segment



**26.03 cm (10.25") Advanced HD Touchscreen Navigation** for amazing connectivity & entertainment

First-in-segment



**BOSE Premium 7-Speaker Sound System with LED Sound Mood Light** for an immersive experience

First-in-segment



**Ventilated Front Seats** cool you down in hot & humid conditions

Best-in-segment




**UVO** with 57 smart, connected features, like OTA map updates & AI Voice Command

**Host of other new features:** New-age Transmission - iMT (Intelligent Manual Transmission) | Largest 392*l* Boot Space** | Front and Rear Parking Sensors | Six Airbags with ESC, HAC, ESS, ACN & VSM | Kia Signature Tiger Nose Grille | Crown Jewel LED Headlamps with Heartbeat LED DRLs | Heartbeat LED Tail Lamps | Electric Sunroof | Sportier Dual Muffler Design | 10.7 cm (4.2") Advanced Color Instrument Cluster | Multi-drive Modes & Traction Control | Wireless Smartphone Charger with Cooling Function | R16-40.46 cm (16") Premium Crystal Cut Alloys | Highline Tyre Pressure Monitor | MT Remote Engine Start | Driving Rear View Monitor | Electric Folding Outside Mirrors | Smart Key with Push Button Start | Red Front Brake Calipers

**Close to you, no matter where you are.**

Kia has a nationwide network of dealerships and service centres to ensure ready spare parts and service availability for complete peace of mind.

| 160 | 265 | 206 | 192 |
|---|---|---|---|
| City Coverage | Consumer Touchpoints | Sales Points | Service Points |

KIA Service Promise to Care

Connected • Adaptive • Responsive • Engage

• Nationwide Kia Care network with easy availability of Genuine Spare Parts • 3 Years Warranty for Unlimited Kms & up to 5th Year optional Extended Warranty • 3 Years 24/7 Roadside Assistance • Kia Link service support app & IoT based workshops with Live Vehicle Tracking for digital experience • Scratch Care program for one-time free repair* • My Convenience, the most unique customised maintenance program*

For more information contact: 1800 108 5000 | kiacare@kiamotorsindia.in

@KiaMotorsIN | @KiaMotorsIN | Kia Motors India | @KiaMotorsIN

*T&C Apply. **VDA method. Visit your nearest Kia dealership for more details. The product shown is for representation purpose only, actual features, colors and specifications as shown may not be part of standard fitment and may vary. UVO functionality is dependent on mobile network strength. Smartwatch and mobile phone are not provided with the vehicle. Kia Motors India Pvt. Ltd. reserves the right to make any changes with respect to the trims, colors, specifications and other details of any model as mentioned or to discontinue any model or to modify/discontinue any service without prior notice. Kia urges you to follow traffic rules, these are meant to keep you safe on roads. No liability accepted for errors and printing errors.

INNOCEAN-108/20

KIA The Power to Surprise

FOR INFORMATION CONTACT: **BHUBANESHWAR:** CONSORTIUM MOTORS PRIVATE LIMITED, PH: 7064111999 **SAMBALPUR:** CONSORTIUM MOTORS PRIVATE LIMITED, PH: 7064111999 **ANGUL:** CONSORTIUM MOTORS PRIVATE LIMITED, PH: 7064111999

ଧରିତ୍ରୀ
DHARITRI
ଶୁକ୍ରବାର, ୨୧ ଅଗଷ୍ଟ, ୨୦୨୦



ବିଶ୍ୱର ପ୍ରଥମ ଦେଶ ଭାବେ ରୁଷିଆ କରୋନା ଟିକା 'ସ୍ପୁଟିନିକ୍ ଭି' ବାହାର କରିଥିବା ବେଳେ ଆସନ୍ତା ସପ୍ତାହରେ ବିଦେଶୀ ବିଶେଷଜ୍ଞମାନଙ୍କ ଉପସ୍ଥିତରେ ୪୦ ହଜାର ଲୋକଙ୍କଠାରେ ଏହା ପରୀକ୍ଷା କରାଯିବ। ରୁଷିଆ ଟିକା ନେଇ ତଥ୍ୟ ଗୋପନ ରଖିଥିବାବେଳେ ବିଭିନ୍ନ ଦେଶ ପକ୍ଷରୁ ଏହାର ସଫଳତା ନେଇ ସନ୍ଦେହ ପ୍ରକାଶ କରାଯାଉଛି। ଟିକାର ଅନ୍ତର୍ଜାତୀୟ ସର୍ବେକ୍ଷଣ ଓ ସ୍ୱୀକୃତି ମିଳିବା ପରେ ଏହା ସାଧାରଣ ଲୋକଙ୍କ ଲାଗି ବ୍ୟବହାରଯୋଗ୍ୟ ହୋଇପାରିବ।



# ରାମମନ୍ଦିର: ତମ୍ବା ରହିବ ହଜାରେ ବର୍ଷ

ନୂଆଦିଲ୍ଲୀ, ୨୦।୮

ଅଯୋଧାରେ ରାମମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ଓ ଆଗାମୀ ୪୦ ମାସ ମଧ୍ୟରେ ଏକ ବିରାଟ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଜଣେ ସଦସ୍ୟ କହିଛନ୍ତି। ନୂଆଦିଲ୍ଲୀରେ ଗୁରୁବାର ଟ୍ରଷ୍ଟର ବୈଠକ ବସି ରାମମନ୍ଦିର ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଯୋଧ୍ୟା ମନ୍ଦିର କାର୍ଯ୍ୟରେ ସିବିଆର୍ଆଇ ରୁର୍କି, ଆଇଆଇଟି ମାଡ୍ରାସ, ନିର୍ମାଣ କମ୍ପାନୀ ଲାର୍ସନ ଆଣ୍ଡ ଟୁବ୍ରୋ(ଏଲ୍ ଆଣ୍ଡ ଟି)ର କର୍ମଚାରୀ ଲାଗିଛନ୍ତି ଓ ମନ୍ଦିର ପାର୍ଶ୍ୱ ମାଟି ପରୀକ୍ଷା ଜାରି ରଖିଛନ୍ତି। ଆଗାମୀ ୩୬ରୁ ୪୦ ମାସ ମଧ୍ୟରେ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

ଭାରତର ପ୍ରାଚୀନ ପରମ୍ପରା ଓ କାରିଗରି କୌଶଳ ଅନୁଯାୟୀ ନିର୍ମାଣ କାର୍ଯ୍ୟ କରାଯିବ।



ଝଡ଼, ଭୂକମ୍ପ ଓ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟରେ ମନ୍ଦିରର ଯେପରି କୌଣସି କ୍ଷତି ନ ହେବେ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ଏହି ଐତିହାସିକ ମନ୍ଦିରରେ କୌଣସି ଲୁହାର ବ୍ୟବହାର କରାଯିବ ନାହିଁ ବୋଲି ଟ୍ରଷ୍ଟ ପକ୍ଷରୁ ପ୍ରକାଶ କରାଯାଇଛି। ମନ୍ଦିର ଲାଗି

- ୪୦ ମାସରେ ଶେଷ ହେବ ନିର୍ମାଣ
- ଲୁହା ବ୍ୟବହାର ହେବନାହିଁ
- ମୁସଲମାନ ବି ତମ୍ବା ଦାନ କରିପାରିବେ

ପଥରକୁ ଚାପି ରଖିବାକୁ ତମ୍ବା ପ୍ଲେଟ୍ ବ୍ୟବହାର କରାଯିବ। ପ୍ଲେଟ୍‌ଗୁଡ଼ିକ ୧୮ ଇଞ୍ଚ ଲମ୍ବ, ୩୦ ଏମ୍.ଏମ୍. ଚଉଡ଼ା ରହିବ। ଏଭଳି ୧୦ ହଜାର ପ୍ଲେଟ୍ ବ୍ୟବହାର କରାଯିବାର ସମ୍ଭାବନା ରହିଛି। ରାମଭକ୍ତମାନେ ଏଭଳି ତମ୍ବା ପ୍ଲେଟ୍ ଟ୍ରଷ୍ଟକୁ ଦାନ କରିବା ଲାଗି ଟୁଇଟ ଯୋଗେ ଅନୁରୋଧ କରାଯାଇଛି। ଏଥିସହ ମୁସଲମାନମାନେ ମଧ ତମ୍ବା ଦାନ କରିପାରିବେ ବୋଲି ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାଇ କହିଛନ୍ତି। ମନ୍ଦରକୁ ଏଭଳି ପ୍ରସ୍ତୁତ କରାଯିବ, ଯାହା ଫଳରେ ଏହା ହଜାରେ ବର୍ଷ ତିଷ୍ଠି ରହିପାରିବ ବୋଲି ସେ ମତ ଦେଇଛନ୍ତି।

## ନିର୍ବାଚନରେ ଏସୀୟ-ଆମେରିକୀୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ: ହାରିସ୍

ୱାଶିଂଟନ, ୨୦।୮(ପି.ଟି.)



କମଳା ହାରିସ୍

ନଭେମ୍ବର ୩ରେ ଅନୁଷ୍ଠିତ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପ୍ରବାସୀ ଭାରତୀୟଙ୍କ ସମେତ ଏସୀୟ-ଆମେରିକୀୟ ଓ ପ୍ରଶାନ୍ତ ମହାସାଗର ଦ୍ୱୀପାଞ୍ଚଳବାସୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିପାରେ ବୋଲି ଡେମୋକ୍ରାଟ ଦଳର ଉପରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ୍ କହିଛନ୍ତି। ଏସୀୟ-ଆମେରିକୀୟ ଏବଂ ପ୍ରଶାନ୍ତ ମହାସାଗର ଦ୍ୱୀପାଞ୍ଚଳବାସୀ (ଏଏପିଆଇ) ସମର୍ଥନମାନଙ୍କର ଏକ ଭର୍ଚୁଆଲ ବୈଠକକୁ ସମ୍ବୋଧନ କରି କମଳା କହିଥିଲେ, ବହୁ ବର୍ଷ ଧରି ଏଏପିଆଇ ସମ୍ପ୍ରଦାୟର କଥାକୁ ଶୁଣାଯାଇନାହିଁ। ଏଥର ଆଉ ସେଭଳି ହେବାକୁ ଦିଆଯିବ ନାହିଁ। ଆମେରିକାରେ ଦ୍ରୁତ ବୃଦ୍ଧି ପାଉଥିବା ଏହି ସମ୍ପ୍ରଦାୟର ୧୧ ନିୟୁତ ଭୋଟର ଅଛନ୍ତି। ରାଷ୍ଟ୍ରପତି ନିର୍ବାଚନ ଜିତିବାରେ ସେମାନେ ନିର୍ଣ୍ଣାୟକ ହୋଇପାରିବେ ବୋଲି କମଳା କହିଛନ୍ତି। ଏଏପିଆଇ ଭିକ୍ଟୋରୀ ଫଣ୍ଡର ସହପ୍ରତିଷ୍ଠାତା ତଥା ଉପାଧକ୍ଷ ବେଲ ଲେଓଙ୍ଗ-ହଙ୍ଗ ଏହି ବୈଠକର ଆୟୋଜନ କରିଥିଲେ।

ଆମେରିକାର ଉପରାଷ୍ଟ୍ରପତି ପ୍ରାର୍ଥିତ୍ୱ ଗ୍ରହଣ କରିବା ତାଙ୍କ ପାଇଁ ସମ୍ମାନର କଥା ବୋଲି ସିନେଟର କମଳା ହାରିସ୍ କହିଛନ୍ତି। ସେ ତାଙ୍କ ମାଆଙ୍କ ମୂଲ୍ୟବୋଧ ଓ ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବିଡେନଙ୍କ ଦୂରଦୃଷ୍ଟି ପ୍ରତି ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ।

## କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍‌ଙ୍କୁ କରୋନା



ଗଜେନ୍ଦ୍ର ସିଂ ଶେଖାୱତ୍

ନୂଆଦିଲ୍ଲୀ, ୨୦।୮

କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଗୁରୁବାର ଅପରାହ୍ନରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜଳ ଶକ୍ତିମନ୍ତ୍ରୀ ଶେଖାୱତ୍ ନିଜ ଟୁଇଟର ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ଶେଖାୱତ୍‌ଙ୍କୁ ମିଶାଇ ଚଳିତ ମାସରେ ୪ କେନ୍ଦ୍ରମନ୍ତ୍ରୀ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ଆୟୁଷ ବ୍ୟାପାର ମନ୍ତ୍ରୀ ଶ୍ରୀପଦ ନାଏକ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଅମିତ୍ ଶାହା ନେଗେଟିଭ୍ ଚିହ୍ନଟ ହେବା ପରେ ପୁଣି ଅସୁସ୍ଥ ହେବାରୁ ଏବେ ଦିଲ୍ଲୀର ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଭାରତରେ ଏବେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୮ ଲକ୍ଷରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟାରେ ୬୯,୬୫୨ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ଦିନକରେ ୯୭୭ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ମୋଟ ୫୩,୮୬୬ ଜୀବନ ଗଲାଣି।

## ପାର୍ଲାମେଣ୍ଟ ଅଧିବେଶନ | ଚାଇନା, ଫେସ୍‌ବୁକ୍ ପ୍ରସଙ୍ଗ ଉଠାଇବ କଂଗ୍ରେସ

ନୂଆଦିଲ୍ଲୀ, ୨୦।୮



ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସେପ୍ଟେମ୍ବର ୧୦ରୁ ଆରମ୍ଭ ହେବା ଆଶା କରାଯାଉଥିବା ବେଳେ ଚାଇନା ସହ ସୀମା ବିବାଦ ଏବଂ ଫେସ୍‌ବୁକ୍ ସହ ଶାସକ ଦଳର ସମ୍ପର୍କ ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ଗୃହରେ ସରକାରଙ୍କୁ ଅଡୁଆରେ ପକାଇବାକୁ ଉଦ୍ୟମ କରିବ ବୋଲି ଜଣାପଡ଼ିଛି। ଏଥିସହିତ କରୋନା ମହାମାରୀକୁ ନିୟନ୍ତ୍ରଣ କରିବାରେ ବିଫଳତା, ଆର୍ଥିକ ସଙ୍କଟ, ଚାକିରିରୁ ଛଟେଇ ଏବଂ କୃଷି ସମସ୍ୟାକୁ ନେଇ ମଧ କଂଗ୍ରେସ ସରକାରଙ୍କୁ ଘେରିବା ପାଇଁ ଯୋଜନା କରିଛି। ଚାଇନା ସହ ସୀମା ବିବାଦ ପ୍ରସଙ୍ଗରେ ବିରୋଧୀ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୃହରେ ବିବୃତି ରଖିବାକୁ ଦାବି କରିବ ବୋଲି ଜଣେ କଂଗ୍ରେସ କାର୍ଯ୍ୟକର୍ତ୍ତା କହିଛନ୍ତି। ଜୁନ୍ ୧୯ ସର୍ବଦଳୀୟ ବୈଠକରେ ମୋଦି କହିଥିଲେ, ଭାରତୀୟ ଅଞ୍ଚଳରେ ଚାଇନା ସୈନ୍ୟ ଅନୁପ୍ରବେଶ କରିନାହାନ୍ତି। ଏହା ଉପରେ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କଠାରୁ ସ୍ପଷ୍ଟୀକରଣ ଚାହିଁବ। ସ୍ୱାଧୀନତା ଦିବସ ଅଭିଭାଷଣରେ ମଧ ପ୍ରଧାନମନ୍ତ୍ରୀ ଚାଇନାର ନାଁ ନେଇ ନ ଥିଲେ।

ସୀମାରେ ସ୍ଥିତାବସ୍ଥା ଜାରି ରଖିବା ଲାଗି ଭାରତ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଜୁନ୍ ୧୫ରେ ଚାଇନା ସୈନ୍ୟଙ୍କ ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଲଦାଖ ଅନ୍ତର୍ଗତ ବିବାଦୀୟ ସୀମାରେ ଉତ୍ତେଜନା ହ୍ରାସ ଲାଗି ସାମରିକ ସ୍ତରରେ ଆଲୋଚନା ଜାରି ରହିଛି। ସେହିପରି ଫେସ୍‌ବୁକ୍‌ର ଭାରତୀୟ କର୍ମଚାରୀ ଭାଜପା ନେତାମାନଙ୍କ ଘୃଣା ତଥା ହିଂସା ଉଦ୍ରେକକାରୀ ଭାଷଣକୁ ଅଣଦେଖା କରୁଥିବା ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ଖବର ପ୍ରକାଶ ପାଇବା ପରେ ଏହାକୁ ନେଇ ରାଜନୀତି ଜୋର ଧରିଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଫେସ୍‌ବୁକ୍ ସହ ଭାଜପାର ଭିତିରି ସମ୍ପର୍କ ରହିଥିବା କଂଗ୍ରେସ ଅଭିଯୋଗ କରିଥିଲା। ଏହାର ତଦନ୍ତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା କରାଯିବାକୁ ବିରୋଧୀ ଦଳ ଦାବି କରିବ।

ଦେଶରେ କରୋନା ମହାମାରୀ ମାଡ଼ି ଚାଲିଥିବାବେଳେ ଏହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି। ଲକ୍‌ଡାଉନ୍ ଲାଗୁ କରିବାରେ ଭୁଲ୍ ନିଷ୍ପତ୍ତି ଯୋଗୁ ଲକ୍ଷ ଲକ୍ଷ ଲୋକ ନିଯୁକ୍ତି ହରାଇଛନ୍ତି ଓ ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଛି। ଏନେଇ ବିରୋଧୀ ଦଳ ସରକାରଙ୍କୁ ଜବାବ ମାଗିବ । ଏହାବ୍ୟତୀତ ପିଏମ୍ କେୟାର୍ସ ପାଣ୍ଠି ସମ୍ପର୍କିତ ତଥ୍ୟ ଦେବାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ମନା କରୁଥିବାରୁ ଏହା ଉପରେ ଆଲୋଚନା ଦାବି କରିବ କଂଗ୍ରେସ। ଏହା ଦେଶର ପାଣ୍ଠି ହୋଇଥିବାରୁ ଏଥିରେ ସ୍ୱଚ୍ଛତା ପାଇଁ ଦଳ ଦାବି କରିବ ବୋଲି ନେତା ଜଣକ କହିଛନ୍ତି। କରୋନା ମହାମାରୀ ଭଳି ବିପର୍ଯ୍ୟୟର ମୁକାବିଲା ଓ ଜନସାଧାରଣଙ୍କୁ ସହାୟତା ଲାଗି ମାର୍ଚ୍ଚ ୨୮ରେ ପ୍ରଧାନମନ୍ତ୍ରୀ ଏହି ପାଣ୍ଠି ଘୋଷଣା କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ପାଣ୍ଠିରେ କେତେ ଅର୍ଥ ସଂଗ୍ରହ ହେଲାଣି ତାହା ଜଣାପଡୁନାହିଁ। ଏନ୍‌ଡିଆର୍‌ଏଫ୍ ଥିଲାବେଳେ ପିଏମ୍ କେୟାର୍ସ ପାଣ୍ଠି ଗଠନର ଆବଶ୍ୟକତା କ'ଣ ଥିଲା ବୋଲି କଂଗ୍ରେସ ପ୍ରଶ୍ନ କରିଛି। ସେହିପରି ୩୨ଟି ରାଷ୍ଟ୍ରାୟତ୍ତ କମ୍ପାନୀର ବିକ୍ରି ଏବଂ ରେଲୱେ ଓ ବିମାନବନ୍ଦରକୁ ଘରୋଇ ସଂସ୍ଥାକୁ ହସ୍ତାନ୍ତର ପ୍ରସଙ୍ଗ ମଧ ବିରୋଧୀ ଦଳ ଉଠାଇବ। ଉପରୋକ୍ତ ପ୍ରସଙ୍ଗରେ ସରକାରଙ୍କୁ ପାର୍ଲାମେଣ୍ଟରେ ମିଳିତ ଭାବେ ଘେରିବା ପାଇଁ କଂଗ୍ରେସ ସମଭାବାପନ୍ନ ଦଳଗୁଡ଼ିକ ସହ ଆଲୋଚନା ଚଳାଇଛି।

### ସରକାରୀ ଏଜେଣ୍ଡାରେ ୧୧ ଅଧାଦେଶ

ନୂଆଦିଲ୍ଲୀ, ୨୦।୮(ଆଇଏଏନ୍ଏସ୍)

ମୌସୁମୀ ଅଧିବେଶନରେ ସରକାର ୧୧ଟି ଅଧାଦେଶକୁ ସଂସଦରେ ଗୃହୀତ କରାଇବା ଉପରେ ପ୍ରାଥମିକତା ଦେବେ। ଶୀତ ଅଧିବେଶନ ଡିସେମ୍ବରରେ ହେବାକୁ ଥିବାରୁ ମୌସୁମୀ ଅଧିବେଶନରେ ଅଧାଦେଶ ଗୃହୀତ ନ ହେଲେ ତାହା ରଦ୍ଦ ହୋଇଯିବ। ଗୃହୀତ ହେବାକୁ ଥିବା ଅଧାଦେଶ ମଧ୍ୟରେ ରହିଛି ମନ୍ତ୍ରୀମାନଙ୍କ ବେତନ ଓ ଭତ୍ତା (ସଂଶୋଧନ) ଅଧାଦେଶ ୨୦୨୦, ଏମ୍‌ପିମାନଙ୍କ ବେତନ ଓ ଭତ୍ତା (ସଂଶୋଧନ) ଅଧାଦେଶ ୨୦୨୦, ମହାମାରୀ (ସଂଶୋଧନ) ଅଧାଦେଶ ୨୦୨୦, ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ଅଧାଦେଶ, କୃଷକ ଉତ୍ପାଦନ ବ୍ୟବସାୟ ଓ ବାଣିଜ୍ୟ (ପ୍ରୋତ୍ସାହନ ଓ ସୁଯୋଗ) ଅଧାଦେଶ ୨୦୨୦ ଇତ୍ୟାଦି। ସେହିପରି ମୂଲ୍ୟ ସୁନିଶ୍ଚିତ କରିବା ନେଇ କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ଚୁକ୍ତିନାମା ଏବଂ କୃଷିସେବା ଅଧାଦେଶ, ହୋମିଓପାଥି ସେଣ୍ଟ୍ରାଲ କାଉନସିଲ (ସଂଶୋଧନ) ଅଧାଦେଶ, ଇଣ୍ଡିଆନ ମେଡିସିନ ସେଣ୍ଟ୍ରାଲ କାଉନସିଲ (ସଂଶୋଧନ) ଅଧାଦେଶ ଗୃହୀତ କରାଇବା ପାଇଁ ସରକାର ଉଦ୍ୟମ କରିବେ।

## ବିହାର ମହାମେଣ୍ଟରୁ ଓହରିଲା ମାନ୍‌ଝିଙ୍କ ଦଳ



ଜିତନ୍‌ରାମ ମାନ୍‌ଝି

ପାଟନା, ୨୦।୮

ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ମହାମେଣ୍ଟରୁ ଜିତନ୍‌ରାମ ମାନ୍‌ଝିଙ୍କ ନେତୃତ୍ୱରେ ଗଠିତ ହିନ୍ଦୁସ୍ତାନୀ ଆୱାମ୍ ମୋର୍ଚ୍ଚା(ଏଚ୍ଏଏମ୍) ଗୁରୁବାର ଓହରି ଯାଇଛି। ଏନେଇ ଘୋଷଣା କରିଛନ୍ତି ଦଳର ମୁଖପାତ୍ର ଡାନିସ୍ ରିଜ୍‌ୱାନ। ମହାମେଣ୍ଟରେ ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଅଛନ୍ତି କଂଗ୍ରେସ, ଆର୍‌ଜେଡି, ରାଷ୍ଟ୍ରୀୟ ଲୋକ ସମତା ପାର୍ଟି। ମାନ୍‌ଝିଙ୍କ ବାସଭବନରେ ଦଳର କୋର୍ କମିଟି ବୈଠକ ବସି ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅକ୍ଟୋବର-ନଭେମ୍ବର ମାସରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ମେଣ୍ଟ ନେଇ ମାନ୍‌ଝି ଯାହା ନିଷ୍ପତ୍ତି ନେବେ, ତାକୁ ଗ୍ରହଣ କରାଯିବ। ନୀତୀଶଙ୍କ ଜେଡିୟୁ ସହ ମିଶ୍ରଣ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ମତ ଦେଇଛନ୍ତି। ମହାମେଣ୍ଟ ଭଲ ଭାବେ କାମ କରିବା ଲାଗି ସମନ୍ୱୟ କମିଟି ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆର୍‌ଜେଡି ଯୋଗୁ ଏହା ସମ୍ଭବ ହୋଇପାରି ନ ଥିଲା ବୋଲି ସେ ପ୍ରକାଶ କରିଛନ୍ତି।

## ଭାରତ- ଇସ୍ରାଏଲ ମଧ୍ୟରେ ସାଂସ୍କୃତିକ ଚୁକ୍ତି ସ୍ୱାକ୍ଷର

ଜେରୁଜେଲମ, ୨୦।୮(ପି.ଟି.)

ଭାରତ ଓ ଇସ୍ରାଏଲ ମଧ୍ୟରେ ଗୁରୁବାର ଏକ ସାଂସ୍କୃତିକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଦୁଇ ଦେଶର ଅଧିବାସୀଙ୍କ ମଧ୍ୟରେ ସଂସ୍କୃତିର ଆଦାନପ୍ରଦାନ ମାଧ୍ୟମରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ୩ ବର୍ଷିଆ ସହଯୋଗ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଇସ୍ରାଏଲ ବହିର୍ବ୍ୟାପାର ମନ୍ତ୍ରଣାଳୟରେ ଭାରତର ରାଷ୍ଟ୍ରଦୂତ ସଞ୍ଜୀବ ସିଙ୍ଗଲା ଏବଂ ଇସ୍ରାଏଲ ବହିର୍ବ୍ୟାପାର ମନ୍ତ୍ରୀ ଗାବି ଆଶକେନାଜିଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏହାଦ୍ୱାରା ଦୁଇଦେଶର ନାଗରିକ ବିଶେଷକରି ଯୁବପିଢ଼ି ପରସ୍ପର ଦେଶର ଇତିହାସ ଓ ସଂସ୍କୃତି ସମ୍ପର୍କରେ ଅବଗତ ହେବେ। ଏହାଦ୍ୱାରା ସେମାନଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା ଓ ବନ୍ଧୁତ୍ୱ ମଜଭୁତ ହେବ ବୋଲି ଚୁକ୍ତିନାମାରେ କୁହାଯାଇଛି।

## ସୁଶାନ୍ତ ସିଂ ମୃତ୍ୟୁ ପଛରେ ଅଣ୍ଡରୱାର୍ଲ୍ଡ ସମ୍ପର୍କ

ନୂଆଦିଲ୍ଲୀ, ୨୦।୮



ଏନ୍. କେ. ସୁଦ୍

**ପୂର୍ବତନ 'ର' ଅଧିକାରୀଙ୍କ ଦାବି**

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ଏହା ପଛରେ ଅଣ୍ଡରୱାର୍ଲ୍ଡ ଅପରାଧୀଙ୍କ ସମ୍ପର୍କ ଥାଇପାରେ ବୋଲି ପୂର୍ବତନ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ(ର) ଅଧିକାରୀ ଏନ୍. କେ. ସୁଦ୍ ଦାବିକରିଛନ୍ତି। ସୁଶାନ୍ତ ସିଂଙ୍କ ଷ୍ଟାଫ୍‌ମାନଙ୍କ ଭୂମିକାକୁ ଅଣଦେଖା କରାଯିବା ଠିକ୍ ହେବନାହିଁ। ସେମାନେ ଟଙ୍କା ନେଇ ହତ୍ୟା କରିଥାଇପାରନ୍ତି ବୋଲି ମଧ ସେ ଅଭିଯୋଗ କରିଛନ୍ତି।

ଅର୍ଥ ହେରଫେର ମାମଲାର ନିର୍ଭିକ୍ଷି ତଦନ୍ତ କରାଯିବାର ଆବଶ୍ୟକତା ରହିଛି। ହତ୍ୟାକାରୀମାନେ ସୁଶାନ୍ତଙ୍କ ଆକାଉଣ୍ଟରୁ ଟଙ୍କା ନେଇ ବିଭିନ୍ନ ଆକାଉଣ୍ଟରେ ରଖିଥାଇ ପାରନ୍ତି ଓ ସୁରକ୍ଷା ଲାଗି ଆଶ୍ୱାସନା ପାଇଥାଇପାରନ୍ତି। ଗ୍ୟାଙ୍ଗଷ୍ଟରଙ୍କ ଯୋଗୁ ମୁମ୍ବାଇରେ କେହି ମୁହଁ ଖୋଲିପାରୁ ନାହାନ୍ତି। ମାମଲାର ତନ୍ନ ତନ୍ନ ପରୀକ୍ଷା କରାଗଲେ ସତ ଲୋକଲୋଚନକୁ ଆସିପାରିବ ବୋଲି ସୁଦ୍ କହିଛନ୍ତି। ସୁଶାନ୍ତଙ୍କ ବାପା କେ. କେ. ସିଂଙ୍କ ବିହାର ପୋଲିସ ନିକଟରେ ଅଭିଯୋଗ କରିବା ପରେ ପରିବାର ଉପରେ ଚାପ ପକାଯାଉଥିବା ଓକିଲ ବିକାଶ ସିଂ କହିଥିଲେ। ମୁମ୍ବାଇ ପୋଲିସ ଠିକ୍ ଭାବେ ତଦନ୍ତ କରୁ ନ ଥିବା ଓ ଅଭିଯୁକ୍ତ ରିଆ ଚକ୍ରବର୍ତ୍ତୀଙ୍କୁ ଜେରା କରୁ ନ ଥିବା ଅଭିଯୋଗ ହୋଇଥିଲା। ପ୍ରଡକ୍ସନ ହାଉସ୍ ବିରୋଧରେ ମୁହଁ ନ ଖୋଲିବା ଲାଗି ସୁଶାନ୍ତଙ୍କ ପରିବାର ଉପରେ ଚାପ ପକାଯାଉଥିଲା।



କୋଲକାତାର କାଳିଘାଟଠାରେ ପାଣିଘେରରେ ଥିବା ଦୋକାନରେ ମହିଳା

## ୟୁପିରେ କିନ୍ନରଙ୍କୁ ସମ୍ପତ୍ତି ଅଧିକାର

ଲକ୍ଷ୍ନୌ, ୨୦।୮(ଆଇଏଏନ୍ଏସ୍)

କିନ୍ନରମାନଙ୍କୁ ସୁପ୍ରିମକୋର୍ଟ ତୃତୀୟ ଲିଙ୍ଗ ଭାବେ ସ୍ୱୀକୃତି ଦେଇଥିବାବେଳେ ଉତ୍ତରପ୍ରଦେଶ ସରକାର ସେମାନଙ୍କୁ ସମ୍ପତ୍ତି ଅଧିକାର ଦେଇଛନ୍ତି। ଏଣିକି ସେମାନେ ଉତ୍ତରାଧିକାର ସୂତ୍ରରେ ଚାଷଜମି ଉପରେ ଅଧିକାର ପାଇପାରିବେ। ଉତ୍ତରପ୍ରଦେଶ ରାଜସ୍ୱ ଆଇନ ୨୦୦୬ରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହି ସଂଶୋଧନ ଅନୁଯାୟୀ କିନ୍ନରଙ୍କୁ ପରିବାରର ସଦସ୍ୟ ଭାବେ ସ୍ୱୀକୃତି ମିଳିବା ସହ କୃଷି ସମ୍ପତ୍ତି ଉପରେ ସମାନ ଅଧିକାର ମିଳିବ। ୨୦୧୯ ମାର୍ଚ୍ଚରେ ରାଜ୍ୟ ଆଇନ କମିଶନ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ସଂଶୋଧନ ଆଇନର ଚିଠା ପ୍ରସ୍ତାବ ଦେଇଥିଲେ।

## ଇନ୍ଦୋର ସବୁଠୁ ସ୍ୱଚ୍ଛ ସହର

**୬ ସହରକୁ ପଞ୍ଚତାରକା ରେଟିଂ**

ନୂଆଦିଲ୍ଲୀ, ୨୦।୮(ଆଇଏଏନ୍ଏସ୍)



ମଧ୍ୟପ୍ରଦେଶର ଇନ୍ଦୋର ସହର ଚତୁର୍ଥ ଥର ପାଇଁ ଭାରତର ସବୁଠୁ ସ୍ୱଚ୍ଛ ସହର ମାନ୍ୟତା ହାସଲ କରିଥିବାବେଳେ ଛତିଶଗଡ଼ ଦ୍ୱିତୀୟ ଥର ପାଇଁ ସବୁଠୁ ସ୍ୱଚ୍ଛ ରାଜ୍ୟର ପରିଚୟ ପାଇଛି। ଇନ୍ଦୋର, ଅମ୍ବିକାପୁର, ନଭି ମୁମ୍ବାଇ, ସୁରଟ, ରାଜକୋଟ ଏବଂ ମହୀଶୂର ସହରକୁ ପଞ୍ଚତାରକା ରେଟିଂ ମିଳିଛି। ସେହିପରି ୮୬ ସହରକୁ ତିନିତାରକା ଏବଂ ୬୪ ସହରକୁ ଏକତାରକା ମାନ୍ୟତା ମିଳିଥିବା ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ଘୋଷଣା କରିବା ଅବସରରେ ଏହି ସୂଚନା ଦେଇଛନ୍ତି। ୨୦୧୪ରେ ଆରମ୍ଭ ହୋଇଥିବା ସ୍ୱଚ୍ଛ ଭାରତ ଅଭିଯାନର ପ୍ରଦର୍ଶନକୁ ଅନୁଧ୍ୟାନ କରିବା ଲାଗି ୪,୨୪୨ ସହର, ୬୨ କ୍ୟାଣ୍ଟନମେଣ୍ଟ ବୋର୍ଡ ଏବଂ ୯୨ ଗଙ୍ଗା ସହରକୁ ନେଇ ଏହି ସର୍ଭେ କରାଯାଇଥିଲା। ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ବର୍ଗରେ ସର୍ବଶ୍ରେଷ୍ଠ ସ୍ୱଚ୍ଛ ସହର ତାଲିକାର ପ୍ରଥମ ସ୍ଥାନରେ ଇନ୍ଦୋର ରହିଥିବାବେଳେ ସୁରଟ ଓ ନଭି ମୁମ୍ବାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଶହେରୁ ଅଧିକ ପୌରସଂସ୍ଥା ଥିବା ରାଜ୍ୟ ବର୍ଗରେ ଛତିଶଗଡ଼ ସବୁଠୁ ସ୍ୱଚ୍ଛ ରାଜ୍ୟ ବିବେଚିତ ହୋଇଥିବାବେଳେ ଶହେରୁ କମ୍ ପୌରାଞ୍ଚଳ ଥିବା ବର୍ଗରେ ଝାଡ଼ଖଣ୍ଡକୁ ସବୁଠୁ ସ୍ୱଚ୍ଛ ରାଜ୍ୟର ପୁରସ୍କାର ମିଳିଛି। ଅହମଦାବାଦକୁ ଭାରତର ସବୁଠୁ ସ୍ୱଚ୍ଛ ମେଗା ସହର ପୁରସ୍କାର ଏବଂ ଛତିଶଗଡ଼ର ଅମ୍ବିକାପୁରକୁ ସ୍ୱଚ୍ଛ କ୍ଷୁଦ୍ର ସହର ମାନ୍ୟତା ମିଳିଛି। ନୂଆଦିଲ୍ଲୀ ମ୍ୟୁନିସିପାଲ କାଉନସିଲ୍ ସ୍ୱଚ୍ଛ ରାଜଧାନୀ ସହର ବିବେଚିତ ହୋଇଥିବାବେଳେ ବେଙ୍ଗାଲୁରୁ ମେଗା ସିଟି ବର୍ଗରେ ଶ୍ରେଷ୍ଠ ସେଲ୍ଫ ସଷ୍ଟେନେବିଲିଟି ପୁରସ୍କାର ମିଳିଛି। ବାରାଣସୀକୁ ସବୁଠୁ ସ୍ୱଚ୍ଛ ଗଙ୍ଗା ସହର ମାନ୍ୟତା ମିଳିଛି।

୧୦୦ରୁ ଅଧିକ ପୌରସଂସ୍ଥା ଥିବା ବର୍ଗରେ ସ୍ୱଚ୍ଛ ରାଜ୍ୟ ଦ୍ୱିତୀୟ ସ୍ଥାନରେ ମହାରାଷ୍ଟ୍ର ଓ ତୃତୀୟରେ ମଧ୍ୟପ୍ରଦେଶ ରହିଛି। ୧୦୦ରୁ କମ୍ ପୌରସଂସ୍ଥା ଥିବା ବର୍ଗରେ ସ୍ୱଚ୍ଛ ରାଜ୍ୟ ଦ୍ୱିତୀୟ ସ୍ଥାନରେ ହରିୟାଣା ଓ ତୃତୀୟ ସ୍ଥାନରେ ଉତ୍ତରାଖଣ୍ଡ ରହିଛି। ସେହିପରି ଏକଲକ୍ଷରୁ କମ୍ ଜନସଂଖ୍ୟା ଥିବା ସହର ବର୍ଗରେ ମହାରାଷ୍ଟ୍ରର କରଡ ସବୁଠୁ ସ୍ୱଚ୍ଛ ଭାବେ ପୁରସ୍କୃତ ହୋଇଥିବାବେଳେ ସେହି ରାଜ୍ୟର ସସ୍ୱାଦ ସହର ଦ୍ୱିତୀୟ ସ୍ଥାନ ପାଇଛି। ୧୦୦ରୁ ଊର୍ଦ୍ଧ୍ୱ ପୌରସଂସ୍ଥା ଥିବା ରାଜ୍ୟ ବର୍ଗରେ ଓଡ଼ିଶା ଫାଷ୍ଟେଷ୍ଟ ମୁଭର ଷ୍ଟେଟ୍ ଭାବେ ପୁରସ୍କୃତ ହୋଇଛି। ଏହି ର୍ୟାଙ୍କିଙ୍ଗ୍‌ରେ ଓଡ଼ିଶା ଅଷ୍ଟମ ସ୍ଥାନରେ ରହିଛି। ମଧ୍ୟମବର୍ଗ ସ୍ୱଚ୍ଛ ସହର ମଧ୍ୟରେ ବ୍ରହ୍ମପୁର ପୁରସ୍କୃତ ହୋଇଛି ।

## ଲଶ୍କର କମାଣ୍ଡରଙ୍କ ସମେତ ୩ ଆତଙ୍କବାଦୀ ନିହତ

ଶ୍ରୀନଗର, ୨୦।୮

ଜମ୍ମୁ-କଶ୍ମୀରର ବାରାମୁଲ୍ଲା ଜିଲା ଅନ୍ତର୍ଗତ କ୍ରିରିରେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନର କମାଣ୍ଡର ସଜ୍ଜାଦ ହାଇଦରଙ୍କ ସମେତ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସଜ୍ଜାଦ ଉତ୍ତର କଶ୍ମୀରରେ ଲଶ୍କରର ମୁଖ୍ୟ କମାଣ୍ଡର ଥିଲେ। ଅନେକ ଆତଙ୍କବାଦୀ କାର୍ଯ୍ୟରେ ସେ ସମ୍ପୃକ୍ତ ଥିଲେ ଓ ସ୍ଥାନୀୟ ଯୁବକମାନଙ୍କୁ ଜିହାଦ ଲାଗି ଅନୁପ୍ରାଣିତ କରୁଥିଲେ। ତାଙ୍କ ସହ ପାକ୍ ଆତଙ୍କବାଦୀ ଉସ୍‌ମାନ ଓ କଶ୍ମୀରର ଅନୈତୁଲ୍ଲା ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ନିହତ ହୋଇଥିବା ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲ୍‌ବାଗ ସିଂ ପ୍ରକାଶ କରିଛନ୍ତି। ଗତ ୪ଦିନରେ ୩ ଅପରେଶନ କରାଯାଇଥିବାବେଳେ ୬ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। କଶ୍ମୀରରେ ସକ୍ରିୟ ଥିବା ଟପ୍ ୧୦ ଆତଙ୍କବାଦୀଙ୍କ ମଧ୍ୟରୁ ତାଲିକାଭୁକ୍ତ ଥିବା ୪ ଜଣ ନିହତ ହୋଇଛନ୍ତି ବୋଲି ଡିଜିପି କହିଛନ୍ତି। ଗତ କିଛିଦିନ ହେବ ସର୍ଚ୍ଚ ଅପରେଶନ ଜାରି ରହିଛି। ବିଭିନ୍ନ କାର୍ଯ୍ୟକଳାପ ଉପରେ ନଜର ରଖାଯାଇ ଆତଙ୍କବାଦୀଙ୍କୁ ଧରିବା ଲାଗି ପ୍ରୟାସ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI

ଶୁକ୍ରବାର, ଅଗଷ୍ଟ ୨୧/୨୦୨୦ | Friday, August 21/2020 | ପୃଷ୍ଠା-୧



## ଆଥିୟାଙ୍କ ଫଟୋ ପୋଷ୍ଟରେ କମେଣ୍ଟକୁ ନେଇ ଚର୍ଚ୍ଚା

ଅଭିନେତ୍ରୀ ଆଥିୟା ସେଟ୍ଟୀ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଫଟୋ ପୋଷ୍ଟ କରିଛନ୍ତି। ଏହା ଉପରେ କ୍ରିକେଟର କେ.ଏଲ. ରାହୁଲଙ୍କ ପ୍ରତିକ୍ରିୟାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

୦୮

୧୨

## ବିଳମ୍ବରେ ୟୁଏଇ ଯିବେ ହରଭଜନ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳିବାକୁ ବିଳମ୍ବରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଯିବେ ଭେଟେରାନ ଅଫ୍-ସ୍ପିନର ହରଭଜନ ସିଂ।



# ବର୍ଷା ବିପ୍ଳାତ: ଫୁଲୁଛି ନଦୀ

- ୨ ମୃତ, ଘର ଭାଙ୍ଗିଲା, ରାସ୍ତା ଧୋଇନେଲା
- ୧୦ ଜିଲାରେ ପ୍ରବଳ ବର୍ଷିଲା
- ସାଲେପୁରରେ ୩୦୦ ମି.ମି. ବର୍ଷା
- ବନ୍ୟା ସମ୍ଭାବନା ନାହିଁ: ଏସ୍‌ଆର୍‌ସି

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ରାଜ୍ୟରେ ବର୍ଷା ବିପ୍ଳାତ ସୃଷ୍ଟି କରିଛି। ଫଳରେ ରାଜ୍ୟର ଅଧିକାଂଶ ନଦୀ ଫୁଲିବାରେ ଲାଗିଛି। ଗତ ଦୁଇଦିନ ଧରି ପ୍ରବଳ ବର୍ଷା ଯୋଗୁ କେତେକ ଜିଲାରେ ରାସ୍ତାଘାଟ ଧୋଇ ନେବା ସହିତ ଚାଷଜମି ମଧ୍ୟ ଜଳମଗ୍ନ ହୋଇଛି। ଆଉ କେତେକ ସ୍ଥାନରେ କଚ୍ଚାଘର ଭାଙ୍ଗିବା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ମୟୂରଭଞ୍ଜ ଜିଲାରେ ନଦୀରେ ଭାସି ଯାଇ ଜଣେ ମୃତ ଓ ଜଣେ ନିଖୋଜ ଥିବା ଜଣାପଡ଼ିଛି। କେତେକ ତଳିଆ ଅଞ୍ଚଳ ବୁଡିରହିଛି।

ରାଜ୍ୟର ୧୦ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନବରଙ୍ଗପୁରରେ ସର୍ବାଧିକ ୧୩୦.୬ ମିଲିମିଟର ବର୍ଷା ହୋଇଥିବା ବେଳେ କଟକ ୧୧୭.୨, ଯାଜପୁର ୧୧୧.୮, କୋରାପୁଟ ୧୦୦.୮, କେନ୍ଦ୍ରାପଡ଼ା ୧୦୦.୨, ମାଲକାନଗିରି ୯୮.୫, କଳାହାଣ୍ଡି ୮୮.୭, ଢେଙ୍କାନାଳ ୮୭, ଜଗତ୍‌ସିଂହପୁର ୮୬.୩ ଏବଂ ଭଦ୍ରକ ଜିଲାରେ ୮୫.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅନ୍ୟ ୨୦ଟି ଜିଲାରେ ମଧ୍ୟ ୭୦ରୁ ୧୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହୋଇଛି। ଗଜପତି ଜିଲାରେ ୧୪.୪ ମିଲିମିଟର ବର୍ଷା ହୋଇଥିବା ବେଳେ ଗଞ୍ଜାମରେ ୧୦.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ତେବେ ରାଜ୍ୟରେ ହାରାହାରି ୫୮.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯଦି ବ୍ଲକଗୁଡ଼ିକୁ ହିସାବକୁ ନିଆଯାଏ ତେବେ ରାଜ୍ୟର ୫ଟି ☞ପୃଷ୍ଠା–୨



ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟଠାରେ ବୈତରଣୀ ନଦୀରେ ପ୍ରବାହିତ ବନ୍ୟା ଜଳ। (ରିପୋର୍ଟ: ପୃଷ୍ଠା–୩)

## ୫ ଜିଲାକୁ ରେଡ୍ ୱାର୍ନିଂ

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ଅଗଷ୍ଟ ୧୯ରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟରେ ଦୁଇଦିନ ହେଲା ପ୍ରବଳ ବର୍ଷିଛି। ମୌସୁମୀ ବାୟୁ ସକ୍ରିୟ ଥିବାରୁ ୨୨ ତାରିଖ ଯାଏ ବର୍ଷା ଜାରି ରହିବ। ୨୩ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସମ୍ଭାବନା ଥିବାରୁ ୨୭ ତାରିଖ ଯାଏ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଏଥି ଲାଗି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ସୁନ୍ଦରଗଡ଼ ଏବଂ ଦେବଗଡ଼ ଜିଲାକୁ ରେଡ୍ ☞ପୃଷ୍ଠା–୨

## ପ୍ରଶାନ୍ତଙ୍କ ଆବେଦନ ଖାରଜ
## ୨- ୩ ଦିନ ଚିନ୍ତା କର



ପ୍ରଶାନ୍ତ ଭୂଷଣ

**ନୂଆଦିଲ୍ଲୀ, ୨୦।୮(ପି.ଟି.):** ଅଦାଲତ ଅବମାନନା ମାମଲାରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କୁ ସୁପ୍ରିମକୋର୍ଟର ୩ ଜଣିଆ ଖଣ୍ଡପୀଠ ଦୋଷୀ ସାବ୍ୟସ୍ତ କରିଥିବାବେଳେ ଗୁରୁବାର ଦଣ୍ଡ ଶୁଣାଣି ଥିଲା। ହେଲେ ଦେଶବ୍ୟାପୀ ପ୍ରଶାନ୍ତଙ୍କ ପ୍ରତି ସମର୍ଥନ ବୃଦ୍ଧି ପାଇଥିବାବେଳେ ସୁପ୍ରିମକୋର୍ଟ ବିଚାରପତିଙ୍କ କାର୍ଯ୍ୟକଳାପ ବିରୋଧରେ ବାତାବରଣ ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟ ପ୍ରଶାନ୍ତଙ୍କୁ କ୍ଷମା ମାଗିବା ପାଇଁ କହିଥିଲେ ମଧ୍ୟ ସେ ତାହାକୁ ଅସ୍ୱୀକାର କରିଥିଲେ। ଫଳରେ ଗୁରୁବାର ସୁପ୍ରିମକୋର୍ଟ ରାୟ ଦେବା ପରିବର୍ତ୍ତେ ଏଥିପାଇଁ ଚିନ୍ତା କରିବାକୁ ଆଉ ୨/୩ ଦିନ ସମୟ ଦେଇଛନ୍ତି। ଅପରପକ୍ଷରେ ଦଣ୍ଡବିଧାନ ଶୁଣାଣି ବୃହତର ଖଣ୍ଡପୀଠରେ କରିବା ପାଇଁ ପ୍ରଶାନ୍ତ କରିଥିବା ଆବେଦନକୁ ଅଦାଲତ ଖାରଜ କରିଦେଇଛନ୍ତି। ଦୋଷୀସାବ୍ୟସ୍ତ ରାୟ ବିରୋଧରେ ସେ କରିଥିବା ରିଭ୍ୟୁ ପିଟିଶନ ଉପରେ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ପ୍ରଶାନ୍ତଙ୍କୁ ଦଣ୍ଡବିଧାନ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

## ଗଳାବାଟ ବନ୍ଦ କର

## ୧୦ ପଇସା ବଢ଼ିଲା ପେଟ୍ରୋଲ

ଭୁବନେଶ୍ୱର,୨୦।୮




ଗୁରୁବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦ ପଇସା ବୃଦ୍ଧି ଘଟିଛି। ଫଳରେ ଏହାର ଦର ୮୧.୫୪ ଟଙ୍କା ଛୁଇଁଛି। ଏଠାରେ ଡିଜେଲ ଦର ୮୦.୦୩ ଟଙ୍କାରେ ଅପରିବର୍ତ୍ତିତ ରହିଛି। ଏହା ପୂର୍ବରୁ ଲଗାତର ୩ ଦିନ ପେଟ୍ରୋଲ ଦର ବଢ଼ିଥିଲା। ରବିବାର ପେଟ୍ରୋଲ ଦର ୧୨ ପଇସା ବଢ଼ିଥିବା ବେଳେ ସୋମବାର ଦର ୧୫ ପଇସା ଏବଂ ମଙ୍ଗଳବାର ୧୪ ପଇସା ବୃଦ୍ଧି ଘଟିଥିଲା। ଗତ ଏକ ମାସ ହେବ ତେଲ ଦର ନିୟନ୍ତ୍ରଣରେ ରହିଥିବା ବେଳେ ଏଥିରେ ବର୍ତ୍ତମାନ ବୃଦ୍ଧି ଘଟୁଥିବା ଜଣାପଡିଛି। ☞ପୃଷ୍ଠା–୨

## ଓଡ଼ିଶା ଦ୍ରୁତ ଅଗ୍ରଗାମୀ ରାଜ୍ୟ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

**ସ୍ୱଚ୍ଛ ସର୍ବେକ୍ଷଣ-୨୦୨୦ ତାଲିକାରେ ପ୍ରଥମ**

- ବ୍ରହ୍ମପୁର ମହାନଗର ନିଗମ ପୁରସ୍କୃତ
- ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ସମସ୍ତ ରାଜ୍ୟକୁ ପଛରେ ପକାଇ ଓଡ଼ିଶା ସ୍ୱଚ୍ଛ ସର୍ବେକ୍ଷଣ–୨୦୨୦ରେ ଦ୍ରୁତ ଅଗ୍ରଗାମୀ ରାଜ୍ୟ ତାଲିକାରେ ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଏହି ଘୋଷଣା କରିଛନ୍ତି। କଠିନ ବର୍ଜ୍ୟବସ୍ତୁ ଓ ବର୍ଜ୍ୟଜଳ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡ଼ିଶାକୁ ଏହି ସଫଳତା ମିଳି ପାରିଛି। ସେହିପରି ବ୍ରହ୍ମପୁର ମହାନଗର ନିଗମକୁ ମଧ୍ୟମ ବର୍ଗରେ ଅଭିନବ ଯୋଜନା ନିମନ୍ତେ ପୁରସ୍କୃତ କରାଯାଇଛି।

କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦ ଫଳାଫଳ ଘୋଷଣା କରାଯାଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀ ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଭିଡିଓ କନଫରେନ୍ସ ଜରିଆରେ ଆୟୋଜିତ ଉତ୍ସବରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବିଭାଗର ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ପୁରସ୍କାର ଗ୍ରହଣ କରିଛନ୍ତି। ☞ପୃଷ୍ଠା–୨



**ଆଜିର ମନ୍ତବ୍ୟ**

"ଗତ ୬ ବର୍ଷ ମଧ୍ୟରେ ମୋଦି ସରକାର ଅସଙ୍ଗଠିତ ଅର୍ଥନୀତିକୁ ଧ୍ୱଂସ କରିଦେଇଛନ୍ତି।
– ରାହୁଲ ଗାନ୍ଧୀ, ବରିଷ୍ଠ କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ବର୍ଷା ବିତ୍ପାତ:...

ବ୍ଲକରେ ୨୦୦ରୁ ୩୦୦ ମିଲିମିଟର ବର୍ଷା ହୋଇଛି। କଟକ ଜିଲା ସାଲେପୁର ବ୍ଲକରେ ସର୍ବାଧିକ ୩୦୦ ମିଲିମିଟର ବର୍ଷା ହୋଇଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକରେ ୨୯୭.୫ ମିଲିମିଟର ବର୍ଷା ହୋଇଛି। ସେହିପରି କଳାହାଣ୍ଡି ଜିଲାର ଥୁଆମୁଲରାମପୁର ବ୍ଲକରେ ୨୨୯.୪ ମିଲିମିଟର ବର୍ଷା ହୋଇଥିବା ବେଳେ ନବରଙ୍ଗପୁର ଜିଲାର ପାପଡ଼ାହାଣ୍ଡିରେ ୨୮୦ ଏବଂ ନବରଙ୍ଗପୁର ବ୍ଲକରେ ୨୪୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ୪୭ ବ୍ଲକରେ ୧୦୦ରୁ ୨୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ୮୫ ବ୍ଲକରେ ୫୦ରୁ ୧୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର ଗୁରୁବାର ଭିଡିଓକନ୍‌ଫରେନ୍ସରେ ବିଭିନ୍ନ ଜିଲାର ଜିଲାପାଳଙ୍କ ସହ ରାଜ୍ୟର ବର୍ଷା ଓ ବନ୍ୟା ସ୍ଥିତି ନେଇ ଆଲୋଚନା କରିଛନ୍ତି। ପ୍ରବଳ ବର୍ଷା ଯୋଗୁ ରାଜ୍ୟର କେତେକ ନଦୀରେ ଜଳ ସ୍ତର ବୃଦ୍ଧି ପାଇବାରେ ଲାଗିଛି। ତେବେ ବର୍ତ୍ତମାନ ବନ୍ୟା ପରିସ୍ଥିତିର ସମ୍ଭାବନା ନାହିଁ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି।

ଭଦ୍ରକ ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀର ଜଳସ୍ତର ଗୁରୁବାର ସକାଳୁ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ବାଲେଶ୍ୱର ଜିଲାରେ ଥିବା ଜଳକା ନଦୀ ବସ୍ତା ବ୍ଲକର ମଥାନୀ ଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାଦ୍ୱାରା କୌଣସି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ନାହିଁ। କେନ୍ଦ୍ରାପଡ଼ା ଜିଲାର କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅଞ୍ଚଳରେ ୩ ତଳିଆ ଅଞ୍ଚଳରେ ବର୍ଷାଜଳ ଜମି ରହିଛି। ଏ ସବୁ ଅଞ୍ଚଳରୁ ପାଣିପମ୍ପ ଜରିଆରେ ଜଳ ନିଷ୍କାସନ କରାଯାଇଛି। ସେହିପରି ଆଳି ବ୍ଲକର ମାନପୁର-ଗୋବିନ୍ଦପୁର ଗ୍ରାମ୍ୟ ରାସ୍ତାର କେତେକ ସ୍ଥାନ ବର୍ଷା ଜଳରେ ବୁଡି ରହିଛି। ସିଂହା ପଞ୍ଚାୟତର ବରୋଳିଆ ଗ୍ରାମ ଓ ପେଣ୍ଠପାଳ ପଞ୍ଚାୟତର କୋଳଥିଆ ଗ୍ରାମର ପଞ୍ଚାୟତ ରାସ୍ତା ବର୍ଷାପାଣିରେ ବୁଡି ରହିଛି। ମାଲକାନଗିରି ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ମଧ୍ୟମ ଧରଣର ବର୍ଷା ହୋଇଛି। ଫଳରେ କାଲିମେଲା ବ୍ଲକର କଙ୍ଗାରୁକୋଣ୍ଡା ଓ କନ୍ୟାଶ୍ରମ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଛି। ଏହି ଜିଲାର ଅନେକ ଅଞ୍ଚଳର ଚାଷଜମି ଜଳମଗ୍ନ ହୋଇଛି। ମୟୂରଭଞ୍ଜ ଜିଲାରେ ବର୍ଷା ଯୋଗୁ ଦୁଇଟି ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ବିଜାତୋଳା ବ୍ଲକରେ କେତେକ ଘର କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ବଣ୍ଟନ କରାଯାଇଛି। ବୁଧବାର ସନ୍ଧ୍ୟାରେ ଜମ୍ବିରା ନଦୀର ଗୋଲମୁହାଁ ଘାଟରେ ନଦୀ ପାର ହେବା ସମୟରେ ଗଣଗୁହଳି ଗ୍ରାମର ଦୁଇଜଣ ବ୍ୟକ୍ତି ବୁଦ୍ଧେଶ୍ୱର ମାଝି ଓ ବିରାମ ମାରାଣ୍ଡିଙ୍କ ଭାସିଯାଇ ମୃତ୍ୟୁ ଘଟିଛି। କଳାହାଣ୍ଡି ଜିଲାର ଧର୍ମଗଡ଼ ବ୍ଲକାର ବଡ଼ ବାସୁଳ ଠାରେ ହଲେର ଯୋର ୩ଫୁଟ୍ ଉପରେ ପ୍ରବାହିତ ହେଉଛି। ଫଳରେ ଜୁନାଗଡ଼ ଓ ଧର୍ମଗଡ଼ ଜାତୀୟ ରାଜପଥରେ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ହାତୀନଦୀର ବିରିପୁର ଓ ମାଟିଖାଲ ଠାରେ ବନ୍ୟା ଜଳସ୍ତର ବୃଦ୍ଧି ପାଉଥିବାରୁ ତହସିଲଦାର ଓ ବିଡିଓ ଏହା ଉପରେ ନଜର ରଖିଛନ୍ତି। ସେହିପରି ନବରଙ୍ଗପୁର ଜିଲାର ଇନ୍ଦ୍ରାବତୀ ଓ ଭାସ୍କେଲ ନଦୀର ଜଳସ୍ତର ବୃଦ୍ଧି ପାଉଛି। ମାତ୍ର ସେଠାରେ ବନ୍ୟା ପରିସ୍ଥିତିର ଆଶଙ୍କା ନାହିଁ। କନ୍ଧମାଳ ଜିଲାରେ ବୃଷ୍ଟିପାତ ଯୋଗୁ ୩ଟି ବାସଗୃହ କ୍ଷତି ହୋଇଛି। ସ୍ଥାନୀୟ ପ୍ରଶାସନ ଦ୍ୱାରା ଆକଳନ ଚାଲୁରହିଛି। କୋରାପୁଟ ଜିଲାର କୁନ୍ଦ୍ରା ବ୍ଲକର ଘେରିଗୁଡା ଠାରେ ରାସ୍ତା ବିଚ୍ଛିନ୍ନ ହୋଇଥିଲା। ଗୁରୁବାର ସେଠାରେ ଗମନାଗମନ ସ୍ୱାଭାବିକ ହୋଇଛି। ସେହିପରି ବୌଦ୍ଧ ଜିଲା ବୌଦ୍ଧ ବିଜ୍ଞାପିତ ଅଞ୍ଚଳରେ ଏକ ଗ୍ରାମ ମହାନଦୀରେ ପାଣି ଆସିବା ଯୋଗୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେଠାରେ ଜନସାଧାରଣଙ୍କ ଯାତାୟାତ ପାଇଁ ଡଙ୍ଗା ବ୍ୟବସ୍ଥା କରାଯାଇଛି। ଖୋର୍ଦ୍ଧା ଜିଲାର ରାଜୁଆ ଓ ଦୟାନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁ ଜଟଣୀ ବ୍ଲକର କିଛି ଚାଷଜମି ଓ ରାସ୍ତା ଜଳମଗ୍ନ ହୋଇଛି। ବର୍ଷା ଯୋଗୁ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବଂଶଧାରା ନଦୀରେ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗିଛି।

## ୫ ଜିଲାକୁ...

ୱାର୍ନିଂ ଜାରି କରିଛି ପାଣିପାଗ ବିଭାଗ। ଅନ୍ୟପଟେ ଲଘୁଚାପ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା, ଝାଡ଼ଖଣ୍ଡ ଉପରକୁ ଚାଲିଯାଇଥିବାରୁ ଗୁରୁବାର ରାଜ୍ୟରେ ବର୍ଷା ପରିମାଣ କମିଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଏଥି ପାଇଁ ପାଣିପାଗ ବିଭାଗ ପକ୍ଷରୁ ସମ୍ପୃକ୍ତ ଜିଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହ ସମସ୍ତ ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୧୦ ପଇସା...

ଦେଶର ମେଟ୍ରୋ ସହରଗୁଡିକ କଥା ବିଚାରକଲେ ସବୁ ସ୍ଥାନରେ ପେଟ୍ରୋଲ ଦର ପ୍ରାୟ ୧୦ ପଇସା ବଢ଼ିଛି। ନୂଆଦିଲ୍ଲୀରେ ପେଟ୍ରୋଲର ଲିଟର ପିଛା ଦର ୮୨.୫୩ ଟଙ୍କା ରହିଛି। ସେହିଭଳି ଚେନ୍ନାଇରେ ପେଟ୍ରୋଲ ୮୪.୦୯ ଟଙ୍କା ଥିବା ବେଳେ କୋଲକାତାରେ ୮୧.୦୦ ଟଙ୍କା ଏବଂ ମୁମ୍ବାଇରେ ୮୭.୬୮ ଟଙ୍କା ରହିଛି। ଏହାବାଦ ଏହି ସହରଗୁଡିକରେ ଡିଜେଲ ଦର ଯଥାକ୍ରମେ ୭୭.୦୬ ଟଙ୍କା, ୭୮.୮୬ ଟଙ୍କା, ୭୩.୫୬ ଟଙ୍କା ଏବଂ ୯୦.୧୧ ଟଙ୍କା ରହିଛି। ବର୍ତ୍ତମାନ ଦେଶର ବିଭିନ୍ନ ପ୍ରାନ୍ତରେ ତେଲ ଦର ଭିନ୍ନ ରହୁଥିବା ନଜରକୁ ଆସିଛି। ଅଶୋଧିତ ତେଲ ଦର ବୃଦ୍ଧି ଏବଂ ବିଦେଶୀ ବିନିମୟକୁ ନଜରରେ ରଖି ଦର ନିର୍ଦ୍ଧାରଣ ହେଉଥିବାରୁ ରିଟେଲ ଦରରେ ଭିନ୍ନତା ପରିଲକ୍ଷିତ ହେଉଛି। ରାଷ୍ଟ୍ରାୟତ୍ତ କମ୍ପାନୀ ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ ଭଳି କମ୍ପାନୀଗୁଡିକ ତେଲ ଦରରେ ପରିବର୍ତ୍ତନକୁ ପ୍ରତିଦିନ ସକାଳ ୬ଟାରେ ଲାଗୁ କରିଥାନ୍ତି।

## ଓଡ଼ିଶା ଦ୍ରୁତ...

ବ୍ରହ୍ମପୁର ମହାନଗର ନିଗମ ପାଇଁ ଗଞ୍ଜାମ ଜିଲାପାଳ ଓ ମହାନଗର ନିଗମ କମିଶନର ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସଫଳତା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ବ୍ରହ୍ମପୁର ମହାନଗର ନିଗମକୁ ଶୁଭେଚ୍ଛା ଜଣାଇଛନ୍ତି। ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର, ମ୍ୟାଟେରିଆଲ ରିକଭରି ଫାସିଲିଟି ଆଦି ବିକେନ୍ଦ୍ରୀକୃତ ବ୍ୟବସ୍ଥା ମାଧ୍ୟମରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ତରଳ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରାଯାଉଛି। ମୋ ଖତ ଯୋଜନାରେ ଜୈବିକ ଖତ ପ୍ରସ୍ତୁତି, ବିକେନ୍ଦ୍ରୀକୃତ ମଳ ପରିଚାଳନା, ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ସହଭାଗିତା ସ୍ୱଚ୍ଛ ଓ ସୁସ୍ଥ ଓଡ଼ିଶା ଗଢ଼ିବା ଲକ୍ଷ୍ୟକୁ ସୁଦୃଢ କରିପାରିଛି ବୋଲି ମନ୍ତ୍ରୀ କହିଛନ୍ତି। ପୁରସ୍କାର ଗ୍ରହଣ ପରେ ମନ୍ତ୍ରୀ ଜେନା ମୁଖ୍ୟମନ୍ତ୍ରୀଙ୍କୁ ଏହି ସଫଳତା ପାଇଁ କୃତଜ୍ଞତା ଜଣାଇଛନ୍ତି। ୨୦୧୬ରୁ ଦେଶରେ ଆରମ୍ଭ ହୋଇଥିବା ସ୍ୱଚ୍ଛ ସର୍ବେକ୍ଷଣ ମାଧ୍ୟମରେ ସହରଗୁଡ଼ିକରେ ପୌର ସେବା ବ୍ୟବସ୍ଥାର ଉନ୍ନତି, ନାଗରିକମାନଙ୍କ ସକ୍ରିୟ ଅଂଶଗ୍ରହଣ, ପରିମଳ ବ୍ୟବସ୍ଥାକୁ ବଜାୟ ରଖିବା ଲାଗି ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ୨୦୧୬ରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ୭୩ ସହରରେ ଏହି ସର୍ବେକ୍ଷଣ କରାଯାଇଥିବା ବେଳେ ୧ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୪୩୪ଟି ସହରକୁ ସାମିଲ କରାଯାଇଥିଲା। ସେହିପରି ୨୦୧୮ରେ ୪୨୦୩ ସହରରେ ଏହି ସର୍ବେକ୍ଷଣ ହୋଇଥିଲା। ୨୦୨୦ରେ ସର୍ବେକ୍ଷଣରେ ୪୨୪୨ଟି ସହରକୁ ଅନ୍ତର୍ଭୁକ୍ତ କରାଯାଇଛି। ୨୮ ଦିନ ମଧ୍ୟରେ ଏହି ସର୍ଭେ କରାଯାଇଛି।

## ୨- ୩ ଦିନ...

କରାଯିବ ନାହିଁ ବୋଲି ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ପ୍ରତିଶ୍ରୁତି ଦେଇଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ବି.ଆର୍. ଗାଭି ଏବଂ କ୍ରିଷ୍ଣ ମୁରାରୀ ରହିଛନ୍ତି। ନ୍ୟାୟପାଳିକା ବିରୋଧରେ ଅଦାଲତ ଅବମାନନା ଟୁଇଟ୍ ପାଇଁ କ୍ଷମା ମାଗିବାକୁ ପ୍ରଶାନ୍ତ ଭୂଷଣ ମନା କରିଦେଇଥିବାରୁ ଏଭଳି ଅବଜ୍ଞାପୂର୍ଣ୍ଣ ମନ୍ତବ୍ୟର ପୁନର୍ବିଚାର ଲାଗି ଅଦାଲତ ତାଙ୍କୁ ଦୁଇ ତିନି ଦିନ ସମୟ ଦେଇଛନ୍ତି। ପ୍ରଶାନ୍ତ ତାଙ୍କ ଓକିଲମାନଙ୍କ ସହ ପରାମର୍ଶ କରି ଏହା ଉପରେ ନିଷ୍ପତ୍ତି ନେବେ ବୋଲି ଖଣ୍ଡପୀଠକୁ କହିଛନ୍ତି। ଅଦାଲତ ଅବମାନନା ମାମଲାରେ ପ୍ରଶାନ୍ତ ଭୂଷଣ ଦୋଷୀସାବ୍ୟସ୍ତ ହୋଇସାରି ଥିବାରୁ ତାଙ୍କୁ କୌଣସି ଦଣ୍ଡ ନ ଦେବା ପାଇଁ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ତେବେ ପ୍ରଶାନ୍ତ ତାଙ୍କ ପୂର୍ବ ବିବୃତିର ପୁନର୍ବିଚାର ନ କରିବା ପର୍ଯ୍ୟନ୍ତ ବେଣୁଗୋପାଳଙ୍କ ଅନୁରୋଧକୁ ବିଚାରକୁ ନିଆଯିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ଯଦି ପ୍ରଶାନ୍ତ ତାଙ୍କ ଭୁଲ୍ ପାଇଁ ଅନୁତାପ କରନ୍ତି ତେବେ ଅଦାଲତ ନରମ ଆଭିମୁଖ୍ୟ ଗ୍ରହଣ କରିପାରିବେ ବୋଲି ଖଣ୍ଡପୀଠ କହିବା ସହ ପରବର୍ତ୍ତୀ ଶୁଣାଣି ୨୪ରେ କରିବାକୁ ଧାର୍ଯ୍ୟ କରିଛନ୍ତି। ସାଧାରଣତଃ ଅଦାଲତ ଅବମାନନା ମାମଲାରେ ଦୋଷୀସାବ୍ୟସ୍ତ ହେଲେ ୬ ମାସ ପର୍ଯ୍ୟନ୍ତ ଜେଲ, କିମ୍ବା ୨୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା କିମ୍ବା ଉଭୟ ହୋଇପାରେ।

# 'ବାକ୍ ସ୍ୱାଧୀନତା କାହା ପାଇଁ ନିରଙ୍କୁଶ ନୁହେଁ'

**ନୂଆଦିଲ୍ଲୀ, ୨୦।୮ (ଆଇଏଏନ୍ଏସ୍)**

ବାକ୍ ସ୍ୱାଧୀନତା କାହା ପାଇଁ ନିରଙ୍କୁଶ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ଗୁରୁବାର କହିଛନ୍ତି। ନ୍ୟାୟପାଳିକା ବିରୋଧରେ ମର୍ଯ୍ୟାଦାହାନିକାରକ ମନ୍ତବ୍ୟ ଟୁଇଟ୍ କରିଥିବାରୁ ଅଦାଲତ ଅବମାନନା ମାମଲାରେ କୋର୍ଟ ତାଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ଦଣ୍ଡବିଧାନର ଶୁଣାଣି ବେଳେ ଜଷ୍ଟିସ୍ ଅରୁଣ ମିଶ୍ର କହିଥିଲେ, ସମ୍ବିଧାନ ପ୍ରଣେତାମାନେ ନାଗରିକଙ୍କୁ ବାକ୍ ସ୍ୱାଧୀନତା ଅଧିକାର ଦେଇଥିଲେ ହେଁ ଏଥିରେ କେତେକ ସର୍ତ୍ତ ଯୋଡ଼ିଛନ୍ତି। ତେଣୁ ଏହା ନିରଙ୍କୁଶ ନୁହେଁ ବୋଲି ସେ କହିଛନ୍ତି।

# ବିଜେଡିର ୪୫ ସମ୍ପାଦକ ନିଯୁକ୍ତ

**ଭୁବନେଶ୍ୱର,୨୦।୮(ବ୍ୟୁରୋ)**

ବିଜୁ ଜନତା ଦଳ(ବିଜେଡି)ର ସାଙ୍ଗଠନିକ ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪୫ ଜଣଙ୍କୁ ଦଳର ସମ୍ପାଦକ ଓ ୪୧ ଜଣଙ୍କୁ ଯୁଗ୍ମ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ଗୁରୁବାର ଦଳପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କିଶୋର ଚନ୍ଦ୍ର ତରାଇ ଏବଂ ସଂଘମିତ୍ରା ଦଳେଇଙ୍କୁ ଅନୁସୂଚିତ ଜାତି ସଶକ୍ତୀକରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଥିବାବେଳେ ଅନୁଭବ ପଟ୍ଟନାୟକ, କେ. ଶାନ୍ତି ଓ ବିଷ୍ଣୁପ୍ରିୟା ଦାସଙ୍କୁ ମହିଳା ସଶକ୍ତୀକରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି।

ଅମରେଶ ପତ୍ରୀ ଓ ରଞ୍ଜିତ ମହାପାତ୍ରଙ୍କୁ ଯୁବ ବ୍ୟାପାର ସମ୍ପାଦକ, ଅମରଜିତ ସେନାପତି, ମନ୍ଦାକିନୀ କର ଏବଂ ବିଶ୍ୱଜିତ ସାମନ୍ତରାୟଙ୍କୁ ଛାତ୍ର ବ୍ୟାପାର, ଚିନ୍ମୟ ସାହୁ, ଅମରେଶ ଜେନା, ସୌଭାଗ୍ୟ ନାୟକ, ସୁବ୍ରମଣିୟମ ମହାନ୍ତି, ସୁବାସ ମହାରଣା, ଶୈଳେଶ ଡାନିଙ୍କୁ ସଶକ୍ତ ଓଡ଼ିଶା ସମ୍ପାଦକ ଦାୟିତ୍ୱ ମିଳିଛି। ସେହିପରି ରବି ନାରାୟଣ ନନ୍ଦ, ସଂଗ୍ରାମ କେଶରୀ ପାଇକରାୟ, ଶଶୀ ସାହୁ , ପ୍ରୟାସକାନ୍ତି ସାମଲ ଓ ମାରୁତ ପାଲୋଙ୍କୁ କଳା, ସଂସ୍କୃତି, ମାନବ ସମ୍ବଳ, ସେକ୍ ନିଜାମୁଦ୍ଦିନ, ମହମ୍ମଦ ଓକ୍ସୁ ସାକିଲଙ୍କୁ ସଂଖ୍ୟାଲଘୁ ବ୍ୟାପାର ସମ୍ପାଦକ, ଭୁବନେଶ୍ୱର କିଷାନ, ଭାରତୀ ସିଂ ଓ କୃଷ୍ଣଚନ୍ଦ୍ର ଦାସଙ୍କୁ ଆଦିବାସୀ ସଶକ୍ତୀକରଣ/ ସଂଖ୍ୟାଲଘୁ ବ୍ୟାପାର ଦାୟିତ୍ୱ ଦିଆଯାଇଛି। ସୁବାସ ପାତ୍ର, ଦୁର୍ଗା ସାମନ୍ତରାୟ, ଅଜୟ ନାୟକ, ଶିଶିର ପରିଜା ଓ ମୀରା ପରିଡ଼ାଙ୍କୁ ଓଡ଼ିଶା ମୋ ପରିବାର, ପୁଷ୍ପେନ୍ଦ୍ର ସିଂ ଦେଓ, ସରୋଜ କର୍ଣ୍ଣ, ଟି. ପ୍ରସାଦ ରାଓ ଦୋରା ଓ ଜଗଦୀଶ ପାତ୍ରଙ୍କୁ ସାମାଜିକ କଲ୍ୟାଣ ଦାୟିତ୍ୱ ମିଳିଛି। ସେହିପରି ସ୍ୱାଧୀନ ନାୟକ, କୁନାବିହାରୀ ଦାସ, ସନ୍ତୋଷ ପଟ୍ଟନାୟକ ହର୍ଷବର୍ଦ୍ଧନ ସିଂଦେଓ ଓ ରଞ୍ଜିତ ସାହୁଙ୍କୁ ଆଞ୍ଚଳିକ ଉନ୍ନୟନ ଦାୟିତ୍ୱ ଏବଂ ଉତ୍ତର ପାତ୍ର, ତପନ ଦାସ, କୃଷ୍ଣ ପଣ୍ଡା, ତ୍ରିନାଥ ଗୋୟେଲ ଓ ଚନ୍ଦ୍ରକାନ୍ତ ସାମଲଙ୍କୁ ପରିବେଶ ସମ୍ପାଦକ ଦାୟିତ୍ୱ ଦିଆଯାଇଛି।

## ୪୧ ଯୁଗ୍ମ ସମ୍ପାଦକ

**ଭୁବନେଶ୍ୱର,୨୦।୮(ବ୍ୟୁରୋ)**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪୫ ସମ୍ପାଦକଙ୍କ ସହ ୪୧ ଜଣଙ୍କୁ ଯୁଗ୍ମ ସମ୍ପାଦକ ଭାବେ ନିଯୁକ୍ତି ଦେବା ସହ ବିଭିନ୍ନ ଦାୟିତ୍ୱ ଦେଇଛନ୍ତି। ସଞ୍ଜୟ ବାବୁଙ୍କୁ ସଶକ୍ତ ଓଡ଼ିଶା, ସଞ୍ଜିତ ମହାନ୍ତି ପରିବେଶ, ଏମ. ଧନଞ୍ଜୟ ରେଡ୍ଡୀ ଯୁବ ବ୍ୟାପାର, ସନ୍ତୋଷ ବେଜ କଳା, ସଂସ୍କୃତି, ମାନବ ସମ୍ବଳ, ସମୀର ପ୍ରଧାନ ଓଡ଼ିଶା ମୋ ପରିବାର, ଦେବାଶିଷ ସିଟ ଅନୁସୂଚିତ ଜାତି ସଶକ୍ତୀକରଣ, ଜ୍ୟୋତି ରଞ୍ଜନ ଜେନାଙ୍କୁ ଯୁବ ବ୍ୟାପାର ଦାୟିତ୍ୱ ଦେଇଛନ୍ତି। ସେହିପରି ପୃଥ୍ୱୀରାଜ ସାହୁ ଆଦିବାସୀ ସଶକ୍ତୀକରଣ/ସଂଖ୍ୟାଲଘୁ ବ୍ୟାପାର, ପ୍ରକାଶ କୁମାର ଡାଙ୍ଗ ଛାତ୍ର ବ୍ୟାପାର, ଡେଜାଲିନ ମହାପାତ୍ର ମହିଳା ସଶକ୍ତୀକରଣ, ସ୍ୱରାଜ ଲକ୍ଷ୍ମୀ ସାମଲ ମହିଳା ସଶକ୍ତୀକରଣ, ରେଜୱାନ ବେଗମ ସଂଖ୍ୟାଲଘୁ ବ୍ୟାପାର, ସଂଘମିତ୍ରା ଜେନା ମହିଳା ସଶକ୍ତୀକରଣ, ସବିତା ମହାପାତ୍ର ମହିଳା ସଶକ୍ତୀକରଣ, ସବିତା ପ୍ରଧାନ ମହିଳା ସଶକ୍ତୀକରଣ, ଜାହିର ଖାଁଙ୍କୁ ସଂଖ୍ୟା ଲଘୁ ସମ୍ପ୍ରଦାୟ ଦାୟିତ୍ୱ ମିଳିଛି। ପ୍ରଦୀପ ବିଶୋଇ ସାମାଜିକ କଲ୍ୟାଣ, ଚକ୍ରଧର ହେମ୍ବ୍ରମ ଆସିବାସୀ ସଶକ୍ତୀକରଣ/ ସଂଖ୍ୟାଲଘୁ ବ୍ୟାପାର, ଧର୍ମେନ୍ଦ୍ର ଅଧିକାରୀ ପରିବେଶ, ଦିଲ୍ଲୀପ ଧୁରିଆ ଅନୁସୂଚିତ ଜାତି ସଶକ୍ତୀକରଣ, ଅବନୀ ରଞ୍ଜନ ଯୋଶୀ ଆଞ୍ଚଳିକ ଉନ୍ନୟନ, ରାକେଶ ରାମ ଛାତ୍ର ବ୍ୟାପାର, କୈଳାସ ରଣା ସଶକ୍ତ ଓଡ଼ିଶା, ପ୍ରଶାନ୍ତ ନାୟକ ଆଞ୍ଚଳିକ ଉନ୍ନୟନ, ଅଶୋକ ସାହୁ ସାମାଜିକ କଲ୍ୟାଣ ଦାୟିତ୍ୱ ମିଳିଛି। ସେହିପରି ଜଗନ୍ନାଥ ଦାସ କଳା, ସଂସ୍କତି ଓ ମାନବ ସମ୍ବଳ, ହରି ଶଙ୍କର ରାଉତ ଛାତ୍ର ବ୍ୟାପାର, ଦ୍ୟୁମ୍ନନାଥ ପଣ୍ଡା ଆଞ୍ଚଳିକ ଉନ୍ନୟନ, ହିମାଂଶୁ ଦାସ ପରିବେଶ, ସତ୍ୟରଞ୍ଜନ ଦାସ ସାମାଜିକ କଲ୍ୟାଣ, ରାଜକମଳ ଜେନା ସଶକ୍ତ ଓଡ଼ିଶା, ଜ୍ଞାନ ଗିରି ଗୋସ୍ୱାମୀ ପରିବେଶ, ପୁଲକ ମହାନ୍ତି ଆଞ୍ଚଳିକ ଉନ୍ନୟନ, ରାକେଶ ପଣ୍ଡା କଳା, ସଂସ୍କୃତି/ ମାନବ ସମ୍ବଳ, ଗତିକୃଷ୍ଣ ନନ୍ଦ ସାମାଜିକ କଲ୍ୟାଣ, ତନ୍ମୟ ସ୍ୱାଇଁ ଛାତ୍ର ବ୍ୟାପାର, କିଶୋର ନାୟକ ସାମାଜିକ କଲ୍ୟାଣ, ରଞ୍ଜିତ ରାୟ ଓଡ଼ିଶା ମୋ ପରିବାର, ରାଜେଶ ପଣ୍ଡା ପରିବେଶ, ରୁଦ୍ର ସାମନ୍ତରାୟ ଏବଂ ଦୀପ୍ତିକାନ୍ତ ପରିଜାଙ୍କୁ ଓଡ଼ିଶା ମୋ ପରିବାର ଦାୟିତ୍ୱ ଦିଆଯାଇଛି।



**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାଚି ନ ଜାଣି**
**ଅଗଣାର ଦୋଷ।**

ନିଜର ଅପାରଗତା ଘୋଡାଇବା ପାଇଁ ଅନେକେ ବୃଥାରେ ଅନ୍ୟ ଉପରେ ଦୋଷ ଲଦି ଦେଇଥାନ୍ତି। ନିଜେ ଠିକରେ ନାଚି ନ ଜାଣି ଅଗଣାର ଦୋଷ ଦେଖେଇବା ହାସ୍ୟାସ୍ପଦ କଥା ହେବାପରି ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ,ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**


# classifieds

Everyday 0674-2580101, 2549302




**SALE**

CV Raman ପାଖରେ yellow zone ଘରବାରି 3200sqft. plot ବିକ୍ରିହେବ। Contact: 9778928492. D-68362

Gita College ପାଖରେ 200ft. roadକୁ ଲାଗି 4800 sqft. plot ବିକ୍ରିହେବ। Contact: 9937910363. D-68363

3BHK Duplex 36,00,000/- finishing Hanspal, Gharabari plot Atala, Bhingarpur-8093465134 D-69610

ଭୁବନେଶ୍ୱର ନିକଟସ୍ଥ ପିତାପଲ୍ଲୀଛକରେ NH16କୁ ଲାଗି 30ft mainroad ଓ 25ft subroad ଥାଇ BDA ଅନ୍ତର୍ଭୁକ୍ତ ସ୍ଥିତିବାନ ପ୍ଲଟ୍ Electricity, ପାଚେରିସହ ମିଳୁଅଛି। 9090963952. D-69141

3' boundary developed gharabari plot near Synergy College, Phulnakhara. 9937166932. D-69327

Flats sale Jagannathdham Puri, cost 1250. lakhs with fully furnished Bhulaxmi Team. 7978230118, 9668060081. D-69142

Bhubaneswar ସୁନ୍ଦରପଦାରେ ପ୍ଲଟ୍ କିଣି ଆଜି ଘର କରନ୍ତୁ। sqft. 950/. 9938016295. D-69145

ଭୁବନେଶ୍ୱର, ମଞ୍ଚେଶ୍ୱର, ହଂସପାଳ, ପାହାଳ, କେଶୁରାରେ ଘର କଲାଭଳି ଘରବାରି boundary plot ମିଳୁଅଛି। 8249728525, 9090142564. D-69146

Plot sale near Sum Hospital @ 1750/-, Krishnapuri, Malipada 4250 Sq.ft. @ 600/-, One acre Main Road @ 12,00,000/- P Guntha, 7735768268. D-69329

Plot sale near AIIMS Hospital, Bhubaneswar with 30' road. 9439206202. D-69143

Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex-9439889903. D-69144




"Urgently required 1500-2000sqft (ground floor) on rent for Office cum godown purpose at Budheswari Colony, Bhubaneswar. Please contact: 9583009046". D-17986




Get refreshment body massage by expert therapist contact for. 9556978408. D-69722

Herbal full body massage by smart / expert therapist. Contact: 8338067247. D-69719

Newly open full body massage SPA in Bhubaneswar. Contact: 7205058838. D-69720

Newly open SPA centre smart therapist body massage, Bamikhal. 7205187702. D-59957

Newly open SPA centre smart therapist body massage, Rasulgarh. 7846814019. D-59958

Swarna SPA newly open positively health benefits with expert therapist. 7873794731. D-69721

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଗତକାଲି ଯାହା ଆଶା କରୁଥିଲେ ଆଜି ତାହା ସହଜ ଓ ସୁବିଧାରେ ପାଇଯିବେ। ଶନିଙ୍କ ପ୍ରଭାବରୁ କାମ ଗୁଡିକ ଟିକିଏ ବିଳମ୍ବ ଓ ଝମେଲା ଭିତରେ ହିଁ ସମ୍ପନ୍ନ ହେବ। ବ୍ୟବସାୟ, ବାଣିଜ୍ୟ ଓ ନିର୍ମାଣ ତଥା ପରିବହନ ବାଧାପ୍ରାପ୍ତ ହୋଇପାରେ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି ।

**ବୃଷ**

ପାରିବାରିକ ସମସ୍ୟାକୁ ବାରମ୍ବାର ଚିନ୍ତା କରିବା କାରଣରୁ ମାନସିକ ସ୍ଥିରତା ରହିବ ନାହିଁ। ରାହୁଙ୍କ କୁପ୍ରଭାବରୁ ଶେଷ ସମୟରେ ନିଷ୍ପତ୍ତି ବଦଳାଇବା ସକାଶେ ମନ ବଳାଇବେ । ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ ।

**ମିଥୁନ**

ଆଜି ହାତକୁ ନେଇଥିବା କାମଗୁଡିକ ସୁବିଧାରେ ହୋଇଯିବ। ଅବଶ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ଦୁଶ୍ଚିନ୍ତାର କାରଣ ହେବ। ଆନୁଷ୍ଠାନିକ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢିଚାଲିବ। ପିଲାମାନଙ୍କ ବିଷୟ ଚିନ୍ତା କରି ଅସ୍ଥିରତା ଅନୁଭବ କରିପାରନ୍ତି ।

**କର୍କଟ**

କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ଅସୁବିଧା ହେବନି। ନିର୍ମାଣ କାର୍ଯ୍ୟ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡି କେତେକ କାମ କରିବାକୁ ବାଧ୍ୟ ହେବେ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିପାରନ୍ତି।

**ସିଂହ**

ବନ୍ଧୁଙ୍କ ସାହାଯ୍ୟ ଲାଭ କରି ଅଟକି ରହିଥିବା କାମଟି ହଠାତ୍ ହୋଇଯିବ। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅପ୍ରିୟ ସତ୍ୟ କହି ବନ୍ଧୁଙ୍କ ଚକ୍ଷୁଶୂଳ ହୋଇପାରନ୍ତି । ବ୍ୟବସାୟ ଓ ପରିବହନରେ ଲାଭବାନ ହେବେ। ପ୍ରତିଦ୍ୱନ୍ଦ୍ୱିତାରେ ନିଶ୍ଚିତ ବିଜୟ ଲାଭ କରିବେ। ବନ୍ଧୁ ଗହଣରେ ସମ୍ମାନିତ ହୋଇପାରନ୍ତି।

**କନ୍ୟା**

ଆଜି ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଅପୂରଣୀୟ ଆଶା ମନକୁ ଆଲୋଡନ କରିବା କାରଣରୁ ସାମୟିକ ଅଶାନ୍ତ ରହିପାରନ୍ତି । କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ବ୍ୟବସାୟିକ ସ୍ଥିତି ସୁଦୃଢ ରହିବ ଓ ପରିବହନରେ ମଧ୍ୟ ଲାଭବାନ ହେବେ।

**ତୁଳା**

ଆଜି ପ୍ରତିଯୋଗିତା, ମାଲି ମକଦ୍ଦମା ଓ ବିବାଦୀୟ ଘଟଣାରେ ବିଜୟଲାଭ ଅବଶ୍ୟମ୍ଭାବୀ। ଆବଶ୍ୟକ ସମୟରେ ପାଖରେ ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ ଓ ସ୍ନେହ, ସଦିଚ୍ଛା ଲାଭ କରିବେ । ଶିଳ୍ପ,ବାଣିଜ୍ୟ ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ଦେଖାଯିବ।

**ବିଛା**

ଅଧିକାଂଶ ସମୟ ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ଆର୍ଥିକ ସ୍ଥିତିରେ ଅଭାବ କାର୍ଯ୍ୟହାନିର କାରଣ ହୋଇପାରେ। କ୍ରୀଡା, କଳା ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏ ସମାଧାନ ହୋଇଯିବ ।

**ଧନୁ**

ସକାଳୁ ସକାଳୁ ଘର କଥା ଓ ପିଲାମାନଙ୍କ କିଛି ବ୍ୟତିକ୍ରମ ହେତୁ ମନଟା ଅସ୍ଥିର ରହିବ । ଆଜିର ଯାତ୍ରା, ପରିବହନ, ବ୍ୟବସାୟ ଓ ବାଣିଜ୍ୟ ମାନ୍ଦା ହେବ ନାହିଁ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। କୌଣସି ନୂତନ କର୍ମାରମ୍ଭ ପାଇଁ ମନ ବଳାଇବେ।

**ମକର**

ଆଜି ସକାଳୁ ଯେଉଁ କାମରେ ବାହାରିଛନ୍ତି ସେଥିରେ ସଫଳତା ଅବଶ୍ୟ ପାଇବେ । ପରିବାରରେ ଶାନ୍ତି ଫେରି ଆସିବ। ରପ୍ତାନି କାରବାର, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ। ନିକଟ ସମ୍ପର୍କୀୟମାନେ ହତାଦର କରିପାରନ୍ତି।

**କୁମ୍ଭ**

ଯେତେ ପ୍ରକାରର ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ସମାଲୋଚିତ ହୋଇପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କୁ ଅନୁରୋଧ କରି ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବ, କିଛି ବ୍ୟାଙ୍କ ଜମା ମଧ୍ୟ କରିପାରିବେ।

**ମୀନ**

କର୍ମକ୍ଷେତ୍ରରେ ମିଥ୍ୟାରୋପର ଅଭିଯୋଗ କ୍ରମେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରିବାକୁ ପଡିବ। ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ବାଲିତୃତୀୟା ଶୁକ୍ରବାର,ଗୌରୀବ୍ରତ,ଶ୍ରୀମନ୍ଦିରରେ ଅନ୍ଧ ପ୍ରସ୍ତାବ,ଅଲ୍-ହିଜରା, ମହରମ୍‌ମାସ ଆରମ୍ଭ,ମୁସଲିମ୍ ନବବର୍ଷ,(ହିଜରା ୧୪୪୨ ଆରମ୍ଭ),ଅଗଷ୍ଟ ୨୧ ତାରିଖ ରାଶିନକ୍ଷତ୍ର-ଉତ୍ତରାଫାଲଗୁନୀ/କନ୍ୟା,ବୃଷ ରାଶିର ଘାତଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୩୨ମି. ଗତେ ଘ.୦୬.୨୨ମି. ମଧ୍ୟେ, ଘ.୦୭.୧୨ମି. ଗତେ ଘ.୦୯.୪୩ମି. ମଧ୍ୟେ, ଘ.୧୨.୧୪ମି. ଗତେ ଘ.୦୨.୪୫ମି.ମଧ୍ୟେ, ଘ.୦୪.୨୬ମି. ଗତେ ଘ.୦୬.୦୭ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୩୮ମି. ଗତେ ଘ.୦୯.୦୯ମି. ମଧ୍ୟେ, ରାତ୍ରି ଘ.୦୧.୪୪ମି. ଗତେ ଘ.୦୩.୧୫ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯.୦୯ମି. ଗତେ ଘ.୦୯.୫୫ମି. ମଧ୍ୟେ, ଘ.୦୩.୧୫ମି. ଗତେ ଘ.୦୪.୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୧୫ମି. ଗତେ ଘ.୧୧.୪୯ମି. ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୨୬,୯୭,୦୯୮ | ୭,୯୩,୨୭୯ | ୧,୫୩,୯୭,୪୮୦ |
| ଭାରତ | ୨୯,୦୦,୯୬୭ | ୫୪,୯୪୮ | ୨୧,୫୩,୩୪୨ |
| ଓଡ଼ିଶା | ୭୦,୦୨୦ | ୩୮୦(+୫୩) | ୪୮,୫୭୭ |

ଗୁରୁବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ଦୁଃଖ ପ୍ରକାଶ

ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର(ଭିଆର୍ଏସ୍) ନେଇ ପାରନ୍ତି ସମ୍ପର୍କିତ ଏକ ଖବର ଧରିତ୍ରୀର ଅଗଷ୍ଟ ୭ ତାରିଖ ସଂସ୍କରଣ ପୃଷ୍ଠା-୩ରେ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଏହା ତ୍ରୁଟିପୂର୍ଣ୍ଣ ବୋଲି ଜଣାପଡ଼ିଥିଲା। ଏହି ଭୁଲ୍ ଖବର ପାଇଁ ଧରିତ୍ରୀ ଦୁଃଖ ପ୍ରକାଶ କରୁଛି।

# ରାଜ୍ୟ ସରକାରଙ୍କ ଉଦ୍ୟମ ବିଫଳ କରୁଛି ଜିଲା ପ୍ରଶାସନ

**ଜୟନାରାୟଣ ମେଣ୍ଡୁଲି**
**ସୁନ୍ଦରଗଡ଼,୨୦।୮**

ସୁନ୍ଦରଗଡ଼ ଜିଲା ହେଉଛି ଏଭଳି ମାଟି ଯେଉଁଠାରେ ଓଡ଼ିଶାର ଅନେକେ ସୁନାମଧନ୍ୟ ଜାତୀୟସ୍ତରୀୟ ହକି ଖେଳାଳି ଜନ୍ମ ନେଇଛନ୍ତି। ଗୋଟିଏ ପଟେ ରାଜ୍ୟ ସରକାର ବିପୁଳ ଅର୍ଥ ବ୍ୟୟ କରି ଏହି କ୍ରୀଡ଼ାର ଅନ୍ତର୍ଜାତୀୟ ଖେଳ ଓଡ଼ିଶାକୁ ଆଣିବାକୁ ଉଦ୍ୟମ କରୁଥିବା ବେଳେ ସୁନ୍ଦରଗଡ଼ର ପବିତ୍ର ମାଟିରେ ସେହି ମହାନ ଉଦ୍ୟମର ବିପରୀତ କାର୍ଯ୍ୟ କରାଯାଉଛି।

ଉଦାହରଣ ସ୍ୱରୂପ, ସୁନ୍ଦରଗଡ଼ ସହରର ମଧ୍ୟସ୍ଥଳରେ ଥିବା ଭବାନୀ ଭବନ ଖେଳପଡ଼ିଆରେ ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଉପରେ ଓଡ଼ିଶା ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟକୁ ବିରୋଧ କରି ସୁନ୍ଦରଗଡ଼ ନାଗରିକ କମିଟି, ଭବାନୀ ଶଙ୍କର ପୁରାତନ ଛାତ୍ରସଂଘ ଓ ବିଭିନ୍ନ ସଙ୍ଗଠନ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ହେଲେ ଜିଲା ପ୍ରଶାସନ ଜନସାଧାରଣଙ୍କ ମତାମତକୁ ଗ୍ରହଣ ନ କରି ଏକତରଫା ଭାବେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ଜିଲା ପ୍ରଶାସନ ଯଦି ସାଧାରଣ ଲୋକଙ୍କ ଦାବିକୁ କର୍ଣ୍ଣପାତ କରିଥାନ୍ତା ତେବେ ସମସ୍ୟାର ସମାଧାନ ଅତି ସହଜରେ ହୋଇପାରିଥାନ୍ତା। ସ୍ଥାନୀୟ ବାସିନ୍ଦାଙ୍କ ମତାମତକୁ ହେୟଜ୍ଞାନ କରିଥିବା ହେତୁ ଜିଲା ପ୍ରଶାସନ ବିରୋଧରେ ହାଇକୋର୍ଟକୁ ଯାଇଥିଲା ପୁରାତନ ଛାତ୍ର ସଂଘ।

ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି(ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ ବା ଡିଏମ୍ଏଫ୍)ରୁ ୨୮ କୋଟି ଟଙ୍କା ବ୍ୟୟ ଅଟକଳରେ ଭବାନୀ ଭବନ ଖେଳପଡିଆରେ କ୍ରୀଡା ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୂର୍ବରୁ ଏହି ପଡ଼ିଆରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟ ହେଉଥିଲା। ପ୍ରକଳ୍ପ ନିର୍ମାଣ ପରେ ତାହା ବାଧାପ୍ରାପ୍ତ ହେବ ବୋଲି ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଥିଲେ। ପୂର୍ବରୁ ଏହି ଖେଳପଡିଆର ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ୨୦୧୦ ମସିହାରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶନାମାକୁ ଜିଲା ପ୍ରଶାସନ ଖୋଲାଖୋଲି ଉଲ୍ଲଂଘନ କରି ଏହି ନିର୍ମାଣ କାର୍ଯ୍ୟ କରୁଥିବା ପୁରାତନ ଛାତ୍ର ସଂଘ ଅଭିଯୋଗ କରିଛି। ନାଗରିକ କମିଟିର ସଭାପତି ଅଶୋକ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଶାସନ ହାଇକୋର୍ଟର ନିର୍ଦ୍ଦେଶନାମାକୁ ସମ୍ମାନ ଜଣାଇବାକୁ ଦାବି କରାଯାଇଥିଲା।

ସୂଚନାଯୋଗ୍ୟ, ସଦର ତହସିଲର ତଥ୍ୟ ଅନୁସାରେ ସୁନ୍ଦରଗଡ଼ ଟାଉନ ମୌଜା ଖାତା ନଂ. ୪୬୫, ପ୍ଲଟ ନଂ.୭୨୯/୧୫୭୯ ଅନୁଯାୟୀ ଏହି ଖେଳପଡ଼ିଆ ୩ଏକର ୫୦ଡିସିମିଲ ପରିମିତ ନଜୁଲ ଅନାବାଦୀ କିସମ ଜମି ଉପରେ ରହିଛି। କେସ୍ ନଂ.୨୨୧୩୭/୨୦୧୦ ଆଦେଶ ଅନୁସାରେ ଭବାନୀଶଙ୍କର ହାଇସ୍କୁଲ ଖେଳପଡ଼ିଆ ସମ୍ପୃକ୍ତ ସ୍କୁଲ ଛାତ୍ରମାନଙ୍କ ପାଇଁ ସୁରକ୍ଷିତ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ଓ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋଙ୍କ ନେତୃତ୍ୱରେ ଅନେକ ନାଗରିକ ଜିଲାପାଳଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେଥିରେ ଖେଳପଡିଆରେ ଚାଲୁଥିବା ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯାଉ ବୋଲି ପ୍ରସ୍ତାବ ଦିଆଯାଇଥିଲା।

ଗତ ୨ବର୍ଷ ତଳେ ସୁନ୍ଦରଗଡ଼ ପୌରପାଳିକା ତରଫରୁ ଉକ୍ତ ଖେଳ ପଡ଼ିଆର ଉନ୍ନତୀକରଣ ପାଇଁ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ବର୍ତ୍ତମାନ ଏହି ନୂତନ ପ୍ରକଳ୍ପ ନିର୍ମାଣ ହେଲେ ପଡ଼ିଆ ସଙ୍କୁଚିତ ହେବା ସହ ପୂର୍ବରୁ ସେଠାରେ ଆୟୋଜିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ବନ୍ଦ ହେବାର ସମ୍ଭାବନା ରହିଛି। ଏହି ପଡିଆ ସହରର ମଧ୍ୟ ଭାଗରେ ଥିବାରୁ ଜିଲାସ୍ତରୀୟ ସ୍ୱାଧୀନତା ଓ ଗଣତନ୍ତ୍ର ଦିବସ, ଲୋକ ମହୋତ୍ସବ 'ଯତ୍ରା' ଆଦି ଉତ୍ସବ ସେଠାରେ ଅନୁଷ୍ଠିତ ହୋଇଥାଏ। ଏହାଛଡା ବିଭିନ୍ନ ବିଦ୍ୟାଳୟର ବାର୍ଷିକ କ୍ରୀଡା ସହିତ ବହୁ ଅନୁଷ୍ଠାନ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ଓ ଅନ୍ୟ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ସହରର ବରିଷ୍ଠ ନାଗରିକମାନେ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ ସକାଶେ ଏହି ପଡ଼ିଆ ଉପରେ ନିର୍ଭର କରିଥାନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଡିଏମ୍ଏଫ୍ ପାଣ୍ଠି ସମ୍ପୂର୍ଣ୍ଣ ଭାବେ ଜିଲାପାଳଙ୍କ ନିୟନ୍ତ୍ରଣାଧୀନ। ବୁଦ୍ଧିଜୀବୀ ମହଲରେ ହେଉଥିବା ଆଲୋଚନାରୁ ଜଣାପଡେ ଯେ, ଏତେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇ ଏକ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟିକୁ ସାଧାରଣରେ ସ୍ୱାଗତ କରାଯାଉଥିବା ସତ୍ତ୍ୱେ ଜିଲା ପ୍ରଶାସନର ସ୍ଥାନ ବାଛିବାରେ ଜିଦ୍‌କୁ ସମସ୍ତେ ନାପସନ୍ଦ କରୁଛନ୍ତି। ଭବାନୀ ଭବନ ଖେଳ ପଡ଼ିଆ ପରିବର୍ତ୍ତେ ଯଦି ସୁନ୍ଦରଗଡ଼ ସହରର ବାହାରେ ଥିବା ବିପୁଳ ସରକାରୀ ଜମି ଉପରେ ଏକ ସମ୍ପୂର୍ଣ୍ଣ ନୂତନ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରାଯାଇଥାନ୍ତା ତେବେ ସରକାରଙ୍କ ମହତ୍ ଉଦ୍ଦେଶ୍ୟ ସାଧାରଣରେ ପ୍ରଶଂସିତ ହୋଇଥାନ୍ତା। ଅଦାଲତଙ୍କ ହସ୍ତକ୍ଷେପକୁ ଜିଲା ପ୍ରଶାସନର ଜିଦ୍ ଡାକି ଆଣିଛି। ଏହାଫଳରେ ଏହି ବିକାଶମୂଳକ କାର୍ଯ୍ୟ ଅନିଶ୍ଚିତତା ଭିତରକୁ ଚାଲିଗଲା।



ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ଭବାନୀ ଭବନ ଖେଳପଡ଼ିଆରେ କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି।

## ଝରଣାରେ ଭାସିଯାଇ ୨ ମୃତ

**ବରଗଡ଼ ଅଫିସ୍/ପାଇକମାଲ, ୨୦।୮:** ବରଗଡ଼ ଜିଲା ପାଇକମାଲ ଥାନା ନୃସିଂହନାଥର ଝରଣା କପିଳଧାରରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। କପିଳଧାରରେ ରହିଥିବା ଏକ ପଥର ଉପରେ ଛିଡ଼ା ହୋଇ ଫଟୋ ପୋଜ୍ ଦେଉଥିବାବେଳେ ଖସି ପଡ଼ିବାରୁ ଝରଣା ପାଣିରେ ଭାସିଯାଇ ଦୁଇ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକମାନେ ପାଇକମାଲ ଥାନା ଝିଁକି ଗ୍ରାମର ବିଜୟ ମହାକୁଡ଼(୧୮) ଓ କ୍ଷୀରୋଦ ସୋନୀ(୨୦)। ଘଟଣାସ୍ଥଳରୁ କ୍ଷୀରୋଦଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ରାତି ହୋଇଯିବାରୁ ପଥରରେ ଚାପି ହୋଇ ରହିଥିବା ବିଜୟଙ୍କ ମୃତଦେହକୁ ଉଦ୍ଧାର କରଯାଇ ପାରିନାହିଁ। ଶୁକ୍ରବାର ସକାଳେ ତାଙ୍କ ମୃତଦେହ ସେଠାରୁ ବାହାର କରାଯିବ ବୋଲି ଅଗ୍ନିଶମ କର୍ମଚାରୀ ତପନ କୁମାର ମିଶ୍ର କହିଛନ୍ତି। ଗୁରୁବାର ଝିଁକି ଗ୍ରାମର ଘନଶ୍ୟାମ ମହାକୁଡ଼ଙ୍କ ସମେତ ଉକ୍ତ ଦୁଇ ଯୁବକ ଏକ ବାଇକ୍ ଯୋଗେ ନୃସିଂହନାଥକୁ ଯାଇଥିଲେ। ସେମାନେ ନୃସିଂହନାଥର ଝରଣା କପିଳଧାର ଉପରକୁ ଚଢ଼ିଥିଲେ। ଅପରାହ୍ନ ପ୍ରାୟ ୨ଟାରେ ବିଜୟ ଓ କ୍ଷୀରୋଦ ଝରଣାରେ ଥିବା ଏକ ପଥର ଉପରକୁ ଚଢ଼ି ପୋଜ୍ ଦେବା ସହିତ ଘନଶ୍ୟାମଙ୍କୁ ଫଟୋ ଉଠାଇବାକୁ କହିଥିଲେ। ଘନଶ୍ୟାମ ଫଟୋ ଉଠାଇବାବେଳେ ବିଜୟ ଓ କ୍ଷୀରୋଦ ସେଠାରୁ ଖସି ପଡ଼ି ଝରଣା ପାଣିରେ ଭାସି ଯାଇଥିଲେ। ଘନଶ୍ୟାମ ପାଇକମାଲ ଥାନାକୁ ଆସି ପୋଲିସକୁ ସୂଚନା ଦେଇଥିଲେ। ଏହାପରେ ଡିଏସପି ଦିନେଶ ନାୟକ, ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ସମେତ ଅଗ୍ନିଶମ ଏବଂ ବନ ବିଭାଗ କର୍ମଚାରୀମାନେ ସେଠାକୁ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ।

## ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଲେ ୮ ଓପିଏସ୍ ଅଧିକାରୀ

**ଭୁବନେଶ୍ୱର, ୨୦।୮(ବ୍ୟୁରୋ):** ରାଜ୍ୟ ପୋଲିସରେ ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟରତ ୮ଜଣ ଓପିଏସ୍ ଅଧିକାରୀଙ୍କୁ ଗୁରୁବାର ଏସ୍‌ପି ର୍ୟାଙ୍କ୍‌କୁ ପଦୋନ୍ନତି ମିଳିଛି। ଏନେଇ ଗୃହ ବିଭାଗ ପକ୍ଷରୁ ଗୁରୁବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ଏହି ଓପିଏସ୍ ଅଧିକାରୀମାନେ ହେଲେ ହରେକୃଷ୍ଣ ବେହେରା, ପ୍ରତାପ କୁମାର ସ୍ୱାଇଁ, ନାରାୟଣ ପଣ୍ଡା, ନାରାୟଣ ମହାନ୍ତି, ଅମରେନ୍ଦ୍ର ରଣା, ଯଶୋବନ୍ତ ସେନାପତି, ପ୍ରଦୀପ କୁମାର ଦାଶ ଓ ମନୋଜ କୁମାର ମହାନ୍ତି। ପଦୋନ୍ନତି ଅନୁଯାୟୀ ପରବର୍ତ୍ତୀ ସମୟରେ ସେମାନଙ୍କୁ ନିଯୁକ୍ତି କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଏନ୍ଏସ୍ଏରେ ଅଟକ ବ୍ୟକ୍ତି ଦୋଷୀ ନୁହନ୍ତି: ହାଇକୋର୍ଟ

**କଟକ ଅଫିସ,୨୦।୮:** ଜାତୀୟ ସୁରକ୍ଷା ଆଇନ୍ (ଏନ୍ଏସ୍ଏ)ରେ ଅଟକ ଥିବା ବ୍ୟକ୍ତି ଦୋଷୀ ନୁହନ୍ତି ବୋଲି ହାଇକୋର୍ଟ କହିଛନ୍ତି। ଯଦି କାହାକୁ ଏନ୍ଏସ୍ଏରେ ଅଟକ ରଖାଯାଉଛି, ତେବେ ତା'ର ଅର୍ଥ ନୁହେଁ ତାଙ୍କୁ କୌଣସି ଅପରାଧ ପାଇଁ ଦଣ୍ଡ ଦିଆଯାଇଛି। ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଏବଂ ବିଚାରପତି ଏ.କେ.ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ଭୁବନେଶ୍ୱରର ଅଭିଯୁକ୍ତ ସାଗର ପରିଡ଼ାଙ୍କ ବିରୋଧରେ ଲାଗୁ ହୋଇଥିବା ଏନ୍ଏସ୍ଏକୁ ରଦ୍ଦ କରିଦେବା ସହ ଉପରୋକ୍ତ ରାୟ ଶୁଣାଇଛନ୍ତି। ସୂଚନା ଅନୁଯାୟୀ, ଅଭିଯୁକ୍ତ ସାଗରଙ୍କୁ ଭୁବନେଶ୍ୱର କମିଶନରେଟ୍ ପୋଲିସ ଏନ୍ଏସ୍ଏରେ ବୁକ୍ କରିଥିଲା। ସେ ଗତ ଡିସେମ୍ବର ୧୩ ତାରିଖରୁ ଝାରପଡ଼ା ଜେଲ୍‌ରେ ରହିଛନ୍ତି। କୌଣସି ବ୍ୟକ୍ତିଙ୍କୁ ଏନ୍ଏସ୍ଏରେ ବୁକ୍ କରାଗଲେ, ପ୍ରତି ତିନି ମାସରେ ଥରେ ଗୃହ ବିଭାଗର ଅନୁମତି ନେବାକୁ ହୋଇଥାଏ। ସାଗରଙ୍କ କ୍ଷେତ୍ରରେ ପ୍ରଥମ ତିନି ମାସ ଅନୁମତି ନିଆଯାଇଥିଲା। ମାତ୍ର ପରେ ଆଉ ଅନୁମତି ନିଆଯାଇ ନାହିଁ। ତେଣୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ବଢୁଛି ବୈତରଣୀ

- ବିପଦ ସଙ୍କେତ ଛୁଇଁପାରେ
- ସ୍ଥିତି ପରଖିଲେ ଜିଲାପାଳ

**ଭଣ୍ଡାରିପୋଖରୀ,୨୦।୮(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦେଇ ପ୍ରବାହିତ ବୈତରଣୀ ନଦୀର ଜଳସ୍ତର ଗୁରୁବାର ସକାଳୁ ବୃଦ୍ଧି ପାଇଥିଲା। ଫଳରେ ସମ୍ଭାବ୍ୟ ବନ୍ୟା ଆଶଙ୍କାରେ ନଦୀକୂଳିଆବାସୀ ଭୟଭୀତ ହୋଇ ପଡ଼ିଛନ୍ତି। ଆଖୁଆପଦା ଆନିକଟଠାରେ ବୈତରଣୀର ବିପଦ ସଂକେତ ୧୭.୮୩ ମିଟର ରହିଥିବା ବେଳେ ସକାଳ ୬ଟାରୁ ବନ୍ୟା ଜଳ ବୃଦ୍ଧି ପାଇ ଅପରାହ୍ନ ୧ଟାଠାରୁ ୩ଟା ପର୍ଯ୍ୟନ୍ତ ୧୭.୭୨ ମିଟରରେ ସ୍ଥିର ରହିଥିଲା। ରାତି ୮ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୧୭.୭୪ ମିଟର ହୋଇଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଆଖୁଆପଦାଠାରେ ୧୫୬.୦୪ ମିମି, ଆନନ୍ଦପୁର ୯୪.୦୨ ମି.ମି, ସୋମପାଟଣା ୪୮.୦୮ ମି.ମି,କେନ୍ଦୁଝର ୫୨.୦୮ ମି.ମି, ଠାକୁରପାଟଣା ୭୧.୦୦ ମି.ମି ଏବଂ ଚମ୍ପୁଆରେ ୭୨.୦୬ ମି.ମି ବର୍ଷା ରେକର୍ଡ ହୋଇଛି। ଦୁଇ ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଭଣ୍ଡାରିପୋଖରୀ ଅଞ୍ଚଳର ବ୍ୟାପକ ଚାଷ ଜମି ଓ ରାସ୍ତା ଜଳମଗ୍ନ ହୋଇପଡ଼ିଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦେଖି ଚାଷୀ ଭୟଭୀତ ହୋଇ ପଡ଼ିଛନ୍ତି। ଚମ୍ପୁଆ ଅଞ୍ଚଳର ପାଣି ବୈତରଣୀରେ ମିଶିଲେ ଜଳସ୍ତର ପରିମାଣ ଆଉକିଛି ବୃଦ୍ଧି ପାଇ ବିପଦ ସଙ୍କେତ ପାଖାପାଖି ରହିବ ବୋଲି ଯାଜପୁର ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ଧନେଶ୍ୱର ସାମଲ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷେ ପୂର୍ବାହ୍ନ ୧୧ଟାରେ ଜିଲାପାଳ ଜ୍ଞାନରଞ୍ଜନ ଦାସ, ଜଳସମ୍ପଦ ବିଭାଗ ଅଧିକ୍ଷଣଯନ୍ତ୍ରୀ ଚଣ୍ଡେଶ୍ୱର ବେହେରା, ଯାଜପୁର ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ସାମଲ,ଆଖୁଆପଦା ସହକାରୀ ନିର୍ବାହୀଯନ୍ତ୍ରୀ ଶଙ୍କର୍ଷଣ ବେହେରା, ଭଦ୍ରକ ଏସ୍‌ପି ରାଜେଶ ପଣ୍ଡିତ, ବିଡ଼ିଓ ବିଜୟ କୁମାର ସାହୁ, ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ ଆନିକଟଠାରେ ପହଞ୍ଚି ଜଳସ୍ତର ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଭଦ୍ରକ ଉପ ଜିଲାପାଳ ପୀତାମ୍ବର ସାମଲଙ୍କୁ ଭଣ୍ଡାରିପୋଖରୀ ବ୍ଲକ ବନ୍ୟା ନିୟନ୍ତ୍ରଣ ପାଇଁ ଦାୟିତ୍ୱ ଦିଆଯାଇଛି।




# ଭୁଶୁଡ଼ିଲା ନବନିର୍ମିତ ରେଳପଥ



ଭୁଶୁଡିଥିବା ରେଳପଥ।

**କେନ୍ଦ୍ରାପଡ଼ା ଅଫିସ/ ମାର୍ଶାଘାଇ, ୨୦।୮(ଡି.ଏନ.ଏ.)**

ହରିଦାସପୁର-ପାରାଦୀପ ରେଳପଥର କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଯଦୁପୁର ନିକଟ ଖସାଡିଠାରେ ବୁଧବାର ସନ୍ଧ୍ୟାରେ ୩୦ଫୁଟ ଚଉଡାର ରେଳପଥ ଭୁଶୁଡି ପଡିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ନବନିର୍ମିତ ଏହି ରେଳପଥ ନିର୍ମାଣ କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗ୍ରାମର ହରିଶ ମହାନ୍ତି କହନ୍ତି, ପୂର୍ବରୁ ଏହି ଅଞ୍ଚଳରେ ମାଟି ଧସି ପାଖରେ ଥିବା ୬ଟି ଘର ଭାଙ୍ଗିଯାଇଛି। ପୁନର୍ବାର ଗତ ସନ୍ଧ୍ୟାରେ ରେଳପଥରୁ ମାଟି ଓ ଗୋଡି ଖସିବା ଫଳରେ ରେଳପଥ ନିର୍ମାଣରେ ଅନିୟମିତତା ହୋଇଥିବା ସ୍ପଷ୍ଟ ହୋଇଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହାର ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ହାତରୁ ଖସୁଛି ଖୋର୍ଦ୍ଧା, ଦିନକରେ ୫୨୪

**ଭୁବନେଶ୍ୱର, ୨୦।୮(ବ୍ୟୁରୋ)**

**ରାଜ୍ୟରେ ଆକ୍ରାନ୍ତ ହେଲେଣି ୭୦ହଜାର**

- ୨,୮୯୮ ନୂଆ ପଜିଟିଭ୍ ଚିହ୍ନଟ, ୮ ମୃତ
- ଆରୋଗ୍ୟ ହେଲେ ଆଉ ୧,୬୪୧ ଜଣ
- ଚଳିତ ମାସ ଶେଷସୁଦ୍ଧା ଲକ୍ଷେ ଟପିବା ଆଶଙ୍କା

ମୌସୁମୀ ଆରମ୍ଭରୁ ସକ୍ରିୟ ହୋଇଉଠିଛି କରୋନା। ଲଘୁଚାପ ବର୍ଷା ପରଠୁ ସଂକ୍ରମଣରେ ଦ୍ରୁତ ବୃଦ୍ଧି ଘଟୁଥିବା ପରିଲକ୍ଷିତ ହେଉଛି। ଶେଷ ୨୪ ଘଣ୍ଟାରେ ୩୦ ଜିଲାରୁ ଆଉ ୨,୮୯୮ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧,୭୯୨ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ବାହାରିଥିବାବେଳେ ୧,୧୦୬ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଫଳରେ ଏବେ ରାଜ୍ୟର ମୋଟ ସଂକ୍ରମିତ ସଂଖ୍ୟା ୭୦,୦୨୦କୁ ବୃଦ୍ଧି ପାଇଛି। ତେବେ ଖୋର୍ଦ୍ଧା ଜିଲାର ସ୍ଥିତି ଜଟିଳ ହେବାରେ ଲାଗିଛି। ଲଗାତାର ୮ଦିନ ହେଲା ଏହି ଜିଲାରେ ସର୍ବାଧିକ ସଂକ୍ରମିତ ବାହାରୁଛନ୍ତି। ଗଞ୍ଜାମ ଜିଲା କ୍ରମଶଃ ନିୟନ୍ତ୍ରଣକୁ ଆସୁଥିବାବେଳେ ଖୋର୍ଦ୍ଧା ଧୀରେ ଧୀରେ ଖସି ଯାଉଛି। ଶେଷ ୨୪ ଘଣ୍ଟାରେ ଜିଲାରୁ ସର୍ବାଧିକ ୫୨୪ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ହାରରେ ଶୀର୍ଷରେ ଖୋର୍ଦ୍ଧା ରହିଥିବାବେଳେ ଏହାତଳକୁ କଟକ ଓ ନୟାଗଡ଼ ରହିଛି। ପୂର୍ବରୁ ଶୀର୍ଷରେ ରହୁଥିବା ଗଞ୍ଜାମ ଜିଲା ଏବେ ଚତୁର୍ଥ ସ୍ଥାନକୁ ଖସି ଆସିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡିଛି।

ଉକ୍ତ ତଥ୍ୟ ଅନୁସାରେ, କଟକରେ ଆଉ ୨୪୧ ରିପୋର୍ଟ ପଜିଟିଭ୍ ଆସିଥିବାବେଳେ ନୟାଗଡ଼ରେ ୨୩୨ ଓ ଗଞ୍ଜାମରେ ୨୨୬ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିଭଳି ବଲାଙ୍ଗୀର ୧୭୩, ବାଲେଶ୍ୱର ୧୪୦, କୋରାପୁଟ ୧୩୨, ଭଦ୍ରକ ୧୦୭, ରାୟଗଡ଼ା ୧୦୫, ପୁରୀ ୧୦୪, ସୁନ୍ଦରଗଡ଼ ୧୦୧, ଜଗତ୍‌ସିଂହପୁର ୮୪, ସମ୍ବଲପୁର ୭୭, କଳାହାଣ୍ଡି ୭୬, ଯାଜପୁର ୬୯, କନ୍ଧମାଳ ୬୩, କେନ୍ଦ୍ରାପଡ଼ା ୫୭, ମାଲକାନଗିରି ୫୬, ଗଜପତି ଓ ମୟୂରଭଞ୍ଜରୁ ୫୩ଜଣ ଲେଖାଏ, ଝାରସୁଗୁଡ଼ା ୪୯, ଢେଙ୍କାନାଳ ୪୪, ନବରଙ୍ଗପୁର ୩୭, କେନ୍ଦୁଝର ୩୫, ସୁବର୍ଣ୍ଣପୁର ୨୩, ଅନୁଗୋଳ ୧୬, ବରଗଡ଼ ୯, ନୂଆପଡ଼ା ୮, ଦେବଗଡ଼ ୩, ବୌଦ୍ଧରୁ ଜଣେ ଆକ୍ରାନ୍ତ ରହିଛନ୍ତି।

ଅନ୍ୟପକ୍ଷରେ କରୋନାରେ ରାଜ୍ୟରେ ଆଉ ୮ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଗଞ୍ଜାମ ଜିଲାରୁ ୪ଜଣ ଥିବାବେଳେ ପୁରୀ, ଢେଙ୍କାନାଳ, କଟକ ଓ ଖୋର୍ଦ୍ଧା ଜିଲାରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୮୦ରେ ପହଞ୍ଚିଛି। ଏଥିମଧ୍ୟରୁ ଗଞ୍ଜାମ ଜିଲାରେ ସର୍ବାଧିକ ୧୬୬ଜଣ ମୃତକ ରହିଛନ୍ତି। ସେହିଭଳି ଆଉ ୧,୬୪୧ଜଣ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ରାଜ୍ୟରେ ଆରୋଗ୍ୟ ସଂଖ୍ୟା ୪୮,୫୭୬କୁ ବୃଦ୍ଧି ପାଇଛି।

ଇତିମଧ୍ୟରେ ରାଜ୍ୟରେ ମୋଟ ୧୧,୧୫,୯୪୭ ନମୁନା ପରୀକ୍ଷା ହୋଇଛି। ସେଥିମଧ୍ୟରୁ ୬.୨୭% ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ମାର୍ଚ୍ଚ ୧୫ରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ଅଢ଼େଇମାସରେ ଅର୍ଥାତ୍ ମେ' ଶେଷ ସୁଦ୍ଧା ସଂକ୍ରମିତ ସଂଖ୍ୟା ୧,୯୪୮ ଥିବାବେଳେ ଜୁନ୍ ଶେଷ ବେଳକୁ ୭,୦୬୫ ଓ ଜୁଲାଇ ଶେଷବେଳକୁ ଏହା ୩୩,୮୭୭ରେ ପହଞ୍ଚିଥିଲା। ମାତ୍ର ଏବେ ଯେଉଁ ହାରରେ ସଂକ୍ରମଣ ବଢୁଛି ତାହା ଯଦି ଜାରି ରହିବ, ତେବେ ଚଳିତ ମାସ ଶେଷବେଳକୁ ରାଜ୍ୟରେ ଆକ୍ରାନ୍ତ ସଂଖ୍ୟା ଲକ୍ଷେ ଟପିଯିବାର ଆଶଙ୍କା ଦେଖାଦେଇଛି।

## ଜ୍ୱରରେ ମା', ପୁଅଙ୍କ ମୃତ୍ୟୁ

**ଛତ୍ରପୁର,୨୦।୮(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ବଡ଼ ଆର୍ଯ୍ୟପଲ୍ଲୀରେ ମା'ଙ୍କ ମୃତ୍ୟୁର ୧୨ ଘଣ୍ଟା ପରେ ପୁଅଙ୍କ ମୃତ୍ୟୁ ଘଟିଛି। ବୁଧବାର ରାତି ପ୍ରାୟ ୧୦ଟାରେ ମା' ଶଶୀ ନାୟକଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ପୂର୍ବାହ୍ନ ୧୦ଟାରେ ପୁଅ ଅଭିମନ୍ୟୁଙ୍କ ଜୀବନ ଯାଇଛି। ଜ୍ୱରରେ ପୀଡ଼ିତ ମା', ପୁଅଙ୍କ ମୃତ୍ୟୁ ଘଟିଛି। ମା' ପୁଅ କିଛିଦିନ ହେଲା ଜ୍ୱରରେ ପୀଡ଼ିତ ଥିଲେ। ସେମାନେ ଔଷଧ ଖାଉଥିଲେ। ବୁଧବାର ରାତିରେ ଶଶୀଙ୍କ ମୃତ୍ୟୁ ଘଟିଥିଲା। ଗାଁ ଶ୍ମଶାନରେ ଶଶୀଙ୍କ ମୃତଦେହ ସଂସ୍କାର କରାଯାଇଥିଲା। ଏହାପରେ ଅଭିମନ୍ୟୁ ଅଧିକ ଅସୁସ୍ଥ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା।

ଓଡ଼ିଶା ଲଳିତ କଳା ଏକାଡେମୀ, ଭୁବନେଶ୍ୱର
(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର)
ଫୋନ୍ ନଂ.: ୦୬୭୪-୨୪୩୧୬୧୧, ୨୪୩୧୬୧୨

ଧର୍ମପଦ ପୁରସ୍କାର ପାଇଁ ପ୍ରସ୍ତାବ ଆହ୍ୱାନ
ଶେଷ ତାରିଖ: ସେପ୍ଟେମ୍ବର ୫ ତାରିଖ, ୨୦୨୦

ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ଧର୍ମପଦ ପୁରସ୍କାର ବୟୋଜ୍ୟେଷ୍ଠ ଶିଳ୍ପୀମାନଙ୍କୁ ପ୍ରଦାନ କରାଯିବ। ଏଥିପାଇଁ ରାଜ୍ୟର ବିଭିନ୍ନ ସାଂସ୍କୃତିକ ତଥା ଚିତ୍ରକଳା ଅନୁଷ୍ଠାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଓ ରାଜ୍ୟର ଶିଳ୍ପୀମାନଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରାଯାଉଛି। ଆବେଦନକାରୀ ଶିଳ୍ପୀଙ୍କର ବୟସ ୬୦ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ। ପ୍ରସ୍ତାବକାରୀ ନିଜର ନାମ କିମ୍ବା ଅନ୍ୟ ଶିଳ୍ପୀଙ୍କ ନାମ, ଜନ୍ମ ତାରିଖ, ସଂକ୍ଷିପ୍ତ ଜୀବନୀ, ପ୍ରମାଣପତ୍ର ସହ ଆସନ୍ତା ତା୦୫।୦୯।୨୦୨୦ରିଖ ମଧ୍ୟରେ ସଚିବ, ଓଡ଼ିଶା ଲଳିତ କଳା ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର - ୭୫୧୦୧୪ କିମ୍ବା E-mail: odishalka1962@gmail.com ଜରିଆରେ ପଠାଇବାକୁ ଅନୁରୋଧ କରାଯାଉଛି। ଧାର୍ଯ୍ୟ ଦିବସ ପରେ କୌଣସି ପ୍ରସ୍ତାବ ଏକାଡେମୀ ଦ୍ୱାରା ଗ୍ରହଣୀୟ ହେବ ନାହିଁ।

ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ

> ଅତିମାନସ ଶକ୍ତି, ଚେତନା ଓ ଆଲୋକର ପୃଥିବୀ ଉପରେ ଅବତରଣ ଆଉ ଏକ ପ୍ରତିଶ୍ରୁତି ହୋଇ ରହିନାହିଁ। କିନ୍ତୁ ଏହା ହୋଇ ଉଠିଛି ଏକ ଜୀବନ୍ତ ସତ୍ୟ ଓ ବାସ୍ତବତା। ଏହା ବର୍ତ୍ତମାନ କାର୍ଯ୍ୟ କରୁଛି। ଏପରି ଦିନ ଆସିବ ଯେତେବେଳେ କି ସବୁଠାରୁ ଦୃଷ୍ଟିହୀନ, ଅଜ୍ଞାନ, ଅଚେତନ ଓ ଅମାନିଆ ଲୋକ ବି ତାକୁ ଚିହ୍ନିପାରିବ। —ଶ୍ରୀମା

# ଗଳାବାଟ ବନ୍ଦ କର

ସାମଗ୍ରୀ ସେବା ଟିକସ( ଜିଏସ୍‌ଟି) ବ୍ୟବସ୍ଥା ମୁଖ୍ୟତଃ ଏହାର ସଂରଚନା ଓ କାର୍ଯ୍ୟ କରିବାର ଧାରା ଅଧିକାରୀମାନଙ୍କୁ ସମସ୍ୟାରେ ପକାଉଛି। ଏହି ବ୍ୟବସ୍ଥାରେ ଥିବା ଗଳାବାଟ ଦେଇ ଠକମାନେ ଠକୁଛନ୍ତି। କେବଳ ଆମ ରାଜ୍ୟରେ ହଜାର ହଜାର କୋଟି ଟଙ୍କାର ଜିଏସ୍‌ଟି ଠକାମି ସାମ୍ନାକୁ ଆସିଛି। ଅତି ନିକଟରେ ହୋଇଥିବା ଏହି ଠକାମିରେ ରାଜ୍ୟ ପ୍ରବର୍ତ୍ତନ ସ୍କ୍ବାଡ୍ ସୋମବାର ଏକ ର୍ୟାକେଟ୍‌କୁ ରେଡ୍ କରିଛି ଏବଂ ନକଲି ଚାଲାଣ ଦେଇ ରାଜକୋଷରୁ ୭୧୨ କୋଟି ଟଙ୍କା ଠକେଇ ପଦାକୁ ଆସିଛି। ବିଭିନ୍ନ ବାଟରେ ୧୨୯ କୋଟି ଟଙ୍କାର ଜାଲ୍ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ପାସ କରିଥିବା ଯୋଗୁ ଏହାର ମୁଖ୍ୟ କାର୍ପଟଦାରଙ୍କୁ ଗିରଫ କରିଛି। ରାଜକୋଷରୁ ଠକିବା, ଜାଲ ଫାର୍ମ ପଞ୍ଜୀକରଣ କରିବା ଏବଂ ଆଇଟିସି ଠକାମି ଏହି ସର୍ବବୃହତ୍ ପରୋକ୍ଷ ଟିକସ ବବସ୍ଥାକୁ ସବୁଠୁ ବଡ଼ କ୍ଷତି ପହଞ୍ଚାଇଥିବା ଜଣାପଡୁଛି। ନକଲି ଚାଲାଣ ଓ ଜାଲ୍ ଫାର୍ମ ଘଟଣାରେ ଟିକସ ଚୋରିକୁ କେନ୍ଦ୍ର କରି ଦେଶରେ ପ୍ରବର୍ତ୍ତନ ଅଧିକାରୀମାନେ ୬,୦୦୦ କେସ୍ ଆରମ୍ଭ କରିଛନ୍ତି। ଅନେକଙ୍କୁ ମଧ୍ୟ ଗିରଫ କରାଯାଇଛି। ଖୁବ୍ ନିକଟରେ ଏଠାକାର କେସ୍‌ରେ ମେମର୍ସ ମଧୁସ୍ମିତା ଷ୍ଟିଲ୍ସ ଇଣ୍ଡଷ୍ଟ୍ରିଜର ନିର୍ଦ୍ଦେଶକ କଶ୍ମୀର କୁମାର ଅଗ୍ରୱାଲ ୧୧୪ କୋଟି ଟଙ୍କା ଜାଲ ଆଇଟିସି ଦ୍ୱାରା ପାଇଛନ୍ତି ଓ ୧୨୯ କୋଟି ଟଙ୍କାର ଇନପୁଟ୍ ଟ୍ୟାକ୍ସ କ୍ରେଡିଟ ୧୪ଟି ଜାଲ୍ କମ୍ପାନୀ ନାମରେ ପାସ୍ କରିଛନ୍ତି। ଏମିତିକା ହଜାର ହଜାର କେସ୍ ରହିଛି। ଠକାମିରେ କ୍ଷତି ହୋଇଥିବା ସବୁ ଟଙ୍କା ସରକାର ଫେରିପାଇବା ସମ୍ଭବ ହୋଇ ନ ପାରେ। ଏକ ମହତ୍ ଲକ୍ଷ୍ୟ ନେଇ ଜୁଲାଇ ୨୦୧୭ରେ ଆରମ୍ଭ କରାଯାଇଥିବା ଏହି ପରୋକ୍ଷ ଟିକସ ବ୍ୟବସ୍ଥାରେ ଭୁଲ୍ ରହିଲା କେଉଁଠି ? ତେବେ ଜ୍ଞାନକୌଶଳ ଯାହା ଏହି ବ୍ୟବସ୍ଥାର ସଫଳତାର ଆଧାରଶିଳା ବୋଲି ମନେକରାଯାଉଥିଲା ତାହା ବିଫଳତାର ସବୁଠୁ ବଡ କାରଣ ପାଲଟିଛି। ଶତ ପ୍ରତିଶତ ଆଇଟି ଆଧାରରେ ଏହାର ସମସ୍ୟାକୁ ସମାଧାନ କରିବା ଲାଗି ନୂଆ ନିୟମର ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ଜିଏସ୍‌ଟି ପୋର୍ଟାଲ ମଧ୍ୟ ବିକାଶ କରାଯାଇଥିଲା। ଗୋଟିଏ ସଂସ୍ଥାର ଆରମ୍ଭରୁ ଶେଷ ଯାଏ ସବୁ କାରବାର ଓ ରସିଦଗୁଡିକର ରେକର୍ଡ ରଖିବା ପାଇଁ ପୋର୍ଟାଲ କରାଯାଇଥିଲା। ଯାଞ୍ଚ ପରେ ପୋର୍ଟାଲ ଆଇଟିସି କ୍ରେଡିଟ୍‌କୁ ଅନୁମତି ଦିଏ। ତେବେ ଏହି କାର୍ଯ୍ୟ କରିବାକୁ ପୋର୍ଟାଲ ସମ୍ପୂର୍ଣ୍ଣ ବିଫଳ ହେଲା। ମାସକୁ ମାସ ଆଇଟିସିର ପୁନଃ ଯାଞ୍ଚ କରିବା ପରିବର୍ତ୍ତେ ଏହା ୬ ମାସ ପରେ ହୋଇଥିଲା। ଏହାଦ୍ୱାରା ଠକମାନେ ପୂରା ଜିଏସ୍‌ଟି ବ୍ୟବସ୍ଥାକୁ ଧ୍ୱଂସ କରିଦେବାକୁ ଯଥେଷ୍ଟ ସମୟ ପାଇଲେ। ଠକାମିକୁ ରୋକିବା ଲାଗି ଟ୍ରାକିଂ କିମ୍ବା ପୁନଃ ଯାଞ୍ଚ ପ୍ରକ୍ରିୟା ନ ଥିବାରୁ ଅଧିକାରୀମାନେ ଘଟୁଥିବା ଅନିୟମିତତା ସମ୍ପର୍କରେ କୌଣସି ଖବର ବି ଜାଣିପାରିଲେ ନାହିଁ।

## ଆଜିର ଅର୍ଥନୀତି

ମୋଦି ସରକାର ରାଜନୈତିକ ପ୍ରଶଂସା ସାଉଁଟିବାକୁ ୨୦୧୭ରେ ଜିଏସ୍‌ଟିକୁ ତରବରିଆ ଭାବେ ଲାଗୁ କରିଥିଲେ। ଏଥିପାଇଁ ଆଇଟି ଭିତ୍ତିଭୂମି ମଜଭୁତ କରିବାକୁ ହେବ ବୋଲି ନିଶ୍ଚିତ ନ କରି ଏହାକୁ ଲାଗୁ କରିଥିଲେ। ଏହି ବ୍ୟବସ୍ଥାକୁ ଏତେ ତରବରିଆ ଭାବେ ଲାଗୁ କରିବାର କୌଣସି କାରଣ ନ ଥିଲା। ଆଇଟି ଭିତ୍ତିଭୂମିର ପୂରା ବିକାଶ କିମ୍ବା ପରୀକ୍ଷା ହୋଇ ନ ଥିବାବେଳେ ଏହାକୁ ଲାଗୁ କରାଯାଇଥିଲା। ଭାରତରେ ଅର୍ଥବ୍ୟବସ୍ଥା ପାଇଁ ଏକକ ଟିକସ ବ୍ୟବସ୍ଥା ଚାଲିବା ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଦୂରରେ ଥିଲା। ଏହା ସହ ତାହା ଏକ ଦୁର୍ବଳ ତଥା ବାଧ୍ୟତାମୂଳକ ସଂରଚନା ଓ ଦୃଷ୍ଟିକୋଣ ଥିଲା। ଏହି ବ୍ୟବସ୍ଥାର କାର୍ଯ୍ୟାନ୍ୱୟନରେ ରହିଥିବା ଅଭାବ ଲୋକମାନଙ୍କୁ ଏହାକୁ ବଦଳାଇ ଦେବା ଲାଗି ପ୍ରୋତ୍ସାହିତ କରିଛି। ବିଭିନ୍ନ ପ୍ରକାର କାର୍ଯ୍ୟଧାରା ବିକଶିତ ହେଲା। ଜାଲ ଫାର୍ମ ପଞ୍ଜୀକରଣ କରାଗଲା, ବିନା ସାମଗ୍ରୀ ପରିବହନରେ ନକଲି ଚାଲାଣ ବି କଟାହେଲା। ନକଲି ଚାଲାଣ ବଦଳରେ ଆଇଟିସି ଦାବି କରାଗଲା। ଏହା ସହ କମ୍ ଟିକସ ଦେବା ପାଇଁ କାରବାରର ବାସ୍ତବ ଚାଲାଣଠାରୁ କମ୍ କଟାହେଲା। ଜିଏସ୍‌ଟି ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ହୋଇଗଲା, ଯାହାଦ୍ୱାରା ଠକମାନଙ୍କୁ ଯାହା ଇଚ୍ଛା ତାହା କରିବା ପାଇଁ ସୁଯୋଗ ଦେଲା। ବିଭିନ୍ନ ପ୍ରକାର ଉତ୍ପାଦ ଉପରେ ନିର୍ଦ୍ଧାରିତ ଟିକସଠାରୁ କମ୍ ଦେବା ପାଇଁ ଏମାନେ ଉତ୍ପାଦର ନାମକୁ ଭୁଲ ଦର୍ଶାଇଲେ। ବ୍ରାଣ୍ଡେଡ୍ ପ୍ରଡକ୍ଟ ବା ଉତ୍ପାଦ ଲାଗି ଉଚ୍ଚ ଟ୍ୟାକ୍ସ ସ୍ଲାବ୍ ଥିବାବେଳେ ଅଣ ବ୍ରାଣ୍ଡେଡ୍ ଉତ୍ପାଦ ଲାଗି ଏହା ଖୁବ କମ୍ ରହିଛି। କିନ୍ତୁ କମ୍ ଟିକସ ହାର ଦାବି କରିବା ଲାଗି ବହୁସମୟରେ ବ୍ରାଣ୍ଡେଡ୍ ପ୍ରଡକ୍ଟର ଦାମ୍ କମ୍ କରିବା ଲାଗି ଏହାକୁ ଅଣ ବ୍ରାଣ୍ଡେଡ୍ ପ୍ରଡକ୍ଟ ନାମରେ ପାସ କରାଯାଉଥିଲା। ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ଯାହାକୁ ଦୂର କରିବା ଆବଶ୍ୟକ।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ଅଗଷ୍ଟ ୧୯୯୫**

- ଭାରତ ଓ ଚାଇନାର ୪.୦୬୦ କିଲୋମିଟର ବ୍ୟାପୀ ସୀମନ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଲାଗି ଉଭୟ ଦେଶ ସୀମାନ୍ତ ଅଞ୍ଚଳର ୪ଟି ସ୍ଥାନରୁ ସୈନ୍ୟବାହିନୀ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି।
- ପୁରୀରୁ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ପୁରୁଷୋତ୍ତମ ଏକ୍ସପ୍ରେସ୍ ଟ୍ରେନ୍ ଫିରୋଜାବାଦ ଷ୍ଟେଶନରେ ଛିଡ଼ା ହୋଇଥିବା ଫିରୋଜାବାଦ-ଦିଲ୍ଲୀ କାଳିନ୍ଦୀ ଏକ୍ସପ୍ରେସ୍ ଟ୍ରେନ୍‌କୁ ପଛପଟୁ ଧକ୍କା ଦେବା ଫଳରେ ଅତିକମ୍‌ରେ ୨୫୦ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିଲେ।
- ନୂଆଦିଲ୍ଲୀସ୍ଥିତ କନ୍ନଟ୍ ସର୍କସ୍‌କୁ ଇନ୍ଦିରା ଚୌକ ଏବଂ କନ୍ନଟ ପ୍ଲେସ୍‌କୁ ରାଜୀବ ଚୌକ ଭାବେରେ ନାମିତ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | | | | | | | 0 | | | | | B | |
| B | 1 | | 3 | | | | | | | | 7 | | 9 | |
| 9 | | | | | 0 | | | 2 | | | 5 | | 3 | 4 |
| 3 | | D | | | | 9 | | | | | C | | | 2 |
| | 0 | C | | | 5 | 1 | A | 4 | | | 9 | | | |
| | 9 | B | | | | 2 | | | E | | | | 4 | |
| | 2 | | | C | 8 | | | 9 | 3 | | A | 5 | D | |
| A | | 1 | | 7 | | 0 | | | | | 4 | | C | |
| | 4 | | | | | | E | D | | | | A | 0 | 9 |
| | | | | 5 | | 7 | | | | 6 | | 1 | | |
| | 7 | | | | | | 5 | E | 9 | 4 | 0 | B | | 1 |
| 6 | | | | | | D | 2 | | A | | | | | |
| | | | | B | E | | | | 7 | 2 | | 8 | 5 | |
| D | C | | | | | | | | | | 1 | | 6 | |
| 4 | 5 | | | A | 1 | | C | | | | | | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 6 | C | 8 | B | 0 | 2 | 7 | 9 | 5 | 4 | D | 3 | A | E |
| 9 | D | 8 | 1 | 7 | 5 | 0 | E | C | A | 2 | 3 | B | 6 | 4 |
| 4 | B | 3 | A | 9 | 2 | 6 | D | 8 | E | 0 | 1 | 7 | 5 | C |
| 0 | 2 | A | 3 | E | C | 1 | 4 | 5 | 6 | 7 | B | 8 | 9 | D |
| E | 5 | 7 | 4 | D | 6 | A | B | 3 | C | 9 | 8 | 2 | 1 | 0 |
| 8 | 1 | 5 | E | 3 | 7 | B | 2 | D | 4 | 6 | C | A | 0 | 9 |
| 7 | A | 0 | B | 4 | 8 | E | 1 | 6 | 9 | 3 | 2 | D | C | 5 |
| 2 | 3 | 9 | C | 5 | A | 4 | 8 | 7 | 1 | D | 0 | 6 | E | B |
| B | C | D | 0 | 6 | 1 | 5 | 9 | A | 7 | 8 | E | 4 | 2 | 3 |
| 6 | E | 4 | D | 2 | 9 | 3 | C | 0 | B | A | 5 | 1 | 7 | 8 |
| 3 | 4 | 6 | 7 | 1 | B | C | 0 | E | 8 | 5 | A | 9 | D | 2 |
| D | 9 | 2 | 5 | 0 | 4 | 8 | A | 1 | 3 | E | 6 | C | B | 7 |
| A | 8 | E | 9 | C | D | 7 | 5 | B | 2 | 1 | 4 | 0 | 3 | 6 |
| C | 0 | 1 | 6 | 8 | E | 9 | 3 | 2 | D | B | 7 | 5 | 4 | A |
| 5 | 7 | B | 2 | A | 3 | D | 6 | 4 | 0 | C | 9 | E | 8 | 1 |

ଗତକାଲିର ଉତ୍ତର

# ଭାଷା ସାହିତ୍ୟ ଓ ପାଠ୍ୟଖସଡ଼ା



ଡ. ପ୍ରଫୁଲ୍ଲ କୁମାର ସାହୁ

ପ୍ରତ୍ୟେକ ବ୍ୟକ୍ତିର ଜାତୀୟତା ପରିଚୟ ହେଉଛି ତା'ର ମାତୃଭାଷା। ମାତୃଭାଷାର ବ୍ୟବହାର ଉପରେ ନିର୍ଭର କରେ ତା'ର ପରିଚୟ ଓ ପ୍ରତିଷ୍ଠା। ବିଶେଷକରି ସାହିତ୍ୟର ବିକାଶ ଉପରେ ନିର୍ଭର କରେ ଭାଷାର ସମୃଦ୍ଧି। ସାହିତ୍ୟର ବିକାଶ ଫଳରେ କେବଳ ଯେ ଭାଷାର କଳେବର ସମୃଦ୍ଧ ହୁଏ ତାହା ନୁହେଁ,ବରଂ ଏହାଦ୍ୱାରା ଗୋଟିଏ ଜାତି ସ୍ୱତଃ ବାନ୍ଧି ହୋଇଯାଏ ଐକ୍ୟ ବନ୍ଧନରେ। ଏହି ଦୃଷ୍ଟିରୁ ପ୍ରତ୍ୟେକ ଜାତି ଚାହେଁ ତା'ର ସାହିତ୍ୟର ବିକାଶ। ମାତ୍ର ସାହିତ୍ୟର ସମୃଦ୍ଧି ପାଇଁ ଲୋଡା ସାହିତ୍ୟାନୁରାଗ ବା ପାଠକୀୟ ସହୃଦୟତା। ବିଦ୍ୟାଳୟ ହେଉଛି ଏହି ସାହିତ୍ୟାନୁରାଗ ସୃଷ୍ଟି କରିବାର ପ୍ରକୃଷ୍ଟ କ୍ଷେତ୍ର। ଏଠାରେ ପ୍ରାଥମିକ ଶ୍ରେଣୀରୁ ବିଦ୍ୟାର୍ଥୀଙ୍କ ଭିତରେ ସାହିତ୍ୟ ପ୍ରୀତି ଭରିଦେବା ପାଇଁ ଆରମ୍ଭ ହୁଏ ଯୋଜନାବଦ୍ଧ ପ୍ରୟାସ। ନିମ୍ନ ଶ୍ରେଣୀରେ ଶିଶୁ ଓ କିଶୋର ସାହିତ୍ୟ ପ୍ରତି ଯେଉଁ ଅନୁରାଗ ସୃଷ୍ଟି ହୁଏ, ତାହା ମାଧ୍ୟମିକ ଶ୍ରେଣୀ ବେଳକୁ ଏଭଳି ଉଚ୍ଚତର ସାହିତ୍ୟ ପ୍ରୀତିରେ ପରିଣତ ହୁଏ ଯେ ବିଦ୍ୟାର୍ଥୀ ସ୍ୱତଃ ଟାଣି ହୋଇଯାଏ ପାଠାଗାର ଆଡକୁ। ସେଠାରୁ ଗଳ୍ପ, କବିତା, ନାଟକ ଓ ଜୀବନୀ ଆଦି ପୁସ୍ତକ ନେଇ ପଢେ ଖୁବ୍ ଆଗ୍ରହର ସହିତ। ବିଦ୍ୟାର୍ଥୀର ସେହି ଆଗ୍ରହକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ବର୍ଷର ବିଭିନ୍ନ ସମୟରେ ଶିକ୍ଷାଳୟରେ ଆୟୋଜିତ ହୁଏ ସାହିତ୍ୟ ସଭା ଓ ପାଠଚକ୍ର ଇତ୍ୟାଦି। ସେମାନଙ୍କ ସୃଜନଶୀଳ ପ୍ରତିଭାର ବିକାଶ ପାଇଁ ପ୍ରାଚୀର ପତ୍ର ଓ ବାର୍ଷିକ ମୁଖପତ୍ର ଆଦି ପ୍ରକାଶ ପାଏ ଏବଂ ସେମାନଙ୍କୁ ଉଚ୍ଚମାନର ସାହିତ୍ୟ ସହିତ ପରିଚିତ କରାଏ ଶିକ୍ଷାନୁଷ୍ଠାନର ସମୃଦ୍ଧ ପାଠାଗାର। ଏ ସବୁ ସତ୍ତ୍ୱେ ପିଲାଙ୍କୁ ସାହିତ୍ୟ ପ୍ରତି ଆକୃଷ୍ଟ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ମାତୃଭାଷାର ସାହିତ୍ୟର ପାଠ୍ୟଖସଡ଼ା।

ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ଚରିତ୍ର ନିର୍ମାଣ ତଥା ସୁସ୍ଥ ସମାଜ ଗଠନ। ଏହି ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ ହୁଏ ଗୁଣାତ୍ମକ ଶିକ୍ଷା। ଏହାକୁ ଦୃଷ୍ଟିରେ ରଖି ଭିନ୍ନ ଭିନ୍ନ ଶ୍ରେଣୀ ପାଇଁ ପ୍ରସ୍ତୁତ ହୁଏ ପାଠ୍ୟଖସଡା। ବିଶେଷକରି ପ୍ରାଥମିକ ଶିକ୍ଷା ନିମନ୍ତେ ପ୍ରସ୍ତୁତ ମାତୃଭାଷା ପାଠ୍ୟଖସଡାରେ କେଉଁ କେଉଁ ବିଷୟ କେତେ ପରିମାଣରେ ସ୍ଥାନ ପାଇବ, ତାହା ନିର୍ଦ୍ଧାରଣ ହୁଏ ରାଷ୍ଟ୍ରୀୟ ଶିକ୍ଷା ନୀତି ଆଧାରରେ। ତଦନୁଯାୟୀ ପାଠ୍ୟକ୍ରମରେ ସଂଯୋଜିତ ହୁଏ ଆମ ସଂସ୍କୃତି, ପରମ୍ପରା, ଜାତୀୟତା, ଗଣତନ୍ତ୍ର, ଧର୍ମ ନିରପେକ୍ଷତା, ପରିବେଶ ଓ ମହାପୁରୁଷଙ୍କ ଜୀବନୀ ଆଦି ବିଭିନ୍ନ ପ୍ରସଙ୍ଗଭିତ୍ତିକ ଗଳ୍ପ, କବିତା ଓ ପ୍ରବନ୍ଧ ଇତ୍ୟାଦି। ସାଧାରଣତଃ ଓଡିଆ ସାହିତ୍ୟର ପ୍ରବୀଣ ଶିକ୍ଷାବିତଙ୍କ ଦ୍ୱାରା ପ୍ରସ୍ତୁତ ହୁଏ ଭିନ୍ନ ଭିନ୍ନ ଶ୍ରେଣୀ ପାଇଁ ପାଠ୍ୟଖସଡ଼ା। ବେଳେ ବେଳେ ଏହି ପ୍ରବୀଣମାନଙ୍କ ଅହଂ ବା ଅଦୂରଦର୍ଶିତା ଯୋଗୁ ପାଠ୍ୟଖସଡା ଭିତରକୁ ଏମିତି କିଛି ଗଳ୍ପ, କବିତା, ପ୍ରବନ୍ଧ ଆଦି ପଶି ଆସେ, ଯାହା ସାହିତ୍ୟ ପାଠ୍ୟ ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ। ଏଭଳି ବିଷୟ ପାଠ୍ୟଖସଡାରେ ଅନ୍ତର୍ଭୁକ୍ତ ହେବା ଦ୍ୱାରା ଶିକ୍ଷା କେଉଁଠି ତା'ର ମୂଳ ତତ୍ତ୍ୱଠାରୁ ଦୂରେଇ ଯାଏ ତ କେଉଁଠି ଏଭଳି ବିଷୟକୁ ନେଇ ଆଦୌ ସରସ ସୁନ୍ଦର ହୋଇପାରେନି ଶ୍ରେଣୀଗୃହ ଶିକ୍ଷାଦାନ। ପିଲାର ମାନସିକତାକୁ ଧ୍ୟାନ ନ ଦେଇ କେବଳ ସନ୍ତୁଳିତ ଆହାର ବା ରୋଗୀର ପଥ୍ୟ ତାଲିକା ପରି ନିର୍ଦ୍ଧାରିତ କିଛି ପ୍ରସଙ୍ଗକୁ ଆଧାର କରି ମନଇଚ୍ଛା ବିଷୟ ନିର୍ବାଚନ କଲେ, ତାହା ଏକ ଛାଞ୍ଚ ତିଆରି ପାଠ୍ୟଖସଡ଼ାରେ ପରିଣତ ହୁଏ; ଯାହା ସାହିତ୍ୟ ଶିକ୍ଷାର ସମ୍ପୂର୍ଣ୍ଣ ପରିପନ୍ଥୀ।

ଭାଷା ଓ ସାହିତ୍ୟ ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡିତ। ସେଥିପାଇଁ ଉଭୟକୁ ଯୋଡି ପ୍ରସ୍ତୁତ ହୁଏ ଗୋଟିଏ ପାଠ୍ୟଖସଡା। ତେଣୁ ପାଠ୍ୟଖସଡାର ପ୍ରଥମ ଲକ୍ଷ୍ୟ ହୁଏ ମାତୃଭାଷା ଜ୍ଞାନର ବିକାଶ ଓ ଦ୍ୱିତୀୟରେ ଭାଷାର କଳାତ୍ମକ ପ୍ରୟୋଗ। ପିଲାଙ୍କ ମନ ହେଉଛି ଉର୍ବର ଓ ଉତ୍କୃଷ୍ଟ ମନୋଭୂମି, ଯେଉଁଠି ସହଜରେ ରୋପଣ କରାଯାଇପାରେ ଆଦର୍ଶର ଚାରା। ତେଣୁ ଶିକ୍ଷାର ମୂଳ ଲକ୍ଷ୍ୟ ଦୃଷ୍ଟିରୁ ଏଥିରେ ମାନବିକ ମୂଲ୍ୟବୋଧ ଓ ଦେଶପ୍ରେମ ଆଦି ବିଭିନ୍ନ ପ୍ରସଙ୍ଗ ଅଗ୍ରାଧିକାର ପାଇବା ଉଚିତ। ମାତ୍ର କୌଣସି ଆଦର୍ଶର କଥା କହିବାକୁ ଯାଇ ସାହିତ୍ୟର କାନ୍ତ କୋମଳତା କ୍ଷାନ୍ତ ହେବା ହିଁ ବିଡମ୍ବନା। ତେଣୁ ମାତୃଭାଷାର ପାଠ୍ୟଖସଡା କୌଣସି ବୈଜ୍ଞାନିକ ପ୍ରଣାଳୀରେ ନୁହେଁ, ବରଂ ନିଜସ୍ୱ ବାଗରେ ପ୍ରସ୍ତୁତ ହେବା ଆବଶ୍ୟକ। ଯେକୌଣସି ପ୍ରସଙ୍ଗ ସାହିତ୍ୟର ପରିସରଭୁକ୍ତ ହୋଇପାରେ, ମାତ୍ର ତାହା ସାହିତ୍ୟିକ ଶୈଳୀ ବା ସାହିତ୍ୟିକତାରେ ବିମଣ୍ଡିତ ହେବା ଆବଶ୍ୟକ। ତା' ନ ହେଲେ ସେଥିରୁ ରସ ଆସ୍ୱାଦନ କରି ପାରିବେନି ବିଦ୍ୟାର୍ଥୀ। ମନେରଖିବାକୁ ହେବ ଯେ କୌଣସି ବକ୍ତବ୍ୟ ଯେତେବେଳେ କିଛି କଳ୍ପନା କରିବାର ସୁଯୋଗ ସୃଷ୍ଟି କରେ, ସେତେବେଳେ ତାହା ପହଞ୍ଚିଯାଏ ସାହିତ୍ୟ ସ୍ତରରେ। ସାହିତ୍ୟର ଏହି କଳାତ୍ମକ ଦିଗଟି ପାଇଁ ସେ ଅନ୍ୟ ସବୁ ବିଷୟଠାରୁ ସ୍ୱତନ୍ତ୍ର। ତା' ନ ହେଲେ ଭୂଗୋଳ ବହିର ଚିଲିକା ହ୍ରଦ ଓ କବିବର ରାଧାନାଥ ରାୟଙ୍କ 'ଚିଲିକା' କାବ୍ୟ ଭିତରେ ନ ଥାନ୍ତା ଆକାଶ ପାତାଳ ପ୍ରଭେଦ। ଭୂଗୋଳ ବହିର ଚିଲିକା ହେଉଛି ତଥ୍ୟ ଆଧାରିତ। ଅନ୍ୟପକ୍ଷରେ ରାଧାନାଥଙ୍କ ଚିଲିକା ବର୍ଣ୍ଣନା ପାଟବ ବା କାଳ୍ପନିକ ସୌନ୍ଦର୍ଯ୍ୟ ଉପରେ ପର୍ଯ୍ୟବସିତ। ଅର୍ଥାତ୍ ଭାଷା ମାଧ୍ୟମରେ ତଥ୍ୟ ପ୍ରସାର ଅନ୍ୟ ସବୁ ବିଷୟରେ କରାଯାଇ ପାରେ, ମାତ୍ର କଳ୍ପନାର ବିକାଶ ପାଇଁ ଲୋଡା ସୃଜନଶୀଳ ସାହିତ୍ୟ। ତେଣୁ ସୃଜନଶୀଳତାରେ ରସାଣିତ ହୋଇ ନ ଥିବା କୌଣସି ପ୍ରସଙ୍ଗ ଯଦି ସାହିତ୍ୟର ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୁଏ, ତେବେ ସାହିତ୍ୟ ସ୍ୱତଃ ହରାଇ ବସିବ ତା'ର ସୌନ୍ଦର୍ଯ୍ୟ ଓ ରସ ଚେତନା।

ଶିଶୁର ସାମୂହିକ ଉନ୍ନତି ପାଇଁ ବୁଦ୍ଧି ବିକାଶର ଯେତିକି ପ୍ରୟୋଜନୀୟତା ରହିଛି, ସେହି ପରିମାଣରେ ବି ରହିଛି କଳ୍ପନା ପ୍ରବଣତାର ପ୍ରୟୋଜନୀୟତା। ବିଜ୍ଞାନ ବୁଦ୍ଧିର ବିଷୟ, ମାତ୍ର କଳା ଓ ସାହିତ୍ୟ ଭାବର ବସ୍ତୁ। ବିଜ୍ଞାନର ଉଚ୍ଚତମ ସୋପାନ ହେଉଛି କଳ୍ପନା। ଅର୍ଥାତ୍ କଳ୍ପନା ପ୍ରବଣତା ବିନା ସମ୍ଭବ ହୋଇପାରିବ ନାହିଁ ବୁଦ୍ଧିର ପୂର୍ଣ୍ଣ ବିକାଶ। ଲୋକେ ଭାବନ୍ତି ବୈଜ୍ଞାନିକ ସତ୍ୟ ହିଁ ଏକମାତ୍ର ସତ୍ୟ, ଅନ୍ୟ ସବୁ ମିଥ୍ୟା, ପ୍ରବଞ୍ଚନା ଓ କଳ୍ପନା ପ୍ରସୂତ। ଏଭଳି ଧାରଣା ହିଁ ସୃଜନଶୀଳତାର ଧ୍ୱଂସର କାରଣ।

ସବୁ କଳା ପରି ସାହିତ୍ୟ ସୌନ୍ଦର୍ଯ୍ୟର ପୋଷାକ ଓ ରସୋଦ୍ଦୀପକ। ଏହି ରସ ଆସ୍ୱାଦନ ଯେ କେବଳ ବୟସ୍କମାନଙ୍କ ପାଇଁ ଉଦ୍ଦିଷ୍ଟ ତାହା ନୁହେଁ, ପିଲାମାନେ ମଧ୍ୟ ସେଥିପାଇଁ ହକଦାର। ସେ ଅଧିକାରରୁ ତାକୁ ବଞ୍ଚିତ କରିବା ଅର୍ଥ ତା'ର ମାନସିକ ବିକାଶର ଅବରୋଧ। ତେଣୁ ପାଠ୍ୟ ବିଷୟ ରୁଢ଼ ଓ ଅନୁଦାର ହେଲେ ସାହିତ୍ୟ ପ୍ରତି ବଢିବ ପିଲାର ବିତୃଷ୍ଣା। ମନ ଭିତରେ ମରି ଶୋଇବ ସୌନ୍ଦର୍ଯ୍ୟବୋଧ। ରସ ଆସ୍ୱାଦନ ବିନା କେବଳ ପଣ୍ଡ ପରିଶ୍ରମରେ ପରିଣତ ହେବ ସାହିତ୍ୟ ଶିକ୍ଷା। ଏହାକୁ ଦୃଷ୍ଟିରେ ରଖି ସାହିତ୍ୟ ବହିରେ ଏମିତି ବିଷୟ ସନ୍ନିବେଶିତ ହେବା ଉଚିତ, ଯାହା କଳ୍ପନା ଶକ୍ତିର ବିନିଯୋଗ ପାଇଁ ସୃଷ୍ଟି କରିବ ପର୍ଯ୍ୟାପ୍ତ ସୁଯୋଗ। କେବଳ ଉପଯୁକ୍ତ ବିଷୟ ଚୟନ କରି ଦେଲେ ହେବନି,ଏଥିସହ ବିଷୟ ଶେଷରେ ଥିବା ପ୍ରଶ୍ନଗୁଡିକ କଳାତ୍ମକ ଦିଗ ପ୍ରତି ଧ୍ୟାନଦେବା ଦରକାର। ପ୍ରଶ୍ନଗୁଡିକ ଭାବବୋଧ ଉପରେ ପର୍ଯ୍ୟବସିତ ନ ହେଲେ ସାହିତ୍ୟିକ ଚେତନା ସୃଷ୍ଟି କରିବାରେ ବିଫଳ ହୁଏ ସାହିତ୍ୟ। ତେଣୁ ତଥ୍ୟବୋଧ ପରିବର୍ତ୍ତେ ରସବୋଧକୁ ପରୀକ୍ଷା କରିବା ପାଇଁ ପ୍ରଶ୍ନଗୁଡିକ ଏମିତି ତିଆରି ହେବା ଉଚିତ, ଯାହାର ଉତ୍ତରରେ ପ୍ରତିଫଳିତ ହେବ ପରୀକ୍ଷାର୍ଥୀର ବିଷୟ ଅବବୋଧ, ଭାଷା ଜ୍ଞାନ, ଲେଖା ଶୈଳୀ, ଶବ୍ଦ ବସାଣ କୌଶଳ, ରସ ଚେତନା ତଥା ସର୍ଜନଶୀଳ ସାମର୍ଥ୍ୟ ଇତ୍ୟାଦି।

ବାକି ରହିଲା ଗୁଣାତ୍ମକ ଦିଗ। ସାହିତ୍ୟ ନିଜେ ଗୋଟେ ମୂଲ୍ୟବାନ ଓ କମନୀୟ ବସ୍ତୁ। ମାନବ ଜୀବନ ନିର୍ମାଣ କ୍ଷେତ୍ରରେ ତା'ର ନିଜସ୍ୱ ସାମର୍ଥ୍ୟ ଅସାମାନ୍ୟ। ସମ୍ପ୍ରତି ମାନବିକ ମୂଲ୍ୟବୋଧର ଅବକ୍ଷୟଜନିତ ସମସ୍ୟା ସମାଧାନ ଦିଗରେ ସାହିତ୍ୟର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଦୃଷ୍ଟାନ୍ତ ସ୍ୱରୂପ ଆତ୍ମକେନ୍ଦ୍ରିକ ଭାବନା ଯୋଗୁଁ ଏବେ ଉଚ୍ଚଶିକ୍ଷିତ ପୁଅମାନଙ୍କ ଭିତରେ ପ୍ରକାଶ ପାଉନି ପିତୃମନସ୍କତା। ସେଥିପାଇଁ ପରିଣତ ବୟସରେ ଅବହେଳାର ଶିକାର ହେଉଛନ୍ତି ଅନେକ ମାତାପିତା। ଏହି ପବିତ୍ର ମାଟିରେ ଜନ୍ମ ହୋଇଥିଲେ ଶ୍ରବଣ କୁମାର, ଯିଏ ନିଜ ଅନ୍ଧ ମାତାପିତାଙ୍କୁ କାନ୍ଧରେ ବୋହୁଥିଲେ ଅତି ଭକ୍ତି ଓ ଶ୍ରଦ୍ଧାରେ। ମାତ୍ର ପରବର୍ତ୍ତୀ ସମୟରେ ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବରେ ଏଠି ସୃଷ୍ଟି ହେଲେ ଫକୀର ମୋହନଙ୍କ ଡାକମୁନ୍‌ସୀ ଭଳି କିଛି ଘୋଡାମୁହାଁ ପୁଅ। ବାପକୁ ଇଂଲିଶ ଘୁଷି ମାରୁଥିବା ଏହି ଉଚ୍ଚଶିକ୍ଷିତ ପୁଅକୁ ଦୂରଦ୍ରଷ୍ଟା ଫକୀର ମୋହନ ଯେଭଳି ତେରଛା ବାଣ ମାରିଥିଲେ,ବର୍ତ୍ତମାନ ସମାଜ ପାଇଁ ତା'ର ପ୍ରାସଙ୍ଗିକତା ଖୁବ୍ ବେଶି। ତେଣୁ ଭାବଗତ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରିବାକୁ ହେବ ପାଠ୍ୟଖସଡ଼ା। ସେଥିରେ ସଂଯୋଜିତ ବିଷୟଗୁଡିକ ସାହିତ୍ୟର ଯେଉଁ ଯୁଗୀୟ ହେଉନା କାହିଁକି, ବିଦ୍ୟାର୍ଥୀକୁ ଆନନ୍ଦ ପ୍ରଦାନ କରିବା ସହିତ ତା'ର ଭାଷା ଜ୍ଞାନ ବୃଦ୍ଧି ତଥା ଚରିତ୍ର ଗଠନରେ ସହାୟକ ହେବା ଦରକାର।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ
ପଡ଼ିଆବେଡ଼ା, ମୟୂରଭଞ୍ଜ
ମୋ: ୯୪୩୮୮୫୫୦୮୮

# ପ୍ରାଚୀନ ବିଶ୍ୱରେ ସଙ୍ଗରୋଧ



ଇଂ. ମାୟାଧର ସ୍ୱାଇଁ

ଚାଇନାରୁ ଆରମ୍ଭ ହୋଇ କରୋନା ଭାଇରସ୍ ବା କୋଭିଡ୍-୧୯ ରୋଗ ପୃଥିବୀର ପ୍ରାୟ ସମସ୍ତ ଦେଶକୁ ବ୍ୟାପିଗଲାଣି। ଏଥିରେ ଆକ୍ରାନ୍ତ ହୋଇ ଲକ୍ଷାଧିକ ଲୋକଙ୍କ ଜୀବନ ଗଲାଣି। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଏହାକୁ ମହାମାରୀ ଆଖ୍ୟା ଦେଇଛି। ଆକ୍ରାନ୍ତ ବ୍ୟକ୍ତିଙ୍କଠାରୁ ସୁସ୍ଥ ଲୋକକୁ ଏହି ରୋଗ ସଂକ୍ରମିତ ହୋଇଥାଏ। ଏଣୁ ଏହାର ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସଙ୍ଗରୋଧ (କ୍ୱାରାଣ୍ଟାଇନ୍) ଏବଂ ସାମାଜିକ ଦୂରତ୍ୱ ଆବଶ୍ୟକ ହେଉଛି। କୌଣସି ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହୋଇଥିବାର ସନ୍ଦେହ ହେଲେ, ଆକ୍ରାନ୍ତ ବ୍ୟକ୍ତିର ସଂସ୍ପର୍ଶରେ ଆସିଥିଲେ କିମ୍ବା ସଂକ୍ରମିତ ଅଞ୍ଚଳରୁ ଆସିଥିଲେ, ତାକୁ ସଙ୍ଗରୋଧରେ ରହିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ନିଶ୍ଚିତଭାବେ ରୋଗ ପ୍ରସାର ନ ହେବାର ଏହା ଗୋଟିଏ ଫଳପ୍ରଦ ଉପାୟ।

ସଙ୍ଗରୋଧର ଧାରଣା ବହୁ ପ୍ରାଚୀନ କାଳରୁ ପୃଥିବୀବାସୀଙ୍କୁ ଜଣାଥିଲା। ସେତେବେଳେ ସଂକ୍ରାମକ ରୋଗୀକୁ ଅଲଗା ରଖାଯାଉଥିଲା। ପ୍ରାଚୀନ ଗ୍ରୀକ୍ ଓ ରୋମାନ୍ ସଭ୍ୟତା ବିଜ୍ଞାନରେ ଅନେକ ପ୍ରଗତି କରିଥିଲେ ସୁଦ୍ଧା ଲୋକଙ୍କର ଭାଇରସ୍ କିମ୍ବା ବ୍ୟାକ୍ଟେରିଆ ସମ୍ବନ୍ଧରେ ଧାରଣା ନ ଥିଲା। କିନ୍ତୁ ପ୍ଲେଗ୍ ଭଳି କେତେକ ଡିଆଁରୋଗ ସମ୍ବନ୍ଧରେ ସେମାନେ ଅବଗତ ଥିଲେ ଏବଂ ଏହି ରୋଗୀ ସଂସ୍ପର୍ଶରେ ଆସିଲେ ସୁସ୍ଥ ଲୋକ ରୋଗରେ ଆକ୍ରାନ୍ତ ହେଉଥିବାର ଜାଣିଥିଲେ। ଏଣୁ ସୁସ୍ଥ ଲୋକଙ୍କୁ ରୋଗୀମାନଙ୍କଠାରୁ ସୁରକ୍ଷା ଦେବା ପାଇଁ ରୋଗୀମାନଙ୍କୁ ଅଲଗା ସଙ୍ଗରୋଧରେ ରଖାଯାଉଥିଲା। ସେମାନେ ବିଶ୍ୱାସ କରୁଥିଲେ ଯେ, ପ୍ଲେଗ୍ ଓ ଅନ୍ୟ ମହାମାରୀ ଭୂଇଁରୁ ଦୁର୍ଗନ୍ଧ ଦେଇ ଆସିଥାଏ। ସେମାନେ ମଧ୍ୟ ଜାଣିଥିଲେ ଯେ, ମନୁଷ୍ୟଠାରୁ ଏହି ରୋଗ ଅନ୍ୟ ମନୁଷ୍ୟକୁ ସଂକ୍ରମଣ କରିଥାଏ। ସେତେବେଳେ ଆଜିକାଲି ଭଳି ଔଷଧ ନ ଥିଲା। ଏଣୁ ସଂକ୍ରମଣକୁ ବନ୍ଦ କରିବା ପାଇଁ ରୋଗୀକୁ ସଙ୍ଗରୋଧରେ ରଖିବା ଏକମାତ୍ର ଉପାୟ ଥିଲା। ପ୍ରାଚୀନ ବିଶ୍ୱରେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳର ଲୋକମାନେ ଅଧିକ ଭାବେ ଏହି ରୋଗରେ ଆକ୍ରାନ୍ତ ହେଉଥିଲେ। ଖ୍ରୀ.ପୂ. ୪୩୦ରେ ପେଲୋପୋନେସୀୟ ଯୁଦ୍ଧ ସମୟରେ ପ୍ଲେଗ୍ ଯୋଗୁ ଏଥେନ୍ସର ୨୫ ପ୍ରତିଶତ ଅଧିବାସୀ ମୃତ୍ୟୁବରଣ କରିଥିଲେ। ଦ୍ୱିତୀୟ ଶତାବ୍ଦୀରେ ଆଣ୍ଟୋନାଇନ୍ ପ୍ଲେଗ୍‌ରେ ରୋମ୍ ସାମ୍ରାଜ୍ୟର ଅର୍ଦ୍ଧାଧିକ ଲୋକ ମୃତ୍ୟୁବରଣ କରିଥିଲେ। ପ୍ରମାଣ ମିଳିଛି ଯେ, ଲୋକମାନେ ସଙ୍ଗରୋଧରେ ରହିବା ପାଇଁ ସେତେବେଳେ ସରକାରୀ ଭାବେ ଆଇନ କରାଯାଇଥିଲା। ମହାମାରୀ ସମୟରେ ସହରକୁ ବାହାର ଲୋକଙ୍କର ପ୍ରବେଶକୁ ଏଥେନ୍ସ ଓ ଅନ୍ୟ ସହରରେ ବାରଣ କରାଯାଇଥିଲା। ଆଜିକାଲି ଭଳି ସେତେବେଳେ ଡାକ୍ତରଖାନା ନ ଥିଲା ଏବଂ ରୋଗୀକୁ ନିଜ ଘରେ ସଙ୍ଗରୋଧରେ ରହିବା ପାଇଁ କୁହାଯାଉଥିଲା। ଫଳରେ ଅନେକ ରୋଗୀ ନିଜ ଘରେ ମୃତ୍ୟୁବରଣ କରୁଥିଲେ। ଅବଶ୍ୟ ବଦାନ୍ୟ ବ୍ୟକ୍ତିମାନେ ଗରିବ ରୋଗୀମାନଙ୍କୁ ଖାଇବାକୁ ଦେଉଥିଲେ। ମହାମାରୀ ସମୟରେ ଅନେକ ରୋଗୀ ନିଜ ଘର ଛାଡ଼ି ମନ୍ଦିରରେ ରହୁଥିଲେ। ବିଶେଷଭାବେ ଗ୍ରୀକ୍ ସ୍ୱାସ୍ଥ୍ୟ ଦେବତା ଆସ୍କ୍ଲେପିୟସ୍‌ଙ୍କ ମନ୍ଦିର ସେମାନଙ୍କର ଆଶ୍ରୟସ୍ଥଳ ଓ ସଙ୍ଗରୋଧ କେନ୍ଦ୍ର ଥିଲା। ଏହିପରି ଭାବେ ସୁସ୍ଥ ଲୋକମାନେ ରୋଗୀଠାରୁ ଅଲଗା ରହି ରୋଗ ସଂକ୍ରମଣକୁ ନିୟନ୍ତ୍ରଣ କରିପାରିଥିଲେ।

ପ୍ରାଚୀନ କାଳରେ ରୋଗୀମାନଙ୍କୁ ସଙ୍ଗରୋଧରେ ରଖିବା ସହିତ ଜିନିଷପତ୍ର ନେବା ଆଣିବାରେ ମଧ୍ୟ ପ୍ରତିବନ୍ଧକ ଥିଲା। ଲୋକମାନେ ଜାଣିଥିଲେ ଯେ, ଜିନିଷପତ୍ର ମାଧ୍ୟମରେ ମଧ୍ୟ ରୋଗ ବ୍ୟାପିଥାଏ। ପ୍ରାଚୀନ ରୋମ୍ ଚିକିତ୍ସକ ଗେଲନ୍ (ଦ୍ୱିତୀୟ ଶତାବ୍ଦୀ) ମହାମାରୀ ଉପରେ ରଚନା କରିଥିବା ପୁସ୍ତକରେ ଲେଖିଛନ୍ତି ଯେ, ପଚା ଶସ୍ୟରୁ ପ୍ଲେଗ୍ ଓ ଅନ୍ୟ ସଂକ୍ରାମକ ରୋଗ ସୃଷ୍ଟି ହୋଇଥାଏ। ଏଣୁ ସହରାଞ୍ଚଳ କର୍ତ୍ତୃପକ୍ଷ ମହାମାରୀ ସମୟରେ ସହର ମଧ୍ୟକୁ ଶସ୍ୟ ଓ ଅନ୍ୟ ଉତ୍ପାଦର ପ୍ରବେଶ ଉପରେ କଟକଣା ଜାରି କରୁଥିଲେ। ଆଜିକାଲି ଭଳି ସେତେବେଳେ ମଧ୍ୟ ଏହା ଦେଶର ଅର୍ଥନୀତି ଉପରେ ଖରାପ ପ୍ରଭାବ ପକାଉଥିଲା।

ଖ୍ରୀଷ୍ଟଧର୍ମର ଅଭ୍ୟୁଦୟ ପରେ ରୋମ୍‌ରେ ଡାକ୍ତରଖାନା ସ୍ଥାପିତ ହେଲା ଏବଂ ରୋଗୀମାନଙ୍କୁ ସେଠାରେ ରଖି ଚିକିତ୍ସା କରାଗଲା। ଏଠାରେ ମଧ୍ୟ ରୋଗ ସନ୍ଦେହ ଥିବା ବ୍ୟକ୍ତିଙ୍କୁ ସଙ୍ଗରୋଧରେ ରଖାଯାଉଥିଲା। ପ୍ରାଚୀନ ଗ୍ରୀକ୍ ଓ ରୋମ୍‌ରେ ସୀମିତ ଭାବେ ସଙ୍ଗରୋଧ ବ୍ୟବସ୍ଥା ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଅନ୍ୟ ସଭ୍ୟତାରେ ଏହି ବ୍ୟବସ୍ଥା ଦୃଢ଼ୀଭୂତ ହୋଇଥିଲା। ସେମାନଙ୍କଠାରୁ ଶିକ୍ଷା ଲାଭ କରି ବିଜାଣ୍ଟାଇନ୍ ସାମ୍ରାଜ୍ୟରେ (ଆଧୁନିକ ଇସ୍ତାନବୁଲ୍ ନିକଟବର୍ତ୍ତୀ) ଉନ୍ନତ ସଙ୍ଗରୋଧ ବ୍ୟବସ୍ଥା ଦ୍ୱାରା ରୋଗୀମାନଙ୍କୁ ଅଲଗା ରଖାଯାଉଥିଲା। ଆରବୀୟମାନେ ମଧ୍ୟ ଗ୍ରୀକ୍‌ମାନଙ୍କର ସଙ୍ଗରୋଧ ବ୍ୟବସ୍ଥାର ଅଧିକ ଉନ୍ନତି କରିଥିଲେ।

ସଙ୍ଗରୋଧର ଆଧୁନିକ ପଦ୍ଧତି ମଧ୍ୟଯୁଗୀୟ ୟୁରୋପରେ ଉଦ୍ଭବ ହୋଇଥିଲା। ବିଶେଷଭାବେ ଇଟାଲି ଏଥିରେ ପ୍ରମୁଖ ଭୂମିକା ନେଇଥିଲା। ଗେଲନ୍‌ଙ୍କ ପୁସ୍ତକ ଅନୁସାରେ ସଂକ୍ରାମକ ରୋଗୀମାନଙ୍କୁ ଚାଳିଶ ଦିନ ପାଇଁ ସଙ୍ଗରୋଧରେ ରଖାଯାଉଥିଲା। ଇଟାଲିରେ 'ଚାଳିଶ'କୁ କ୍ୱାରାଣ୍ଟା କୁହାଯାଏ ଏବଂ ଏଥିରୁ ସଙ୍ଗରୋଧର ଇଂଲିଶ ଶବ୍ଦ 'କ୍ୱାରାଣ୍ଟାଇନ୍' ଆସିଛି। ୧୯୧୮ ମସିହାରେ ୟୁରୋପରେ ସ୍ପାନିଶ୍ ଇନ୍‌ଫ୍ଲୁଏଞ୍ଜା ରୋଗରେ ଅନେକ ଲୋକ ମୃତ୍ୟୁବରଣ କରିଥିଲେ। ସେତେବେଳେ ମଧ୍ୟ ଆଜିକାଲି ଭଳି ମାସ୍କ ଓ ସଙ୍ଗରୋଧର ବ୍ୟବସ୍ଥା କରାଯାଇଥିଲା। ମୋଟାମୋଟି କହିବାକୁ ଗଲେ ସଙ୍ଗରୋଧର ଇତିହାସ ହେଉଛି ଅତି ପ୍ରାଚୀନ ଏବଂ କାଳକ୍ରମେ ଏଥିରେ କେତେକ ଉନ୍ନତି ଅଣାଯାଇଛି।

୭୦, ଲକ୍ଷ୍ମୀବିହାର, ଭୁବନେଶ୍ୱର
ମୋ- ୯୪୩୮୬୯୩୭୨୪

## ଏଇ ଭାରତରେ

ମଣିଷ କର୍ମ ବଳରେ ସ୍ୱତନ୍ତ୍ର ପରିଚୟ ପାଏ, ଯାହା ପାଇଛନ୍ତି ବେଙ୍ଗାଲୁରୁର ଜଣେ ଟ୍ରାନ୍ସ ଓମେନ ପୂର୍ଣ୍ଣିମା ସୁକୁମାର। ଆରାବଣୀ ଆର୍ଟ ପ୍ରୋଜେକ୍ଟର ପ୍ରତିଷ୍ଠାତା ପୂର୍ଣ୍ଣିମା ବହୁ ଟ୍ରାନ୍ସ ଓମେନଙ୍କୁ ଆର୍ଟ କାର୍ଯ୍ୟରେ ଲଗାଇଛନ୍ତି। ୨୦୧୬ରେ ପୂର୍ଣ୍ଣିମା ଏହି ଆର୍ଟ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ଏବେ କରୋନା ମହାମାରୀ ସମୟରେ ତାଙ୍କ ଟିମ୍ ପେଣ୍ଟିଂ କାନ୍‌ଭାସ ବିକ୍ରି କରି ଗୁଜୁରାଣ ମେଣ୍ଟାଇବା ସହ ତାଙ୍କ କମ୍ୟୁନିଟିର ବହୁ ଗରିବଙ୍କୁ ମାଗଣାରେ ଖାଦ୍ୟ ଓ ଔଷଧ ଯୋଗାଉଛନ୍ତି। ତାଙ୍କ ଟିମ୍ ପେଣ୍ଟିଂକୁ ଲୋକଙ୍କ ଘରେ ପହଞ୍ଚାଇ ଦେଉଛନ୍ତି। ଯେଉଁମାନେ ଚାହୁଁଛନ୍ତି ସେମାନେ ବି ତାଙ୍କ ପାଖରୁ ଏହା କିଣୁଛନ୍ତି। ଏଥିରୁ ଯାହା ଆୟ ହେଉଛି ସେଥିରୁ ଅଧା ପେଣ୍ଟରମାନଙ୍କୁ ଦେଉଛନ୍ତି ପୂର୍ଣ୍ଣିମା। ଆଉ ଅଧକରୁ କିଛି ରଙ୍ଗ ଓ ଅନ୍ୟାନ୍ୟ ଉପକରଣ କିଣିବା ପରେ ଯାହା ରହୁଛି ସେଥିରେ ତାଙ୍କ କମ୍ୟୁନିଟିର ଗରିବମାନଙ୍କୁ ଚାଉଳ, ଡାଲି, ଚିନି, ତେଲ ଏବଂ ଔଷଧ ଯୋଗାଇଦେଉଛନ୍ତି। ପୂର୍ଣ୍ଣିମାଙ୍କ ଟିମ୍‌ରେ ୯ ଜଣ ଟ୍ରାନ୍ସ ଓମେନ ରହିଛନ୍ତି। ସେଥିରୁ ଦୁଇଜଣ ଲୋକମାନଙ୍କଠାରୁ ଅର୍ଡର ରଖି ସେମାନଙ୍କ ପାଖରେ କାନ୍‌ଭାସ ପହଞ୍ଚାଇବା ଦାୟିତ୍ୱରେ ରହିଛନ୍ତି। ସପ୍ତାହରେ ଥରେ ସେମାନେ ପୂର୍ଣ୍ଣିମାଙ୍କ ଘରେ ଏକାଠି ହେଉଛନ୍ତି ଓ ତା'ପରେ ଘରେ ରହି ପରସ୍ପର ସହ ଯୋଗାଯୋଗ କରି ପେଣ୍ଟିଂ କରୁଛନ୍ତି। ସେମାନେ ୧୦ଦିନରେ ପାଖାପାଖି ୭ଟି କାନ୍‌ଭାସ ପେଣ୍ଟିଂ କରୁଛନ୍ତି। ଜୁନ୍‌ରୁ ଏଯାବତ୍ ୧୦୦ ପେଣ୍ଟିଂ ବିକ୍ରି କରି ସାରିଲେଣି। ତାଙ୍କ ଟିମ୍ ଭାରତର ବିଭିନ୍ନ ସହରରେ ଉଚ୍ଚକୋଟୀର ୫୦ରୁ ଊର୍ଦ୍ଧ୍ୱ ୱାଲ୍ ପେଣ୍ଟିଂ କରିବା ସହ ଆମେରିକାର ସାନ୍‌ଫ୍ରାନ୍ସିସ୍କୋରେ ବି ଏହା କରିଛନ୍ତି। କିନ୍ତୁ କରୋନା ସମୟରେ ଏହା ସମ୍ଭବ ନ ହେବାରୁ ଗରିବମାନଙ୍କୁ ସାହାଯ୍ୟ କରିବା ଲାଗି ଏଭଳି ଉପାୟ ଆପଣାଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଅବହେଳିତ ପାତାଳି ଶ୍ରୀକ୍ଷେତ୍ର

ମହାଶୟ,

ସୋନପୁର ଜିଲାର ଉଲୁଣ୍ଡା ବ୍ଲକ୍ କୋଟସମୋଲାଏଠାରେ ଅବସ୍ଥାପିତ ପାତାଳି ଶ୍ରୀକ୍ଷେତ୍ର। ଏହା ଦିନେ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ନାମିତ ହେବା ପାଇଁ ଆଗରୁ ବହୁତ ଯୋଜନା କରାଯାଇଅଛି। କିନ୍ତୁ ଦୁଃଖର ବିଷୟ ଏହା କାର୍ଯ୍ୟକାରୀ ହେବାରେ ବହୁତ ବିଳମ୍ବ ହେଉଛି। ଏଠାରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର, ମନ୍ଦିର ଉପରକୁ ରାସ୍ତା, ରୋପ୍‌ୱେ, ଜଳାଶୟରେ ବୋଟିଂ ଆଦି ଅନେକ ଉନ୍ନତୀକରଣ ପ୍ରସ୍ତାବ ଥିଲା। କିନ୍ତୁ ଏଗୁଡ଼ିକର ଉନ୍ନତି ସକାଶେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ମନ୍ଦିର କମିଟିର ସଦସ୍ୟମାନେ ଉଚିତ ପଦକ୍ଷେପ ନେଉନାହାନ୍ତି। ଏଠାକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ଏଣୁ ଏହି କାର୍ଯ୍ୟଗୁଡ଼ିକର ସୁପରିଚାଳନା କରି ସମ୍ପୂର୍ଣ୍ଣ କରିବା ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ସମ୍ପୂର୍ଣ୍ଣ ଭାବେ ଦାୟିତ୍ୱ ନେଲେ ଜଗନ୍ନାଥପ୍ରେମୀ ତଥା ଅଞ୍ଚଳର ଜନସାଧାରଣ ଉପକୃତ ହୁଅନ୍ତେ।

ଶିବରାମ ନାୟକ, ଉଲୁଣ୍ଡା, ସୁବର୍ଣ୍ଣପୁର

### ତ୍ରିରଙ୍ଗା ନାମରେ ଗୁଟ୍‌ଖା ବନ୍ଦ ହେଉ

ଭାରତର ବିଭିନ୍ନ ଅଞ୍ଚଳରେ ତ୍ରିରଙ୍ଗା ନାମରେ ଗୁଟ୍‌ଖା ବିକ୍ରି ହେଉଛି। ଏହାର ଖୋଳ ଭାରତର ଜାତୀୟ ପତାକାର ତିନୋଟି ରଙ୍ଗରେ ମୁଦ୍ରିତ ହେଉଛି। ଗୁଟ୍‌ଖା ଖାଇବା ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ। ତେଣୁ ଏହି ତ୍ରିରଙ୍ଗା ଗୁଟ୍‌ଖା ଜାତୀୟ ପତାକାକୁ ଅସମ୍ମାନିତ କରିଲା ପରି ଜଣାପଡୁଛି। ଏହାର ବିକ୍ରି ନିଷିଦ୍ଧ କରାଯାଉ।

କହ୍ନେଇଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

### ଚିରନ୍ତନୀ

ଚଳଇ ଧୀରେ ମେଘ
ଆକାଶେ ନାହିଁ ବେଗ
ଅଶନିଘୋଷ ନାହିଁ ଶୁଭଇ
ପିଚ୍ଛିଳ ପଥେ ପାଦ
ରଚଇ ପରମାଦ
ମରମ କି ଦରଦ ଲଭଇ !

(ବର୍ଷାରତି)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜଳେଶ୍ୱରରେ କ୍ରାଇମ୍‌ବ୍ରାଞ୍ଚ ଟିମ୍

ଜଳେଶ୍ୱର(ସ୍ୱ.ପ୍ର.): ବାଲେଶ୍ୱର ଜିଲା ଜଳେଶ୍ୱରରେ ବ୍ରାଉନ୍‌ସୁଗାର କାରବାର ସମ୍ପର୍କିତ ଅଡିଓ ଭାଇରାଲ ହେବା ପରେ ସେଥିରେ ଥାନା ଆଇଆଇସିଙ୍କ ଲିଙ୍କ୍ ଥିବା ଜଣାପଡ଼ିଥିଲା। ଏନେଇ ପୋଲିସ ଡିଜି ଅଭୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ଜଳେଶ୍ୱର ବହୁ ସଙ୍ଗଠନ, ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ କ୍ରାଇମ୍‌ବ୍ରାଞ୍ଚ କିମ୍ବା ସିବିଆଇ ତଦନ୍ତ ଲାଗି ଦାବି କରିଥିଲେ। ଗୁରୁବାର କ୍ରାଇମ୍‌ବ୍ରାଞ୍ଚର ୩ଜଣିଆ ଟିମ୍ ଜଳେଶ୍ୱରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଥାନାରେ ଥିବା ଜଣେ ଏସ୍‌ଆଇଙ୍କୁ ଟିମ୍ ପ୍ରାୟ ୧ଘଣ୍ଟା ଜେରା କରିବା ପରେ ଜଳେଶ୍ୱର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ଏହି ଟିମ୍‌ରେ ଜଣେ ଇନ୍ସପେକ୍ଟର ଓ ଜଣେ ସବ୍‌ଇନ୍ସପେକ୍ଟର ଥିବା ଜଣାଯାଇଛି।

# ଓଡ଼ିଶା ଏମ୍‌ଏସ୍‌ଏମ୍‌ଇକୁ ୧୬୧୭ କୋଟି

ନୂଆଦିଲ୍ଲୀ,୨୦।୮

କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଜରୁରିକାଳୀନ ପୁଞ୍ଜି ଯୋଗାଣ ଯୋଜନା ଏମର୍ଜେନ୍ସି କ୍ରେଡିଟ ଲାଇନ ଗ୍ୟାରେଣ୍ଟି ସ୍କିମ୍ (ଇସିଏଲ୍‌ଜିଏସ୍)ରେ ଓଡ଼ିଶାର ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକୁ ୧୬୧୭.୬୦ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ଏଠାରେ ୧.୫୧ ଲକ୍ଷ ଆକାଉଣ୍ଟକୁ ଋଣ ପ୍ରଦାନ କରାଯିବା ଲାଗି ମଞ୍ଜୁର ହୋଇଛି। ଏହି ଆକାଉଣ୍ଟଗୁଡ଼ିକ ମଧ୍ୟରୁ ୭୭,୦୮୩ ଆକାଉଣ୍ଟକୁ ଋଣ ପ୍ରଦାନ କରାଯାଇଛି।

### ସାରା ଦେଶରେ କ୍ଷୁଦ୍ର ସଂସ୍ଥାଙ୍କୁ ୧ ଲକ୍ଷ କୋଟିର ଋଣ ସହାୟତା

ଏହି ଯୋଜନାରେ ସାରା ଦେଶରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ୧ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ଯୋଗାଇ ଦିଆଯାଇଛି। ଉଭୟ ରାଷ୍ଟ୍ରାୟତ୍ତ ଏବଂ ଘରୋଇ ବ୍ୟାଙ୍କଗୁଡ଼ିକ ୧.୫ ଲକ୍ଷ କୋଟି ଟଙ୍କାର ଅର୍ଥ କ୍ଷୁଦ୍ର ଶିଳ୍ପକୁ ମଞ୍ଜୁରୀ ଦେଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଏହି ଅର୍ଥ ମଧ୍ୟରୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆତ୍ମନିର୍ଭର ପ୍ୟାକେଜ ଅଧୀନରେ ଏହି ଯୋଜନାକୁ



ସରକାର ଘୋଷଣା କରିଥିଲେ। ମହାମାରୀ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସହାୟତା ଯୋଗାଣ ଲକ୍ଷ୍ୟରେ ଏଭଳି ଯୋଜନା ଆସିଥିଲା।

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଇସିଏଲ୍‌ଜିଏସ୍‌ରେ ୭୬,୦୦୪.୪୪ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ୫୬,୪୮୩ ଟଙ୍କାର ଋଣ ବଣ୍ଟନ କରିଛନ୍ତି। ସେହିଭଳି ଘରୋଇ ବ୍ୟାଙ୍କଗୁଡ଼ିକ ୭୪,୭୧୫.୦୨ କୋଟି ଟଙ୍କାର ଋଣ ମଞ୍ଜୁର କରିଛନ୍ତି। ଏହି ବ୍ୟାଙ୍କଗୁଡ଼ିକ ୪୫,୭୬୨.୩୬ କୋଟି ଟଙ୍କା ଋଣ ଯୋଗାଇ ଦେଇଛନ୍ତି। ଏହି ଯୋଜନାରେ ଅଧୀନରେ ଋଣ ପ୍ରଦାନ କରିଥିବା ବ୍ୟାଙ୍କଗୁଡ଼ିକ ମଧ୍ୟରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ), ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି), ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁନିୟନ ବ୍ୟାଙ୍କ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଆଗରେ ରହିଛନ୍ତି।

OFFICE OF THE KHANDAHATA PACS LTD.
Regd. No. 195CU / Dt. 29.04.1949
AT - KHANDAHATA, PO - SAHANGA GOPALPUR, TIGIRIA, DIST. - CUTTACK
UNDER A.R.C.S. ATHGARH CIRCLE, ATHGARH
ADVERTISEMENT
One post Chief Executive of Khandahata SCS Ltd., under Tigiria Block is to be filled up by way of direct recruitment on mark basis.
**Eligibility and Educational Qualification :-**
The candidates must belong to the area of operation of the society. If suitable candidates are not avaliable within the area of operation of the society, preference to be given to the candidates of concerned Block area and then district area.
The candidate must be a graduate in any discipline from any recognized university with Computer proficiency.
Preference shall be given to the candidate having HDCM /MA/M.Sc/M.Com/ MCA/ MBA/ LLM/ BBA/ BCA/ Diploma in Coop. Management and Computer Application from a recognized University.
The age of the candidate should not be less than 21 years or more than 32 years as on 01.04.2020 provided that the upper age limit shall be 37 years in respect of persons belonging SC/ST/SEBC/PH and Ex-serviceman. The upper age limit shall be 45 years in respect of persons employed in any coop. society.
Scale of pay Rs. 5200-20200 with grade pay Rs. 1900/- subject to fulfillment of condition as laid down in the Order No. 18672 Dt. 31.07.2010 of the R.C.S., Odisha, Bhubaneswar.
Application form can be obtained in person from the Secretary of the Society on payment of Rs. 100/- (Rupees one hundred) only from Dt. 21.08.2020 to 04.09.2020 during 11am to 2pm (Except holidays) at Office of the Khandahata SCS Ltd., Khandahata.
The duly filled in application along with required documents and receipt in support of deposit of requisite fee should be submitted to the Society on person and obtained the acknowledgement receipt from Dt. 02.09.2020 to 04.09.2020 at 11 am to 5 pm (Except holidays ) at office of the Khandahata SCS Ltd., Khandahata.
N.B. : (a) Application received after stipulated date and time or incomplete application shall not be entertained. (b)The employee shall be bound to furnish security according to such standard and such form may be prescribed by the management of the Society from time to time. (c)The management of the society reserved all rights to amend / alter / cancel. the recruitment process at any time without assigning any reason thereof.
By Order of the Administator
Sd./- Secretary I/C Khandahata SCS Ltd.

# ନିଜ ଆଡୁ ମାମଲା ରୁଜୁ କଲେ ଓଏଚ୍‌ଆର୍‌ସି

### ବିଷ ଝଡ଼ାଇବା ପାଇଁ ଏସିଡ୍ ବୋଳି ଚିକିତ୍ସା ଘଟଣା

■ ୧୫ ଦିନରେ ପୃଥକ୍ ରିପୋର୍ଟ ଦେବାକୁ ଢେଙ୍କାନାଳ ଜିଲାପାଳ, ଏସ୍‌ପିଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୦।୮(ବ୍ୟୁରୋ): ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅନ୍ତର୍ଗତ ମୃଦଙ୍ଗପଲ୍ଲୀ ଅଞ୍ଚଳରେ ସାପ କାମୁଡ଼ା ରୋଗୀଙ୍କୁ ଏସିଡ୍ ବୋଳି ଚିକିତ୍ସା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଓଡ଼ିଶା ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)। ଏନେଇ ଖବର ପ୍ରକାଶ ପାଇବା ପରେ କମିଶନ ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଏଥିସହ ଢେଙ୍କାନାଳ ଜିଲାପାଳ ଓ ଏସ୍‌ପିଙ୍କୁ ନୋଟିସ ଜାରି କରିଛନ୍ତି। ୧୫ଦିନ ମଧ୍ୟରେ ତଦନ୍ତ କରି ପୃଥକ ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ମୃଦଙ୍ଗପଲ୍ଲୀ ଗ୍ରାମର ସରିତା ମହାପାତ୍ର ନାମକ ଜଣେ ୨୫ ବର୍ଷୀୟ ଯୁବତୀଙ୍କ ଗୋଡ଼ ଆଙ୍ଗୁଠିରେ ଗତ ୧୭ ତାରିଖରେ କୌଣସି ଏକ ବିଷାକ୍ତ ଜୀବ କାମୁଡ଼ି ଦେଇଥିଲା। ସାପ କାମୁଡ଼ି ଦେଇଥିବା ସନ୍ଦେହ କରି ସେ ନିକଟରେ ରହୁଥିବା ଜଣେ ଗୁଣିଆ (ତଥାକଥିତ କ୍ୱାକ୍)ଙ୍କ ନିକଟକୁ ଯାଇଥିଲେ। ଗୁଣିଆ ଜଣକ ବିଷ ଝଡ଼ାଇବା ପାଇଁ ଏସିଡ୍ ବୋଳି ଚିକିତ୍ସା କରିଥିଲେ। ଫଳରେ ଗୋଡ଼ ସାରା ଫୋଟକା ହେବା ସହ ଗଭୀର କ୍ଷତ ହେବାରୁ ସରିତା ବହୁଦିନ ଧରି ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଉକ୍ତ ଗ୍ରାମର ଶୁଭଶ୍ରୀ ମହାପାତ୍ର (୪୫)ଙ୍କ ଗୋଡରେ ୧୫ଦିନ ତଳେ ଏକ କଙ୍କଡ଼ା ବିଛା କାମୁଡ଼ି ଦେଇଥିଲା। ଶୁଭଶ୍ରୀ ଉକ୍ତ ଗୁଣିଆଙ୍କ ନିକଟକୁ ଯିବା ପରେ ସେ କାମୁଡ଼ା ସ୍ଥାନ ସହ ମୁଣ୍ଡ ଓ ଶରୀରର ଅନ୍ୟ କେତେକ ସ୍ଥାନରେ ଏସିଡ୍ ବୋଳି ଦେଇଥିଲେ। ତାଙ୍କ ଦେହସାରା ଫୋଟକା ଓ ଘା ହୋଇଯାଇଥିଲା। ଡାକ୍ତରଖାନା ଯାଇ ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ। ସେହିପରି ନିରଞ୍ଜନ ବେହେରା (୩୦)ଙ୍କ ମୁଣ୍ଡ ଉପରକୁ ଏକ ସାପ ଖସିପଡ଼ିଥିଲା। ସେ ସାପଟିକୁ ଫୋପାଡ଼ି ଦେଇଥିଲେ। ସାପ କାମୁଡ଼ି ଦେଇଥିବା ଭାବି ସେ ଉକ୍ତ ଗୁଣିଆଙ୍କ ପାଖକୁ ଯିବାରୁ ସେ ଏସିଡ୍ ଚିକିତ୍ସା କରିଥିଲେ। ନିରଞ୍ଜନ ବହୁଦିନ ଧରି କଷ୍ଟ ପାଇଥିଲେ। ଏବେ ତାଙ୍କ ଶରୀର କଳା ପଡ଼ିଯିବା ସହ କଦାକାର ହୋଇଯାଇଛି। ଚିକିତ୍ସା ସମୟରେ ଗୁଣିଆ ଜଣକ ତରଳ ଔଷଧ ବୋଲି କହିଥାନ୍ତି। ହେଲେ ଏଥିଯୋଗୁ ଫୋଟକ ଓ ଘା' ହୋଇଯାଉଥିବାରୁ ସ୍ଥାନୀୟ ଅଞ୍ଚଳର କେତେଜଣ ଶିକ୍ଷିତ ଲୋକ ସନ୍ଦେହ କରିଥିଲେ। ସୂଚନା ପାଇବା ପରେ ସ୍ନେକ୍ ହେଲ୍ପ ଲାଇନ୍ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ନିଜ ଟିମ୍ ସହ ସେଠାକୁ ଯାଇ ଉକ୍ତ ବିପଦପୂର୍ଣ୍ଣ ଚିକିତ୍ସା ସମ୍ପର୍କରେ ତଥ୍ୟ ସଂଗ୍ରହ କରି ବୁଧବାର ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଏଥିସହିତ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ଢେଙ୍କାନାଳ ଏସ୍‌ପି ଓ ସିଡିଏମ୍‌ଓଙ୍କୁ ଜଣାଇ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ଦ୍ୱାରା ତଦନ୍ତ କରିବାକୁ ଅନୁରୋଧ କରିଥିଲେ। ଏ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା।

# ଜଗନ୍ନାଥ ଲେଙ୍କା ଷ୍ଟାଫ୍ ସିଲେକ୍ସନ୍ କମିଶନ ସଦସ୍ୟ

କଟକ ଅଫିସ,୨୦।୮



ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ୍ ସଦସ୍ୟ ଭାବେ ପ୍ରଫେସର ଜଗନ୍ନାଥ ଲେଙ୍କାଙ୍କୁ ନିଯୁକ୍ତି ଦିଆଯାଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ବିଶିଷ୍ଟ ଅର୍ଥନୀତିଜ୍ଞ ଭାବେ ପ୍ରଫେସର ଲେଙ୍କାଙ୍କ ସୁନାମ ରହିଛି। ବାରିପଦାସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ଭାବେ କାର୍ଯ୍ୟ କରିବା ପରେ ସେ ଅବସର ନେଇଥିଲେ। ସେ ଏହି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ସହ ବିଭିନ୍ନ ପଦ ପଦବୀରେ ମଧ୍ୟ ରହିଛନ୍ତି। ପ୍ରାୟ ୩୦ ବର୍ଷ ହେଲା ସେ ଶିକ୍ଷାଦାନ କ୍ଷେତ୍ରରେ ସକ୍ରିୟ ରହିଥିଲେ। ସେ ୮ଟି ପୁସ୍ତକ ରଚନା କରିଥିବାବେଳେ ୧୬ଟି ପୁସ୍ତକର ସମ୍ପାଦନ କରିଛନ୍ତି। ତାଙ୍କ ଅଧୀନରେ ୭ଜଣ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବା ଜଣାପଡ଼ିଛି।

# ଝାରସୁଗୁଡ଼ାରୁ ମୁମ୍ବାଇ, ବେଙ୍ଗାଲୁରୁକୁ ଉଡ଼ିବ ବିମାନ

ଝାରସୁଗୁଡ଼ା ଅଫିସ,୨୦।୮

ପଶ୍ଚିମ ଓଡ଼ିଶା ପାଇଁ ଖୁସି ଖବର। ଝାରସୁଗୁଡ଼ାରୁ ମୁମ୍ବାଇ ଓ ବେଙ୍ଗାଲୁରୁକୁ ଆସନ୍ତା ଅକ୍ଟୋବର ୨୫ ପରେ ସିଧାସଳଖ ବିମାନ ସେବା ଉପଲବ୍ଧ ହେବ। ଏ ନେଇ ଝାରସୁଗୁଡ଼ା ବିମାନ ବନ୍ଦରର ନିର୍ଦ୍ଦେଶକ କିଶୋର ସେନାପତି ସୂଚନା ଦେଇଛନ୍ତି। ସ୍ପାଇସ୍‌ଜେଟ ଆସନ୍ତା ୱିଣ୍ଟର ସିଡ୍ୟୁଲ୍‌ରେ ବ୍ୟବସାୟିକ ରାଜଧାନୀ ମୁମ୍ବାଇ ଏବଂ ବେଙ୍ଗାଲୁରୁ ସହିତ ପଶ୍ଚିମ ଓଡ଼ିଶା ମଧ୍ୟରେ ସିଧାସଳଖ ବିମାନ ଯୋଗାଯୋଗ କରିବ। ଏହାଦ୍ୱାରା ଅଞ୍ଚଳବାସୀ ଅଧିକ ଲାଭବାନ ହେବେ ବୋଲି ସେନାପତି ସୂଚନା କହିଛନ୍ତି। ଏହି ବିମାନବନ୍ଦରରୁ ସ୍ପାଇସ୍‌ଜେଟ ଓ ଆଲାଇନ୍ସ ଏୟାର ବିମାନ ସେବା ପ୍ରଦାନକାରୀ ସଂସ୍ଥା ଦିଲ୍ଲୀ, କୋଲକାତା, ଭୁବନେଶ୍ୱର, ରାୟପୁର, ହାଇଦ୍ରାବାଦକୁ ବିମାନ ଯାତ୍ରା ସେବା ଯୋଗାଇ ଆସୁଛନ୍ତି।

ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିଃ
ଉପ-ସାଧାରଣ ପରିଚାଳକଙ୍କ କାର୍ଯ୍ୟାଳୟ
ଅତ୍ୟୁଚ୍ଚ ଶକ୍ତି ସଞ୍ଚାରଣ (ନିର୍ମାଣ) ବିଭାଗ, କଟକ
(ଘୋଷଣା)
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡର ଯୋଜନା ଅନୁଯାୟୀ, ୧୩୨ କେଭି ଚନ୍ଦକା–ବିଡାନାସୀ ଲାଇନ୍‌ଠାରୁ ପ୍ରସ୍ତାବିତ ୧୩୨/୩୩ କେଭି ବ୍ରଜବିହାରୀପୁର ଗ୍ରୀଡ୍ ସବ୍‌ଷ୍ଟେସନ ପର୍ଯ୍ୟନ୍ତ ନିର୍ମାଣାଧୀନ ୧୩୨ କେଭି ଅତ୍ୟୁଚ୍ଚ ଶକ୍ତିପସମ୍ପନ୍ନ ଲାଇନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି । ଉକ୍ତ ଲାଇନ କଟକ ଜିଲ୍ଲାର କଟକ ତହସିଲ ଅଧୀନ କଟକ ସଦର ୟୁନିଟ–୧, ଉଦୟନଗର ଗ୍ରାମ ଏବଂ ଆଠଗଡ ତହସିଲ ଅଧୀନ ବ୍ରଜବିହାରୀପୁର ଗ୍ରାମ ପାର୍ଶ୍ୱଦେଇ ଯାଇଅଛି । ଉକ୍ତ ଲାଇନରେ ଆସନ୍ତା ତା୦୧।୦୯।୨୦୨୦ରିଖଠାରୁ ଯେ କୌଣସି ମୁହୂର୍ତ୍ତରେ ୧୩୨୦୦୦ ଭୋଲ୍ଟ ବିଦ୍ୟୁତ୍ ପ୍ରବାହିତ ହେବାର ସମ୍ଭାବନା ଅଛି ।
ଏହି ବିଜ୍ଞାପନ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ ଓ ସତର୍କ କରାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବୈଦ୍ୟୁତିକ ଆଇନର ଧାରା ୭୯, ୮୦ ଓ ୮୨(କ) ଏବଂ ୧୪୦ ଧାରା ଅନୁଯାୟୀ ଉପରୋକ୍ତ ଲାଇନ ତଳେ ଘରତିଆରି କରିବା, ଗଛ ଲଗାଇବା, ଉଚ୍ଚ ଧାତୁ ତଥା ଦ୍ରବ୍ୟ ପୋତିବା, ଉଚ୍ଚ ଖମ୍ବଧରି ଯାତାୟାତ କରିବା କିମ୍ବା ବିଦ୍ୟୁତ୍ ଟାୱାରରେ ଗୋରୁଗାଈ, ମହିଷାଦି ଗୃହପାଳିତ ପଶୁ ବାନ୍ଧିବା ବିପଜ୍ଜନକ ଏବଂ ଦଣ୍ଡନୀୟ ଅପରାଧ ଅଟେ ।
ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ। ଯଦି ଏଥିରେ ବ୍ୟତିକ୍ରମ ହେତୁ କାହାର କିଛି ଅଘଟଣହୁଏ, ସେଥିପାଇଁ ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ ଉତ୍ତରଦାୟୀ ହେବେନାହିଁ ।
(ସ୍ୱାକ୍ଷର–ପ୍ରଦୀପ କୁମାର ମଦାଣ)
ସାଧାରଣ ପରିଚାଳକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ସଞ୍ଚାରଣ (ନିର୍ମାଣ) ବିଭାଗ, କଟକ

See Career Appointment on every Wednesday & Saturday

ओडिशा केन्द्रीय विश्वविद्यालय, कोरापुट
Central University of Odisha, Koraput
Under the Ministry of Education, Govt. of India
Post: NAD, Sunabeda, Dist.- Koraput, Odisha, PIN - 763004
**Admission opportunity for MBA (Executive) Programme - 2020**
**Exclusive Notification for Working Executive for Fast Track Career Growth**
The Central University of Odisha (CUO) invites aspiring Executives committed to excellence. The MBA (Executive) Programme is for **working Professionals** aiming to have a **Fast Track rise** to positions such as **General Manager, CEO/Vice President/Chief General Manager** etc. Admission is open for Public Sector/ Private Sector Official, an entrepreneur, a start-up owner, a doctor, an army officer, a lawyer, a model, an engineer/architect, a teacher, a cost accountant, a PR Head for whom management education is the next requirement for a significant career scale-up.
**Highlights:**
- **Curriculum** is crafted on the pattern of some of the leading Global Business Schools and imparts knowledge, skills and attitudes across all functional domains in management as well as in sun-up areas.
- **Specially designed pedagogy** involving interactive class sessions, case analysis and simulations and project work ensure effective absorption and application of concepts and practices.
- **Best Resource persons from across a range of National Institutions.**
- **Duration: Four Semesters (Two Years)**
- **Seats: 100**
**Schedule for Admission:**
- **Last date of receiving application through e-mail: August 31, 2020**
- **Online Written Examination: September 7, 2020**
- **Online Personal Interview: September 9-10, 2020**
- **Declaration of Merit List: September 11, 2020**
- **e-Admission: September 14-15, 2020**
- **Commencement of online classes: September 16, 2020 (Online classes until the COVID-19 problem eases). A combination of Online and Offline classes will be adopted thereafter.**
For more details like Application Form, Fee Structure, etc. please visit the CUO website: **www.cuo.ac.in**.
davp 21317/11/0009/2021 Sd./- REGISTRAR

ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର
ବାରାକ୍ ନଂ. – ୧୨ (ଏ), ୟୁନିଟ୍ – ୫, ଭୁବନେଶ୍ୱର
ରାଜ୍ୟ ହସ୍ତଶିଳ୍ପ ପୁରସ୍କାର – ୨୦୧୯
No. PP-06: ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାରିଗରୀ କୃତ ପାଇଁ ସମ୍ମାନିତ କରିବା ନିମନ୍ତେ ରାଜ୍ୟ ସରକାର "**ରାଜ୍ୟ ହସ୍ତଶିଳ୍ପ ପୁରସ୍କାର**" ଓ "**ଜୀବନବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର**" ପ୍ରଦାନ କରି ଆସୁଛନ୍ତି। ଏହି କାର୍ଯ୍ୟକ୍ରମ ଅନୁଯାୟୀ ୨୦୧୯ ବର୍ଷ ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।
**ଯୋଗ୍ୟତା:** ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ୫୦ଗୋଟି ହସ୍ତଶିଳ୍ପ ଅନ୍ତର୍ଗତ ୧୮ ବର୍ଷରୁ ଊର୍ଦ୍ଧ୍ୱ ଯେ କୌଣସି ହସ୍ତଶିଳ୍ପ କାରିଗର ଆବେଦନ କରିପାରିବେ।
**ଆବେଦନ ପ୍ରଣାଳୀ:**
**ରାଜ୍ୟ ହସ୍ତଶିଳ୍ପ ପୁରସ୍କାର (State Handicraft Awards)**
ଇଚ୍ଛୁକ ହସ୍ତଶିଳ୍ପୀମାନେ ଉକ୍ତ ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ନିର୍ଦ୍ଧାରିତ ଆବେଦନପତ୍ର ସହ ନିଜର କଳାକୃତିର ନମୁନା, ତତ୍ ସମ୍ବନ୍ଧୀୟ ସମସ୍ତ ପ୍ରମାଣପତ୍ର ଓ ସ୍ୱହସ୍ତ ନିର୍ମିତ କଳାକୃତିର ଫଟୋ (8" × 10")ର ଦୁଇକିତା ନକଲ ସମ୍ପୃକ୍ତ ଜିଲ୍ଲା ଶିଳ୍ପକେନ୍ଦ୍ରରେ ତା୦୪।୧୧।୨୦୨୦ରିଖ ମଧ୍ୟରେ ଦାଖଲ କରିବା ଆବଶ୍ୟକ। ଅସମ୍ପୂର୍ଣ୍ଣ ଥିବା ଆବେଦନପତ୍ର ଗ୍ରହଣ କରାଯିବ ନାହିଁ।
**ପୁରସ୍କାର ରାଶି: ଟ.୫୦,୦୦୦ଙ୍କା ସହିତ ପ୍ରମାଣପତ୍ର।**
**ଜୀବନବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର (Life Time Achievement Award)**
ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କ ମଧ୍ୟରୁ ପ୍ରତିବର୍ଷ ଏକ ଜଣଙ୍କୁ ତାଙ୍କର ହସ୍ତଶିଳ୍ପର ବିକାଶରେ ଅନବଦ୍ୟ ଅବଦାନ ପାଇଁ "ଜୀବନବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର" ପ୍ରଦାନ କରାଯିବା ପାଇଁ ଯୋଗ୍ୟ ହସ୍ତଶିଳ୍ପୀ ପ୍ରାର୍ଥୀମାନଙ୍କଠାରୁ ୨୦୧୯ ମସିହାର ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ପୁରସ୍କାର ପାଇଁ ଯୋଗ୍ୟ ହସ୍ତଶିଳ୍ପ କାରିଗରମାନେ ସେମାନଙ୍କ ସମ୍ପୂର୍ଣ୍ଣ ତଥ୍ୟ ସହ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ସମ୍ପୃକ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର/ଜିଲ୍ଲା ଶିଳ୍ପ କେନ୍ଦ୍ର (RICs/DICs)ରେ ତା୦୪।୧୧।୨୦୨୦ରିଖ ମଧ୍ୟରେ ଆବେଦନ କରିପାରିବେ।
**ପୁରସ୍କାର ରାଶି: ଟ.୧,୦୦,୦୦୦ଙ୍କା ସହିତ ମାନପତ୍ର।**
ବି.ଦ୍ର.: ଉପରୋକ୍ତ ଉଭୟ ପୁରସ୍କାର ଯୋଜନାରେ ଅଂଶ ଗ୍ରହଣ ପାଇଁ ଦରଖାସ୍ତ କରିବାର ଆବଶ୍ୟକ ଆବେଦନ ଫର୍ମ ଓ ସବିଶେଷ ତଥ୍ୟ ସମ୍ପୃକ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର (RIC) ଓ ଜିଲ୍ଲା ଶିଳ୍ପ କେନ୍ଦ୍ର (DIC)ରେ ମିଳିପାରିବ।
ସ୍ୱା./– ନିର୍ଦ୍ଦେଶକ
ହସ୍ତ ଓ କୁଟୀର ଶିଳ୍ପ, ଓଡ଼ିଶା
OIPR-43002/11/0002/2021

କୃଷକ ଭାଇ ଓ ଭଉଣୀମାନଙ୍କ ପାଇଁ ୟୁରିଆ ସାର ସମ୍ବନ୍ଧୀୟ ବିଶେଷ ବାର୍ତ୍ତା
No. L-26
୧) ସରକାରଙ୍କ ଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଛି ଯେ, ନିମ୍ନଯୁକ୍ତ ୟୁରିଆ ସାରର ସର୍ବାଧିକ ବିକ୍ରୟ ମୂଲ୍ୟ ୪୫ କି.ଗ୍ରା. ବସ୍ତା ପ୍ରତି **୨୬୬.୫୦ ଟଙ୍କା** ଧାର୍ଯ୍ୟ କରାଯାଇଅଛି। ଉଚିତ୍ ଧାର୍ଯ୍ୟ ମୂଲ୍ୟ ଦେଇ ୟୁରିଆ ସାର କିଣନ୍ତୁ।
୨) ୟୁରିଆ ସାର ଆମ ରାଜ୍ୟର ସମସ୍ତ ପଞ୍ଜୀକୃତ ସାର ବିକ୍ରେତା (ଡିଲର)ଙ୍କ ପାଖରେ ଉପଲବ୍ଧ।
୩) ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ପଞ୍ଜୀକୃତ ସାର ଡିଲରଙ୍କ ପାଖକୁ ଯାଇ PoS ମେସିନ୍ ମାଧ୍ୟମରେ ଆଧାରକାର୍ଡର ଆଙ୍ଗୁଠି ପ୍ରମାଣ କରାଇ ଆବଶ୍ୟକତା ଅନୁସାରେ ଉଚିତ୍ ଦାମ୍ ଦେଇ ୟୁରିଆ ସାର ଖରିଦ୍ କରି ରସିଦ୍ ସଂଗ୍ରହ କରନ୍ତୁ।
୪) ସାର କଳାବଜାରୀ ହେଉଥିଲେ କିମ୍ବା ସାର କଳାବଜାରୀ ହେଉଥିବାର ପ୍ରମାଣ ଆପଣଙ୍କ ନଜରକୁ ଆସିଲେ ତୁରନ୍ତ କୃଷି ଓ କୃଷକ ସଶକ୍ତିକରଣ ବିଭାଗର 'ଆମ କୃଷି' ଲାଇଭ୍ କଲ ସେଣ୍ଟରର ଦେୟମୁକ୍ତ ନମ୍ବର **୧୮୦୦-୧୦୨-୫୧୬୬** କୁ ଫୋନ୍ କରି ଜଣାଇ ଦିଅନ୍ତୁ।
୫) କୃଷକ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡରେ ଦର୍ଶାଯାଇଥିବା ୟୁରିଆ ସାରର ପରିମାଣ ଅନୁସାରେ ଜମିରେ ପ୍ରୟୋଗ କରନ୍ତୁ। ଅଧିକ ୟୁରିଆ ସାର ଜମିରେ ବ୍ୟବହାର କଲେ ରୋଗ ପୋକ ପ୍ରାଦୁର୍ଭାବର ସମ୍ଭାବନା ରହିଛି। ତେଣୁ ଆବଶ୍ୟକ ମୁତାବକ ୟୁରିଆ ସାର ଜମିରେ ପ୍ରୟୋଗ କରନ୍ତୁ।
**ଏହି ପରିପ୍ରେକ୍ଷୀରେ ଆପଣମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ।**
OIPR-01034/11/0010/2021
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା

## ପାଇଖାନାରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ଲଳିତଗିରି,(ସ୍ୱ.ପ୍ର.): ମାହାଙ୍ଗା ଥାନା ଅନ୍ତର୍ଗତ ମୂଳବସନ୍ତ ଗ୍ରାମ ଉତ୍ତରସାହିରେ ଗୁରୁବାର ଏକ ପାଇଖାନାରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ମାନସୀ ଘଡ଼େଇ(୪୨)। ଏନେଇ ମୃତକଙ୍କ ବାପ ଘର ଲୋକେ ଥାନାରେ ଅଭିଯୋଗ କରିବାପରେ ପୋଲିସ ମୃତଦେହ ଜବତ କରିଛି। ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅଭିଯୋଗ ଅନୁଯାୟୀ, ମଧ୍ୟାହ୍ନରେ ମାନସୀଙ୍କ ସ୍ୱାମୀ ଖାଇବାକୁ ମାଗିଥିଲେ। ମାନସୀ ଖାଇବାକୁ ଦେବାକୁ ବିଳମ୍ବ କରିବାରୁ ସ୍ୱାମୀ ପ୍ରବଳ ମାଡ଼ ମାରିଥିଲେ। କିଛି ସମୟ ପରେ ପାଇଖାନାରୁ ମାନସୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଥିଲା।

## ସଂକ୍ଷେପରେ

### 'ସରପଞ୍ଚଙ୍କୁ ଜିଲାପାଳ କ୍ଷମତା ଏକ ପ୍ରହସନ'

ଭୁବନେଶ୍ୱର,୨୦।୮(ବ୍ୟୁରୋ): ରାଜୀବ ଗାନ୍ଧୀଙ୍କ ୭୬ତମ ଜୟନ୍ତୀ ଉପଲକ୍ଷେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ପକ୍ଷରୁ 'ପଞ୍ଚାୟତ ବ୍ୟବସ୍ଥାର ଦୁରବସ୍ଥା' ଶୀର୍ଷକ ଏକ ଆଲୋଚନାଚକ୍ର କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଥିଲେ ଯେ, ତୃଣମୂଳସ୍ତରରେ ପଞ୍ଚାୟତ ଏବଂ ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ରାଜୀବ ଗାନ୍ଧୀ ପ୍ରୟାସ ଆରମ୍ଭ କରିଥିଲେ। ମାତ୍ର ଓଡ଼ିଶା ସରକାର ଏହାକୁ ସଶକ୍ତ କରିବା ପରିବର୍ତ୍ତେ ରୁଗ୍‌ଣ ଏବଂ ଦୁର୍ବଳ କରୁଛନ୍ତି। ବିଧାୟକ ସୁରେଶ କୁମାର ରାଉତରାୟ କହିଥିଲେ, କୋଭିଡ୍ ପରିଚାଳନାରେ ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ପ୍ରଦାନ ସରକାରଙ୍କ ଏକ ପ୍ରହସନ। ବିଡିଓଙ୍କ ବିନା ଦସ୍ତଖତରେ ସରପଞ୍ଚ କୌଣସି ଅର୍ଥ ଖର୍ଚ୍ଚ କରିପାରିବେ ନାହିଁ ବୋଲି ଫେବୃଆରୀରେ ପଞ୍ଚାୟତିରାଜ ବିଭାଗ ଜାରି କରିଥିବା ସର୍କୁଲାର ଏବେ ବି ବଳବତ୍ତର ରହିଛି ବୋଲି ବିଧାୟକ ରାଉତରାୟ ପ୍ରକାଶ କରିଛନ୍ତି।

### ବିଧାୟକ ଅନନ୍ତଙ୍କୁ କରୋନା

ଭୁବନେଶ୍ୱର, ୨୦।୮ (ବ୍ୟୁରୋ): ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ବିଧାୟକ ଅନନ୍ତ ନାରାୟଣ ଜେନା କରୋନା ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ତାଙ୍କ ସ୍ୱାବ୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଥିବା ବିଧାୟକ ଜେନା ଟୁଇଟ୍ ମାଧ୍ୟମରେ ଜଣାଇଛନ୍ତି। ତେବେ ସେ ସୁସ୍ଥ ଅଛନ୍ତି ଏବଂ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ସହ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କୁ ପରୀକ୍ଷା କରିନେବାକୁ ଅନୁରୋଧ କରିଛନ୍ତି। ଗତ ସୋମବାର ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ କରୋନାରେ ଆକ୍ରାନ୍ତ ହୋଇଥିଲେ। ଏଥିପୂର୍ବରୁ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏବଂ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଛନ୍ତି।



### ସୁଶାନ୍ତ ରାଉତ ବିଜେଡି ସାଙ୍ଗଠନିକ ଜିଲା ସଭାପତି

ଭୁବନେଶ୍ୱର,୨୦।୮(ବ୍ୟୁରୋ): ଭୁବନେଶ୍ୱର ସାଙ୍ଗଠନିକ ଜିଲା ବିଜେଡି ସଭାପତି ଭାବେ ସୁଶାନ୍ତ କୁମାର ରାଉତଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ବିରଞ୍ଚି ନାରାୟଣ ସୁପକାରଙ୍କୁ ଭୁବନେଶ୍ୱର ସାଙ୍ଗଠନିକ ଜିଲା କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଯୁକ୍ତି ଦିଆଯାଇଛି। ଗୁରୁବାର ବିଜେଡି ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

### ଖୋର୍ଦ୍ଧା ମେଡିକାଲ ଚକ୍ଷୁ ବିଭାଗ ୨୪ଘଣ୍ଟା ବନ୍ଦ

ଖୋର୍ଦ୍ଧା ଅଫିସ,୨୦।୮: ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଚକ୍ଷୁ ବିଭାଗର ଜଣେ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ପରେ ଗୁରୁବାର ଏହି ବିଭାଗକୁ ୨୪ଘଣ୍ଟା ପର୍ଯ୍ୟନ୍ତ ବନ୍ଦ କରାଯାଇଛି ବୋଲି ଅଧୀକ୍ଷକ ଡା.ବିଶ୍ୱମୋହନ ମିଶ୍ର କହିଛନ୍ତି। ଅତ୍ୟାବଶ୍ୟକ ନ ଥିଲେ କୌଣସି ରୋଗୀ ମେଡିକାଲ ନ ଆସି ଦିଆଯାଇଥିବା ଡାକ୍ତରଙ୍କ ନମ୍ବରରେ ଯୋଗାଯୋଗ କରି ଚିକିତ୍ସିତ ହୁଅନ୍ତୁ। ରୋଗୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ଡା.ମିଶ୍ର କହିଛନ୍ତି। ସୂଚନାଥାଉ କି, ପୂର୍ବରୁ ଏହି ମେଡିକାଲର ୨ ଡାକ୍ତର ଏବଂ ଜଣେ ଷ୍ଟାଫ ନର୍ସ ପଜିଟିଭ୍ ଚିହ୍ନଟ ପରେ ମେଡିକାଲ ଓପିଡି ଏବଂ ପ୍ରସୂତି ଓ ଶିଶୁଯତ୍ନ କେନ୍ଦ୍ର ଓଟିକୁ ୨୪ଘଣ୍ଟା ଲାଗି ବନ୍ଦ କରାଯାଇଥିଲା।

### ସଞ୍ଜିତାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୦।୮: ସ୍ଥାନୀୟ ଆଚାର୍ଯ୍ୟ ବିହାରରେ ରହୁଥିବା ସଞ୍ଜିତା ମହାପାତ୍ର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ପରୀକ୍ଷାରେ ୧୦ମ ସ୍ଥାନ ରଖି ଓଡ଼ିଶା ପାଇଁ କୃତିତ୍ୱ ଆଣିବା ସହ ଭୁବନେଶ୍ୱର ତଥା ଆଚାର୍ଯ୍ୟବିହାର ଅଞ୍ଚଳ ପାଇଁ ଗୌରବ ଆଣି ପାରିଛନ୍ତି। ଆଚାର୍ଯ୍ୟବିହାର ପରିଷଦର ସଭାପତି ଭାଗବତ ପ୍ରସାଦ ଦାସ, ସମ୍ପାଦକ ଶିଶିର ମହାପାତ୍ର, ପ୍ରତାପ ମହାପାତ୍ର, ଆଇନଜୀବୀ ସିଦ୍ଧାର୍ଥ ଦାସ ପ୍ରମୁଖ ସଞ୍ଜିତାଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଦୃଢ଼ ଇଚ୍ଛାଶକ୍ତି, ଏକାଗ୍ରତା, ଧୈର୍ଯ୍ୟ ତଥା ପ୍ରଚେଷ୍ଟା ତାଙ୍କୁ ସଫଳତା ଦେଇଛି ବୋଲି ସଞ୍ଜିତା କହିଥିଲେ। ଓଡ଼ିଶାର ପରୀକ୍ଷାର୍ଥୀମାନେ ଅନ୍ୟ ରାଜ୍ୟଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ବିଫଳତା ହିଁ ସଫଳତାର ବାଟ ଦେଖାଇଥାଏ ବୋଲି ସଞ୍ଜିତା କହିଥିଲେ।

# ଗଣେଶ ପୂଜା ନିଷ୍ପତ୍ତି ନେବ ପ୍ରଶାସନ



କଟକ ଅଫିସ,୨୦।୮

ଟୁଇନ୍ ସିଟି କଟକ ଏବଂ ଭୁବନେଶ୍ୱରରେ ଗଣେଶ ପୂଜାକୁ କରୋନା କଟକଣା ଯୋଗୁ ବନ୍ଦ ରଖିବାକୁ କମିଶନରେଟ୍ ପୋଲିସ ନିର୍ଦ୍ଦେଶ ଦେଇଛି। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ରୁଜୁ ମାମଲାର ଗୁରୁବାର ଶୁଣାଣି ହୋଇଛି। କରୋନା ସ୍ଥିତି ଦେଖି ସ୍ଥାନୀୟ ପ୍ରଶାସନ ଏନେଇ ନିଷ୍ପତ୍ତି ନେବେ ବୋଲି ହାଇକୋର୍ଟ ରାୟ ଶୁଣାଇଛନ୍ତି।

ଆବେଦନକାରୀଙ୍କୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ରିପ୍ରେଜେଣ୍ଟେଶନ ପ୍ରଦାନ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ପ୍ରଶାସନ ଉକ୍ତ ରିପ୍ରେଜେଣ୍ଟେଶନ୍ ଅନୁଯାୟୀ ପଦକ୍ଷେପ ନେବ। କଟକ ନଗର ବୁଢ଼ା ଗଣେଶ ପୂଜା କମିଟି ସଭାପତି ଶିବେନ୍ଦ୍ର କୁମାର ହାତୀଙ୍କ ପକ୍ଷରୁ ଦାଏର ମାମଲାର ଶୁଣାଣିକରି ଜଷ୍ଟିସ କୁମାରୀ ସଞ୍ଜୁ ପଣ୍ଡା ଏବଂ ଜଷ୍ଟିସ୍ କୃଷ୍ଣରାମ ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ରାୟ ଶୁଣାଇଛନ୍ତି। ଆବେଦନରେ ଉଲ୍ଲେଖ କରାଯାଇଥିଲା ଯେ, କଟକ ଓ ଭୁବନେଶ୍ୱରରେ ସବୁ ବର୍ଷ ଧୁମଧାମ୍‌ରେ ଗଣେଶ ପୂଜା ପାଳନ ହୋଇଥାଏ। କଟକ ବକ୍ସିବଜାର ବଣିଆ ସାହିର ବୁଢ଼ା ଗଣେଶ ପୂଜାର ଇତିହାସ ୬ଶହ ବର୍ଷ ପୁରୁଣା। ସହରରେ ଅନେକ ପୂଜା କମିଟି ପକ୍ଷରୁ ବହୁ ଦଶନ୍ଧି ହେଲା ଗଣେଶ ପୂଜା କରାଯାଉଛି। ମାତ୍ର ଚଳିତ ବର୍ଷ କରୋନା ପାଇଁ ପୂଜା ଆୟୋଜନ ଉପରେ ପୋଲିସ ରୋକ୍ ଲଗାଇଛି। କେନ୍ଦ୍ର ସରକାର ଧର୍ମାନୁଷ୍ଠାନ ଓ ପୂଜାକୁ ଅନୁମତି ଦେଉଥିବା ବେଳେ ସ୍ଥାନୀୟ ପୋଲିସ କଟକଣା ଜାରି କରିଛି। ପୋଲିସ କଟକଣାକୁ ରଦ୍ଦ କରିବା ପାଇଁ ଆଦେଶ ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଥିଲା। ମହାରାଷ୍ଟ୍ର ଭଳି ଭୁବନେଶ୍ୱର ଏବଂ କଟକରେ ସାମାଜିକ ଦୂରତ୍ୱ ପାଳନ ସହ ପୂଜା ପାଇଁ ଅନୁମତି ଦେବାକୁ ନିବେଦନ ହୋଇଥିଲା। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନର୍, କଟକ ଜିଲାପାଳ, ପୋଲିସ କମିଶନର୍ ଏବଂ କଟକ ଡିସିପିଙ୍କୁ ପକ୍ଷଭୁକ୍ତ କରାଯାଇଥିଲା।

## ସାର୍ବଜନୀନ ସ୍ଥାନରେ ପୂଜା ମନା

ପୁରୀ ଅଫିସ,୨୦।୮

ପୁରୀ ଜିଲାର କୌଣସି ସର୍ବସାଧାରଣ ସ୍ଥାନରେ ଏଥର ଗଣେଶ ପୂଜା ହେବ ନାହିଁ। କରୋନା ସଂକ୍ରମଣ ବୃଦ୍ଧି ହାରକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଏହି ନିଷ୍ପତ୍ତି ନେଇଛି। କୌଣସି ଯୁବକ ସଂଘ, ଅନୁଷ୍ଠାନ, କ୍ଲବ କିମ୍ବା ବ୍ୟକ୍ତିବିଶେଷ ସାର୍ବଜନୀନ ସ୍ଥାନରେ ଗଣେଶ ପୂଜା କରିପାରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହି କଟକଣା ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସବୁଠି ଲାଗୁ ହେବ। ଏହାର ଉଲ୍ଲଂଘନ କଲେ ସମ୍ପୃକ୍ତ ଅନୁଷ୍ଠାନ, କ୍ଲବ, ବ୍ୟକ୍ତିବିଶେଷଙ୍କ ବିରୋଧରେ ବିପର୍ଯ୍ୟୟ ପରିଚାଳନା ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିନ୍ତୁ ନିଜ ଘରେ ଗଣେଶ ପୂଜା ଉତ୍ସବ ପାଳନ କରାଯିବା ଉପରେ କୌଣସି କଟକଣା ନାହିଁ ବୋଲି ପ୍ରଶାସନ ସ୍ପଷ୍ଟ କରିଛି। ଅନ୍ୟପକ୍ଷରେ ଦିନକ ପରେ ଗଣେଶ ପୂଜା ଥିବାବେଳେ ପ୍ରଶାସନର ଏଭଳି ବିଳମ୍ବ ନିଷ୍ପତ୍ତିକୁ ନେଇ ମୂର୍ତ୍ତି କାରିଗରଙ୍କଠାରୁ ଆରମ୍ଭ କରି ବିଭିନ୍ନ କ୍ଲବର ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏ ନେଇ ମୂର୍ତ୍ତି କାରିଗର ବଳରାମ ସାହୁ କହିଛନ୍ତି, କରୋନା ପାଇଁ ପ୍ରଶାସନର ଏହି ନିଷ୍ପତ୍ତିକୁ ଆମେ ଅବମାନନା କରୁନାହୁଁ।

### ବିଳମ୍ବ ନିଷ୍ପତ୍ତି ନେଇ ଅସନ୍ତୋଷ

କିନ୍ତୁ ୧୫/୨୦ ଦିନ ପୂର୍ବରୁ ବନ୍ଦ ନିଷ୍ପତ୍ତି ନିଆଯାଇଥିଲେ ଆଜି କାରିଗରମାନେ ଶହ ଶହ ସଂଖ୍ୟାରେ ମୂର୍ତ୍ତି ଗଢ଼ି ନ ଥାନ୍ତେ। ଅନେକ କ୍ଲବ ପକ୍ଷରୁ ଅର୍ଡର ଦିଆଯାଇଥିବାରୁ ସେମାନେ ମୂର୍ତ୍ତି ନିର୍ମାଣ ଶେଷ କରିଥିଲେ। ଦିନକ ପରେ ପୂଜା ଥିବାବେଳେ କାରିଗରମାନେ ଏବେ କରିବେ କ'ଣ? କ୍ଲବ ପକ୍ଷରୁ କିଏ ୧୦୦/୨୦୦ ଟଙ୍କା ଆଡଭାନ୍ସ ଦେଇଛନ୍ତି। ହେଲେ ଗୋଟିଏ ଗୋଟିଏ ମୂର୍ତ୍ତିର ଦାମ୍ ୫ ହଜାରଠାରୁ ଆରମ୍ଭ କରି ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ସେମାନେ ନେବେ ନାହିଁ। କାରିଗର ଏଥିରେ ଖର୍ଚ୍ଚ କରିଥିବା ଟଙ୍କା ଏବଂ ପାରିଶ୍ରମିକ କେମିତି ପାଇବ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଦରଜି ପୋଖରୀ ଛକ ପୂଜା କମିଟି ସମ୍ପାଦକ ଗୁରୁଦତ୍ତ ସ୍ୱାଇଁ କହିଛନ୍ତି, ଯଦି ପ୍ରଶାସନ ପୂର୍ବରୁ ଏହି ନିଷ୍ପତ୍ତି ନେଇଥାନ୍ତା ତେବେ ଆମେ କାରିଗରଙ୍କୁ ମୂର୍ତ୍ତି ତିଆରି କରିବାକୁ ଅର୍ଡର ଦେଇ ନ ଥାନ୍ତୁ। ପୂଜା ପାଇଁ ଆମେ ସବୁ ପ୍ରସ୍ତୁତି ସାରିଥିଲୁ। ତଥାପି କରୋନା ପାଇଁ ପ୍ରଶାସନ ନିଷ୍ପତ୍ତି ଆମକୁ ମାନିବାକୁ ପଡ଼ିବ।

# ଭାସିଗଲା ବାଉଁଶ ପୋଲ



ବ୍ରହ୍ମଗିରି,୨୦।୮(ଡି.ଏନ୍.ଏ.)

ଲଗାଣ ବର୍ଷାରେ ବ୍ରହ୍ମଗିରି ବ୍ଲକ ଦେଇ ଯାଇଥିବା ଭାର୍ଗବୀ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ତିନିକୁଦୀଠାରେ ତିନିକୁଦୀ ଓ ବାଲିକେରାକୁ ସଂଯୋଗ ନିମନ୍ତେ ଥିବା ଏକ ଅସ୍ଥାୟୀ ବାଉଁଶ ପୋଲ ବୁଧବାର ରାତିରେ ଭାଙ୍ଗି ଭାସିଯାଇଛି। ଏହି ପୋଲ ଉପରେ ନିର୍ଭର କରି ଯାତାୟାତ କରୁଥିବା ୩ଟି ପଞ୍ଚାୟତର ବାଲିକେରା, ରାହାଡମଲ୍ଲ, ପଚ୍ଛିପାଳ, ଘଟକୁଡି ସମେତ ୧୫ଟି ଗ୍ରାମ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇପଡ଼ିଛି। ସୂଚନା ଥାଉକି, ୩ଟି ପଞ୍ଚାୟତକୁ ଗମନାଗମନର ସଂଯୋଗ ପାଇଁ ତିନିକୁଦୀରେ ଭାର୍ଗବୀ ନଦୀ ଉପରେ ୨୦୧୨ ମସିହାରୁ ଏକ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। କିନ୍ତୁ ଏହି ବ୍ରିଜ କାର୍ଯ୍ୟ କେବଳ ଦୁଇଟି ପିଲାର ମଧ୍ୟରେ ସୀମିତ ରହିଛି।

### ୧୫ ଗାଁ ଯୋଗାଯୋଗ ବିଚ୍ଛିନ୍ନ

ସ୍ଥାନୀୟ ଲୋକଙ୍କ ଯାତାୟାତରେ ଅସୁବିଧା ହେଉଥିବାରୁ ସେଠାରେ ଏକ ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ କରାଯାଇଥିଲା। ଏହି ପାଲ ଉପରେ ୧୫ଟି ଗ୍ରାମର ଲୋକେ ନିର୍ଭର କରନ୍ତି। ପ୍ରତିବର୍ଷ ଭାର୍ଗବୀ ନଦୀରେ ବନ୍ୟାଜଳ ଓ ଲଗାଣ ବର୍ଷା ହେଲେ ଉକ୍ତ ପୋଲ ପ୍ରତି ବିପଦ ଦେଖାଦେଇଥାଏ। ବୁଧବାର ବର୍ଷା ଲାଗିରହିବାରୁ ରାତିରେ ପୋଲିଟି ଭାସିଯାଇଥିଲା। ଏ ନେଇ ବିଡିଓ ଜ୍ୟୋତିପ୍ରକାଶ ସେଠୀ କହିଛନ୍ତି, ଗତ ୨/୩ଦିନ ହେବ ଲଗାଣ ବର୍ଷା ଲାଗି ରହିଥିବାବେଳେ ପୋଲଟି ଭାଙ୍ଗି ଭାସିଯାଇଥିଲା। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ଯାତାୟାତ ପାଇଁ ଅନ୍ୟ କିଛି ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# 'ଶିଳ୍ପର ଅଭିବୃଦ୍ଧି ସହ ପ୍ରତିଭା ପୂଜନ ପ୍ରଶଂସନୀୟ'

### ରୁଚି ପ୍ରତିଭା ସମ୍ମାନ ସମାରୋହ

କଟକ ଅଫିସ,୨୦।୮







ଓଡ଼ିଶାର ପ୍ରମୁଖ ଶିଳ୍ପଦ୍ୟୋଗ ରୁଚି ପ୍ରତିଭା ଫାଉଣ୍ଡେସନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଟପ୍ପର ଛାତ୍ର ଓ କୃତବିଦ୍ୟ ଓଡ଼ିଆଙ୍କୁ ସମ୍ମାନିତ କରାଯାଇଛି। ଶିଳ୍ପର ଅଭିବୃଦ୍ଧି ସହିତ ପ୍ରତିଭା ପୂଜନ କ୍ଷେତ୍ରରେ ଏହି ଅନୁଷ୍ଠାନର କାର୍ଯ୍ୟକ୍ରମ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଗୁରୁବାର ଭର୍ଚୁଆଲ୍ ଜୁମ୍ ମାଧ୍ୟମରେ ଆୟୋଜିତ ସ୍ୱତନ୍ତ୍ର ରୁଚି ପ୍ରତିଭା ସମ୍ମାନ ସମାରୋହ ୨୦୨୦ରେ ମୁଖ୍ୟ ଅତିଥି ତଥା ଶକ୍ତି, ଶିଳ୍ପ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। କରୋନା କଟକଣା ଯୋଗୁ ଏହି ଉତ୍ସବ ଭର୍ଚୁଆଲ ପ୍ଲାଟଫର୍ମରେ ଆୟୋଜିତ ହୋଇଥିଲା।

ରୁଚି ପ୍ରତିଭା ଫାଉଣ୍ଡେସନର ଅଧ୍ୟକ୍ଷ ତଥା ବିଶିଷ୍ଟ ଉଦ୍ୟୋଗୀ ଶରତ କୁମାର ସାହୁ ରୁଚି ଉଦ୍ୟୋଗର ପ୍ରତିଭା ପୂଜନ କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ସବୁବେଳେ ପ୍ରେରଣାଦାୟୀ ଓ ଅନୁକରଣୀୟ ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା କେନ୍ଦ୍ର ଆଇଟିଆରର ନିର୍ଦ୍ଦେଶକ ଡ. ବିନୟ କୁମାର ଦାସ ଯୋଗଦେଇ ଯୁବ ଓ ପ୍ରତିଭାବାନ ବିଦ୍ୟାର୍ଥୀମାନଙ୍କୁ ପ୍ରେରଣା ଦେବା ଆମ ସମାଜର ଏକ ଗୁରୁଦାୟିତ୍ୱ। ତେଣୁ ମା'ବାପାମାନେ ପିଲାମାନଙ୍କୁ ସ୍ୱପ୍ନ ଦେଖିବାକୁ ଅଧିକାର ଦେବା ସହିତ ସେହି ସ୍ୱପ୍ନକୁ ସାକାର କରିବା ପାଇଁ ମଧ୍ୟ ପ୍ରେରଣା ଦିଅନ୍ତୁ ବୋଲି ଦାସ ମତ ଦେଇଥିଲେ। ପୂର୍ବତନ ଆୟକର ମହାନିର୍ଦ୍ଦେଶକ ବିଧୂଭୂଷଣ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ପ୍ରତିକୂଳ ପରିସ୍ଥିତି ଭିତରେ ବି ଗୁଣ ଚିହ୍ନ ଗୁଣିଆ ଭଳି ପୂରପଲ୍ଲୀରୁ ସହର ଯାଏଁ ଏହି ଅନୁଷ୍ଠାନ ପ୍ରତିଭାମାନଙ୍କୁ ଖୋଜିଖୋଜି ପୁରସ୍କୃତ କରି ଆସୁଛି। ବିଶିଷ୍ଟ ସାହିତ୍ୟିକ ତଥା ଆଧ୍ୟାତ୍ମିକ ଚିନ୍ତକ ମନୋଜ ଦାସଙ୍କୁ ଚଳିତବର୍ଷର ସମ୍ମାନଜନକ ଦେଶ ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ମନୋଜଙ୍କ ଅନୁପସ୍ଥିତିରେ ତାଙ୍କ କନ୍ୟା ସଙ୍ଘମିତ୍ରା ଦାସ ଏହି ସମ୍ମାନ ଗ୍ରହଣ କରିଥିଲେ। ରାଜ୍ୟର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଫେସର ମନୋଜରଞ୍ଜନ ନାୟକ ରୁଚି ଦେଶ ଗୌରବ ସମ୍ମାନରେ ସମ୍ମାନିତ ହୋଇଥିଲେ। ପ୍ରତିଭାବାନ ଚଳଚ୍ଚିତ୍ର ତାରକା ସବ୍ୟସାଚୀ ମିଶ୍ରଙ୍କୁ ରୁଚି ଦେଶ ସେବା ସମ୍ମାନ, ଚଳିତବର୍ଷ ଓଡ଼ିଶାର ଆଇଏଏସ୍ ଟପ୍ପର ସଞ୍ଜିତା ମହାପାତ୍ରଙ୍କୁ ରୁଚି ବିଦ୍ୟାସାଗର ସମ୍ମାନ ଏବଂ ଅର୍ଜୁନ ପୁରସ୍କାର ପ୍ରାପ୍ତ ପାରା ବ୍ୟାଡ଼ମିଣ୍ଟନ ତାରକା ପ୍ରମୋଦ ଭଗତଙ୍କୁ ରୁଚି ବାରବାଟୀ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯାଇଛି। ଚଳିତବର୍ଷର ଯୁକ୍ତଦୁଇ ବିଜ୍ଞାନ ଟପ୍ପର ସୁଦୀପ ସୁଦର୍ଶନ ରଣା ଓ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ଲାଭ କରିଥିବା ରେମୁଣା ହାଇସ୍କୁଲର ଛାତ୍ର ଜିତେନ ମହାଳିକଙ୍କୁ ରୁଚି ପ୍ରତିଭା ସମ୍ମାନ ଦିଆଯାଇଛି।

# ନିଶା ବେପାରୀଙ୍କୁ କଠୋର ଦଣ୍ଡ ମିଳୁ: ହାଇକୋର୍ଟ

କଟକ ଅଫିସ,୨୦।୮

ଗତ ଦଶ ବର୍ଷ ଭିତରେ ଦେଶରେ ନିଶା ବେପାର ବହୁଗୁଣରେ ବଢ଼ିଯାଇଛି। ନିଶା କାରବାରକୁ ରୋକିବା ପାଇଁ ଏନ୍‌ଡିପିଏସ୍ ଆକ୍ଟ ରହିଛି। ତଥାପି ନିଶା ମାଫିଆମାନେ ଖସି ଯାଉଛନ୍ତି। ଏଣୁ ନିଶା କାରବାର ସମ୍ପର୍କିତ ମାମଲାଗୁଡ଼ିକର ଶୁଣାଣି ବେଳେ ଅଭିଯୁକ୍ତଙ୍କୁ ଆଇନ୍ ଅନୁଯାୟୀ କଠୋରରୁ କଠୋରରୁ ଦଣ୍ଡ ମିଳିବା ଆବଶ୍ୟକ ବୋଲି ହାଇକୋର୍ଟ ପ୍ରକାଶ କରିଛନ୍ତି। ଜଣେ ଅଭିଯୁକ୍ତଙ୍କ ଜାମିନ୍‌ର ଶୁଣାଣି ବେଳେ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଉପରୋକ୍ତ ରାୟ ଦେଇଛନ୍ତି।

ବଲାଙ୍ଗୀର ସଦର ଥାନା ପୋଲିସ ନିଶା କାରବାର ଅଭିଯୋଗରେ ବିକାଶ ଦୁରିଆ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ତାଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟର ଧାରା ୨୧(ସି) ଏବଂ ୨୯ରେ ମାମଲା ରହିଛି। ବଲାଙ୍ଗୀର ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍‌ଙ୍କ କୋର୍ଟରେ ଏହି ମାମଲା ବିଚାରାଧୀନ ଥିବାବେଳେ ସେ ଜାମିନ୍ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତଙ୍କୁ ଜାମିନ୍ ମିଳିଥିବାରୁ ବିକାଶଙ୍କୁ ମଧ୍ୟ ହାଇକୋର୍ଟ ଜାମିନ୍ ପ୍ରଦାନ କରିଛନ୍ତି। ତେବେ ମାମଲାର ଶୁଣାଣି ବେଳେ କୋର୍ଟ କହିଛନ୍ତି ଯେ, ନିଶା ଚାଲାଣ ଓ ବେପାର ବର୍ତ୍ତମାନ ସାମାଜିକ ବ୍ୟାଧିରେ ପରିଣତ ହେଲାଣି। ଯୁବପିଢ଼ିଙ୍କ ମଧ୍ୟରେ ଏହା ହିଂସ୍ର ଆଚରଣ ବଢ଼ାଉଛି। ନିଶା ଦ୍ରବ୍ୟ ଉତ୍ପାଦନ, କାରବାର, ଚାଲାଣ, ବ୍ୟବହାର, ବିକ୍ରି, ଆମଦାନୀ ଆଦି ରୋକିବା ଲକ୍ଷ୍ୟ ନେଇ ଏନ୍‌ଡିପିଏସ୍ ଆକ୍ଟ କାର୍ଯ୍ୟକାରୀ କରାଯାଇଥିଲା। ହେଲେ ସମସ୍ତ ସୀମା ସରହଦକୁ ଟପି ବର୍ତ୍ତମାନ ନିଶା କାରବାର ବହୁ ପରିମାଣରେ ବଢ଼ିଯାଇଛି। କାଶ ଓ ଯନ୍ତ୍ରଣା ଉପଶମ କରୁଥିବା ଭଳି ଅନେକ ଔଷଧ ଯଥା କଫ୍‌ଶିରପ୍‌ରେ ସାମାନ୍ୟ ମାଦକ ଅଂଶ ରହୁଛି। ହେଲେ ଏହି ଔଷଧକୁ ମଧ୍ୟ ନିଶା ପାଇଁ ବ୍ୟବହାର କରାଯାଉଛି। ଏନ୍‌ଡିପିଏସ୍ ଆକ୍ଟ କାର୍ଯ୍ୟକାରୀ ହେଉଥିବା ସତ୍ତ୍ୱେ ଅନେକ ମାମଲାରେ ଦୋଷୀମାନେ ଖସି ଯାଉଛନ୍ତି। ଏଣୁ ନିଶା କାରବାର ସମ୍ପର୍କିତ ମାମଲାଗୁଡ଼ିକର ଶୁଣାଣି ବେଳେ ଅଭିଯୁକ୍ତଙ୍କୁ କଠୋରରୁ କଠୋର ଦଣ୍ଡ ଦେବା ଆବଶ୍ୟକ ବୋଲି କୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।

## ପୋଡ଼ିହୋଇ ନବବଧୂଙ୍କ ମୃତ୍ୟୁ

କଟକ ସଦର,୨୦।୮(ଡି.ଏନ୍.ଏ.)

### ହତ୍ୟା ଅଭିଯୋଗ ଆଣିଲେ ବାପା

କିଶନନଗର ଥାନା ଅନ୍ତର୍ଗତ ଚମ୍ପା ଗ୍ରାମରେ ନିଆଁରେ ପୋଡ଼ିହୋଇ ଜଣେ ନବବଧୂଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ସସ୍ମିତା ମଲ୍ଲିକ(୨୧)। ଅନ୍ୟପଟେ ତାଙ୍କ ଝିଅକୁ ହତ୍ୟା କରାଯାଇଛି ବୋଲି ବାପା ସୁବାସ ମଲ୍ଲିକ ଗୁରୁବାର କିଶନନଗର ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୨୮/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଚମ୍ପା ଗ୍ରାମର ରାଜେଶ ମଲ୍ଲିକଙ୍କୁ ଏକ ମାସ ପୂର୍ବେ ଏହି ଥାନା ଅଧୀନ କାଳିକାପୁର ଗ୍ରାମର ସସ୍ମିତା ବିବାହ କରିଥିଲେ। ବିବାହର କିଛିଦିନ ପରେ ଯୌତୁକ ଦାବି କରି ଶାଶୁଘର ଲୋକେ ସସ୍ମିତାଙ୍କୁ ନିର୍ଯାତନା ଦେଉଥିଲେ। ୧୬ତାରିଖ ରାତିରେ ସସ୍ମିତା ନିଆଁରେ ପୋଡ଼ି ହୋଇଯାଇଥିଲେ। ଶାଶୁଘର ଲୋକେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ମଙ୍ଗଳାବାଗ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ଶାଶୁଘର ଲୋକଙ୍କୁ ହସ୍ତାନ୍ତର କରିଛି।

## ସଦ୍‌ଭାବନା ଦିବସ ପାଳିଲା ପୂର୍ବତଟ ରେଳପଥ

ଭୁବନେଶ୍ୱର, ୨୦।୮ (ବ୍ୟୁରୋ)

ଚନ୍ଦ୍ରଶେଖରପୁରସ୍ଥିତ ରେଳ ସଦନ ଓ ସମସ୍ତ ରେଳ ମଣ୍ଡଳଠାରେ ପୂର୍ବତଟ ରେଳପଥ ପକ୍ଷରୁ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଜାତି, ଧର୍ମ, କ୍ଷେତ୍ର, ଭାଷାଗତ ବିଭିନ୍ନତା ବିନା ଭାରତବର୍ଷର ସମସ୍ତ ଜନସାଧାରଣଙ୍କ ଭାବନାତ୍ମକ ଏକତା ଓ ସଦ୍‌ଭାବନା ପାଇଁ କାର୍ଯ୍ୟକରିବାକୁ ଶପଥ ନେଇଥିଲେ। ଏଥିସହ ସାମ୍ବିଧାନିକ ବ୍ୟବସ୍ଥା ମାଧ୍ୟମରେ ସମସ୍ତ ମତଭେଦକୁ ଦୂରେଇ କାର୍ଯ୍ୟ ସମ୍ପାଦନ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ଜାତୀୟ ରାଜପଥରେ ମୃତ୍ୟୁର ଆଁ

ଭୁବନେଶ୍ୱର, ୨୦।୮ (ବ୍ୟୁରୋ)

କଟକ-ଭୁବନେଶ୍ୱର ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥର ଅବସ୍ଥା ଅତ୍ୟନ୍ତ ଖରାପ ହୋଇପଡିଛି। ନଖରା, ପଳାଶୁଣି ପୋଲଠାରୁ ଖଣ୍ଡଗିରି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ମୃତ୍ୟୁର ଆଁ ମେଲି ରହିଛି। ପ୍ରତିଦିନ ଦୁର୍ଘଟଣା ଘଟୁଥିବାବେଳେ ଲୋକେ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ସହରର ପ୍ରବେଶ ପଥ କୁହାଯାଉଥିବା ଗଙ୍ଗୁଆ ନାଳ ଉପରେ ଥିବା ପଳାଶୁଣି ପୋଲର ଅବସ୍ଥାକୁ ଦେଖିଲେ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା ବାରି ହୋଇପଡୁଛି। ଭୁବନେଶ୍ୱର ଆଡୁ କଟକ ଯିବାବେଳେ ବାମ ପଟ ପୋଲର ଆରମ୍ଭରୁ କଂକ୍ରିଟ୍ ଉଠି ରଡ୍‌ଗୁଡ଼ିକ ଉପରମୁହାଁ ହୋଇ ରହିଛି। ପାଖାପାଖି ୩ ମାସ ହେବ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଆଇନଜୀବୀ ବାସୁଦେବ ଅମିତ୍ ତେଜାବ କହିଛନ୍ତି, ଜାତୀୟ ରାଜପଥର ସବୁଆଡେ ଖାଲଖମା ଭର୍ତ୍ତି ହୋଇଗଲାଣି। ଅଭିଯୋଗ କଲେ ସୁଫଳ ମିଳୁନି। ଏନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷର ଜଣେ ଅଧିକାରୀ କହିଛନ୍ତି, ଶୀଘ୍ର ମରାମତି କରାଯିବ।



# ବିଲ୍ଡରଙ୍କୁ ହନିଟ୍ରାପ୍‌ରେ ଫସାଇ କାର୍, ଟଙ୍କା ଲୁଟ୍

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

### ରାଜଧାନୀରେ ବଡ଼ ର୍‍ୟାକେଟ

- ତାଳଚେରରୁ ଆସି ଲୁଟେରାଙ୍କ ଜାଲରେ ଫସିଥିଲେ
- ୨ ଗିରଫ, ୩ ଫେରାର: ଲୁଟ୍ ସାମଗ୍ରୀ ଜବତ

ରାଜଧାନୀରେ ହନିଟ୍ରାପ୍ ର୍‍ୟାକେଟ ସକ୍ରିୟ ହୋଇଉଠିଛି। ଲୁଟେରାମାନେ ସୁନ୍ଦରୀ ଝିଅଙ୍କ ସହ ମଉଜମସ୍ତି କରିବା ଲୋଭ ଦେଖାଇ ଧନୀ ଲୋକଙ୍କୁ ଫସାଇ ସର୍ବସ୍ୱ ଲୁଟୁଛନ୍ତି। ଏଭଳି ଏକ ର୍‍ୟାକେଟରେ ଫସିଛନ୍ତି ତାଳଚେରର ଜଣେ ବିଲ୍ଡର ରଥି ଅଳଙ୍କାର ସିଂ। ଲୁଟେରାମାନେ ତାଙ୍କଠାରୁ ଏକ ଦାମୀ କାର, ୨ଟି ମୋବାଇଲ୍ ଫୋନ୍ ଓ ୧୧ହଜାର ଟଙ୍କା ଲୁଟି ନେଇଥିଲେ। ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଉକ୍ତ ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଆସିକାର ଅମର ସେନାପତି ଓ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳର ମନୋଜ ଗୌଡ଼। ପୋଲିସ ସେମାନଙ୍କ ନିକଟରୁ ଲୁଟ୍ କାର୍ ଓ ୨ଟି ମୋବାଇଲ ଫୋନ୍ ଜବତ କରିଛି। ଏଥିସହ ମାମଲା ନଂ.୪୯୧ ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଚଢ଼ାଉ ଆରମ୍ଭ କରିଛି।

ପୋଲିସ ସୂଚନାନୁଯାୟୀ, ଗତ ୧୩ ତାରିଖରେ ବିଲ୍ଡର ରଥି ଅଳଙ୍କାର ସିଂ ତାଙ୍କ ଡ୍ରାଇଭର ଓ ଜଣେ ସାଙ୍ଗଙ୍କ ସହ ତାଳଚେରରୁ କାର୍‌ରେ ଭୁବନେଶ୍ୱର ଆସିଥିଲେ। ଏଠାରେ ପହଞ୍ଚିବାପରେ ଜଣେ ଲୁଟେରା ବନ୍ଧୁ ବୋଲି ପରିଚୟ ଦେଇ ରଥିଙ୍କ ସହ କଥା ହୋଇଥିଲେ। ଏହା ଭିତରେ ସୁନ୍ଦରୀ ତରୁଣୀଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ପ୍ରସ୍ତାବ ଦେଇଥିଲେ। ରଥି ରାଜି ହେବା ପରେ ଲୁଟେରା ଜଣକ ଯୁବତୀ ଚୟନ ପାଇଁ ତାଙ୍କୁ ଭରତପୁର ଛକକୁ ଡାକିଥିଲେ। ସେଠାରେ ରଥିଙ୍କୁ ଦୁଇଜଣ ଲୁଟେରା ଯୁବତୀଙ୍କ ଫଟୋ ଦେଖାଇ ଚନ୍ଦ୍ରଶେଖରପୁର ଅଞ୍ଚଳକୁ ଯିବାକୁ ପରାମର୍ଶ ଦେଇଥିଲେ। ଏହାପରେ ଡ୍ରାଇଭର ଓ ସାଙ୍ଗଙ୍କୁ ନ ନେଇ ରଥି ଏକୁଟିଆ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିଥିଲେ। ଲୁଟେରାମାନେ ତାଙ୍କୁ ଯୁବତୀଙ୍କ ପାଖରେ ଛାଡ଼ିବାକୁ କହି ଏକ ଘର ଭିତରେ ପୂରାଇ କବାଟ ବନ୍ଦ କରି ନିସ୍ତୁକ ମାଡ଼ ମାରିଥିଲେ। ଏଥିସହ ତାଙ୍କଠାରୁ ୧୧ହଜାର ଟଙ୍କା, ୨ଟି ମୋବାଇଲ୍ ଫୋନ୍ ଓ କାରକୁ ଲୁଟି ନେଇ ଫେରାର ହୋଇଯାଇଥିଲେ। ଲୋକ ଲଜ୍ଜାରେ ରଥି ଥାନାକୁ ଅଭିଯୋଗ କରିବାକୁ ନ ଯାଇ ସିଧା ତାଳଚେର ପଳାଇଥିଲେ। ପରିବାର ଲୋକେ କାର୍ କ'ଣ ହେଲା ବୋଲି ପଚାରିବାରୁ ରଥି ସବୁକଥା କହିଥିଲେ। ପରେ ସେ ପରିବାର ଲୋକଙ୍କ ସହ ଆସି ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ରଥିଙ୍କୁ କଲ୍ କରିଥିବା ଲୁଟେରାଙ୍କ ଏକାଧିକ ଫୋନ୍ ନମ୍ବରକୁ ଯାଞ୍ଚପରେ ଉକ୍ତ ର୍‍ୟାକେଟର ସୁରାକ ମିଳିଥିଲା। ହେଲେ ସେମାନେ ଭିନ୍ନ ଭିନ୍ନ ସ୍ଥାନରେ ରହୁଥିବାରୁ ସମସ୍ୟା ହୋଇଥିଲା। ଶେଷରେ ବୁଧବାର ରାତିରେ ଦୁଇଜଣ ଲୁଟେରା ମନୋଜ ଓ ଅମର ଖଣ୍ଡଗିରି ଅଞ୍ଚଳକୁ ଆସିଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ପୂର୍ବରୁ ଏହି ଗ୍ୟାଙ୍ଗ ଏୟାରଫିଲ୍ଡ ଥାନା ଅଞ୍ଚଳରୁ ଏହିପରି ଭାବେ ଫସାଇ ଲୁଟ୍ କରିଥିବା ପୋଲିସ ଜାଣିବାକୁ ପାଇଛି।



ବଲିଉଡ୍ ନାୟକ ଅକ୍ଷୟ କୁମାରଙ୍କ ବଦାନ୍ୟତା ପୁଣି ଦେଖିବାକୁ ମିଳିଛି। ଆସାମ ବନ୍ୟା ପୀଡ଼ିତଙ୍କ ପାଇଁ ଖିଲାଡି ବୟ ଏବେ ୧ କୋଟି ଟଙ୍କା ଦାନ କରିଛନ୍ତି। ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଟୁଇଟ କରି ଏଥିପାଇଁ ଅକ୍ଷୟଙ୍କୁ ଧନ୍ୟବାଦ ଦେଇଛନ୍ତି। ଜୁଲାଇରେ ଆସାମର ସମସ୍ତ ୩୩ ଜିଲା ବନ୍ୟାରେ ପ୍ରଭାବିତ ହୋଇଥିଲା। ପ୍ରାୟ ୧ ମାସ ହେବ ବନ୍ୟାରେ ପୀଡ଼ିତ ଥିବା ଆସାମବାସୀଙ୍କ ଅବସ୍ଥା ଏବେ ବି ସୁଧୁରି ନାହିଁ।

# ତତଲା ତାୱା 'ଡେଥ୍ ଭ୍ୟାଲି'



**ବିଚିତ୍ର ଏ ପୃଥିବୀ। ଆଶ୍ଚର୍ଯ୍ୟଜନକ ଏହାର ପ୍ରାକୃତିକ ପରିବେଶ। ଏକ ସମୟରେ ବିଭିନ୍ନ ପ୍ରାନ୍ତରେ ଅନୁଭୂତ ଭିନ୍ନ ଭିନ୍ନ ଋତୁ। ଦକ୍ଷିଣ ଏସିଆର ଅଧିକାଂଶ ରାଷ୍ଟ୍ର ଏବେ ମୌସୁମୀ କବ୍‌ଜାରେ। ପାଶ୍ଚାତ୍ୟ ଦେଶଗୁଡ଼ିକ ସହୁଛନ୍ତି ଗ୍ରୀଷ୍ମର ଝାଞ୍ଜି। ୟୁରୋପ ଏବଂ ଆମେରିକାର ଅନେକ ସ୍ଥାନ କମ୍ପୁଛି ଅଝାଡ଼ ଶୀତରେ। ହେଲେ ଆମେରିକାର 'ଡେଥ୍ ଭ୍ୟାଲି' ଦୀର୍ଘବର୍ଷ ହେଲା ସହିଆସୁଛି ଭୟଙ୍କର ତାତି। ପୃଥିବୀର ତତଲା ତାୱାରେ ପରିଣତ ହୋଇଥିବା ଏହି ସ୍ଥାନରେ ତାପମାତ୍ରା ରେକର୍ଡ ଭାଙ୍ଗୁଛି।**

ପର୍ଯ୍ୟଟନ, ଜୈବବିବିଧତା ଏବଂ ଆକର୍ଷଣୀୟ ପରିବେଶ ପାଇଁ ସୁନାମ ଅର୍ଜିଛି 'ଡେଥ୍ ଭ୍ୟାଲି'। ହେଲେ ଗତ କିଛିଦିନ ହେଲା ତତଲା ତାୱାରେ ପରିଣତ ହୋଇଛି ଏହି ସ୍ଥାନ। ଗତ ୧୬ ଅଗଷ୍ଟ ଅପରାହ୍ନରେ 'ଡେଥ୍ ଭ୍ୟାଲି'ରେ ପାରଦ ଉପରମୁହାଁ ହୋଇ ପହଞ୍ଚିଥିଲା ୫୪.୪ ଡିଗ୍ରୀ ସେଲ୍‌ସିୟସ୍‌ରେ, ଯାହା ଏକ ନୂଆ ରେକର୍ଡ ବୋଲି କୁହାଯାଉଛି। ଏଥିପୂର୍ବରୁ ୨୦୧୩ରେ ଏଠାକାର ସର୍ବୋଚ୍ଚ ତାପମାତ୍ରା ୫୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା।

'ଡେଥ୍ ଭ୍ୟାଲି' ହେଉଛି ଏକ ମରୁ ଉପତ୍ୟକା। ପୂର୍ବ କାଲଫର୍ନିଆର ମୋଜାଭେ ଏବଂ ଗ୍ରେଟ୍ ବେସିନ ମରୁଭୂମିକୁ ଲାଗି ରହିଥିବା ଏହି ଅଞ୍ଚଳ ପୃଥିବୀର ପ୍ରମୁଖ ଉତ୍ତପ୍ତ ସ୍ଥାନ ଭିତରୁ ଗୋଟିଏ। 'ଡେଥ୍ ଭ୍ୟାଲି' ନାମରେ ରହିଛି ପୃଥିବୀର ସର୍ବାଧିକ ତାପମାତ୍ରାର ରେକର୍ଡ। ୧୯୫୩ରେ ଏଠାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଥିଲା। ପାରଦ ପହଞ୍ଚିଯାଇଥିଲା ୫୬.୭ ଡିଗ୍ରୀ ସେଲ୍‌ସିୟସ୍‌ରେ। ହେଲେ ସେତେବେଳେ ତାପମାତ୍ରା ରେକର୍ଡ କରିବା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳ ଉପଲବ୍ଧ ନ ଥିବାରୁ ଏହାର ପ୍ରାମାଣିକତା ତଥ୍ୟ ଉପରେ ଆଶଙ୍କା କରାଯାଉଛି। ତେଣୁ ୧୯୩୧ରେ ଟ୍ୟୁନିସିଆରେ ରେକର୍ଡ ହୋଇଥିବା ୫୫ ଡିଗ୍ରୀ ସେଲ୍‌ସିୟସ୍‌କୁ ଅଦ୍ୟାବଧି ସବୁଠାରୁ ଅଧିକ ବୋଲି ବିବେଚନା କରାଯାଏ।

'ଡେଥ୍ ଭ୍ୟାଲି'ର ଭୂତଳ ଜଳସ୍ତର ସମୁଦ୍ର ପତ୍ତନରୁ ହାରାହାରି ୮୬ ମିଟର ତଳେ ରହିଛି। ନିଆରା ଜୈବ ବିବିଧତା, ଅଭୂତପୂର୍ବ ଲ୍ୟାଣ୍ଡସ୍କେପ୍ ପାଇଁ ପର୍ଯ୍ୟଟନର ଅସରନ୍ତି ସମ୍ଭାବନା ସୃଷ୍ଟି କରିଛି 'ଡେଥ୍ ଭ୍ୟାଲି'। ବିଶେଷ କରି ଫିଲ୍ମ ନିର୍ମାଣ ପାଇଁ ନିର୍ଦ୍ଦେଶକ, ପ୍ରଯୋଜକଙ୍କ ଲାଗି ଦୀର୍ଘଦିନରୁ ପସନ୍ଦ ପାଲଟିଛି ଏହି ମରୁଭୂମି। ହେଲେ ଏଠାକାର ଜଳବାୟୁ ଅତି ପ୍ରତିକୂଳ। ଏହି ସ୍ଥାନରେ ଗ୍ରୀଷ୍ମ ଋତୁ ଦୀର୍ଘତମ। ଶୀତଦିନେ ତାପମାତ୍ରା ଶୂନ୍ୟ ଡିଗ୍ରୀ ତଳକୁ ଖସିଆସେ। ଶୁଷ୍କ ଜଳବାୟୁ ଏବଂ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଏଠାକାର ତାପମାତ୍ରା ପ୍ରତିବର୍ଷ ବଢ଼ିବାରେ ଲାଗିଛି।

## ତାପ ବିକିରଣ ପ୍ରମୁଖ କାରଣ

'ଡେଥ୍ ଭ୍ୟାଲି'ରେ ତାପମାତ୍ରା ବୃଦ୍ଧି ପଛର କାରଣ ଖୋଜିବାରେ ଲାଗିଛନ୍ତି ବୈଜ୍ଞାନିକ। ଗବେଷଣାରୁ ଜଣାପଡ଼ିଛି, ଅଞ୍ଚଳର ମରୁଭୂମିର ବିସ୍ତୀର୍ଣ୍ଣ ବାଲୁକାପ୍ରାନ୍ତ, ବାଲିଚଟାଣ ତାପ ବିକିରଣ କରି ନ ପାରି ଧରିରଖେ। ଫଳରେ ତାପମାତ୍ରା ଅତ୍ୟଧିକ ବଢ଼ିଯାଏ। ସେହିପରି ପ୍ରାକୃତିକ ପରିଚଳନ ପ୍ରକ୍ରିୟାରେ ଗରମ ପବନ ଥଣ୍ଡା ହୋଇଥାଏ। ହେଲେ ଡେଥ୍ ଭ୍ୟାଲିର ଭୌଗୋଳିକ ଆକାର ଏମିତି ଯେ, ଏଠାରୁ ଉତ୍ତପ୍ତ ପବନ ବାହାରକୁ ପ୍ରବାହିତ ହୋଇ ନ ପାରି ଅଟକି ଯାଏ। ଏହି ପବନ ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଘୂରିବୁଲେ। ଫଳରେ ହଠାତ୍ ତାପମାତ୍ରାରେ ବୃଦ୍ଧି ଘଟେ। 'ଡେଥ୍ ଭ୍ୟାଲି'ରେ ସୀମାନ୍ତ ମରୁଭୂମିର ଗରମ ପବନ ଅନବରତ ପ୍ରବାହିତ ହୁଏ, ଯାହା ଉତ୍ତାପ ବଢ଼ାଇଥାଏ। ଗତ ଡିସେମ୍ବରରେ ଅଷ୍ଟ୍ରେଲିଆ ବନାଗ୍ନି ପ୍ରଭାବରେ ୨୦% ଜଙ୍ଗଲ ଛାରଖାର ହୋଇଯାଇଛି। ଏହାର ପ୍ରଭାବ ବରଫାବୃତ୍ତ ସାଇବେରିଆ ଉପରେ ପଡିଛି, ଯାହା ବିଶ୍ୱତାପନକୁ ବଢ଼ାଇଥିବା ବୈଜ୍ଞାନିକମାନେ କହିଛନ୍ତି।

ପରିବେଶବିତ୍‌ଙ୍କ କହିବା କଥା, 'ଡେଥ୍ ଭ୍ୟାଲି'ରେ ଏପରି ଗ୍ରୀଷ୍ମପ୍ରବାହ ହାତଗଣତି ଦିନ ପାଇଁ ହୁଏ। ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ସଂସ୍ଥା ସେଣ୍ଟର ଅଫ୍ ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ ପ୍ରିଭେନ୍‌ଶନ (ସିଡିସି) ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ପ୍ରତିକୂଳ ଜଳବାୟୁ ଅପେକ୍ଷା ହିଟ୍ ୱେଭ୍ ପାଇଁ ଅଧିକ ଜୀବନ ଯାଇଥାଏ। ଅତ୍ୟଧିକ ଗରମ କାରଣରୁ ଲୋକମାନେ ଡିହାଇଡ୍ରେଶନର ଶିକାର ହୋଇଥାନ୍ତି, ଯାହା ଷ୍ଟ୍ରୋକ୍‌କୁ ନିମନ୍ତ୍ରଣ କରେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର କହିବା କଥା, ପରିବେଶରେ ତାପମାତ୍ରା ନିର୍ଦ୍ଦିଷ୍ଟ ସୀମା ଡେଇଁଯିବା ପରେ ଉଭୟ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ। ଶ୍ୱାସକ୍ରିୟାଜନିତ ସମସ୍ୟା, ହୃଦ୍‌ରୋଗ, କିଡ୍‌ନୀ ରୋଗରେ ଆକ୍ରାନ୍ତ ରୋଗୀଙ୍କ କଷ୍ଟ ବଢ଼ିଯାଏ। ଅନ୍ୟପଟେ ହିଟ୍ ୱେଭର ପ୍ରଭାବ କୃଷିକ୍ଷେତ୍ର ଉପରେ ପଡ଼େ। ପରିବା ଚାଷ ଉଜୁଡ଼ିଯାଏ। ରୋଗପୋକ ପ୍ରାଦୁର୍ଭାବ ବଢ଼ିଯାଏ। ଅସହ୍ୟ ତାପମାତ୍ରାରେ ସଡ଼କର ପିଚୁ ତରଳିଯାଏ। ଗାଡ଼ି ଭିତରର ତାପମାତ୍ରା ବୃଦ୍ଧି ଯୋଗୁ ଦୁର୍ଘଟଣା ଘଟି ଧନଜୀବନ ହାନି ହୋଇଥାଏ।

# ଆଥିୟାଙ୍କ ଫଟୋ ପୋଷ୍ଟରେ କମେଣ୍ଟକୁ ନେଇ ଚର୍ଚ୍ଚା



ଆଥିୟା ସେଟ୍ଟୀ

ମୁମ୍ବାଇ:ବଲିଉଡ୍ ଅଭିନେତ୍ରୀ ଆଥିୟା ସେଟ୍ଟୀ ୨୦୧୫ ମସିହାରେ 'ହିରୋ' ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଫିଲ୍ମ କ୍ୟାରିୟର୍‌ରେ ସେ ସେତିକି ସଫଳ ହୋଇନାହାନ୍ତି ସତ। କିନ୍ତୁ ତାଙ୍କର ଫ୍ୟାନ୍ ଫଲୋଇଙ୍ଗ୍ ମଧ୍ୟ କିଛି କମ୍ ନୁହେଁ। ଆଥିୟା ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍। ସେ ପ୍ରାୟ ସମୟ ଇନ୍‌ଷ୍ଟାରେ ଲାଇଭ୍ ଆସିଥାନ୍ତି। ଇନ୍‌ଷ୍ଟାରେ ତାଙ୍କର ପ୍ରାୟ ଫଟୋ ଶେୟାର ମଧ୍ୟ କରିଥାନ୍ତି। ନିକଟରେ ଆଥିୟା ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଫଟୋ ପୋଷ୍ଟ କରିଛନ୍ତି। ଏହି ଫଟୋରେ ସେ ଏକ ସୁଇମ୍ ସୁଟ୍ ପିନ୍ଧିଛନ୍ତି। ତେବେ ଏହାକୁ ନେଇ ଯେତିକି ଚର୍ଚ୍ଚା ହେଉନାହିଁ, ତା'ଠାରୁ ଅଧିକ ଚର୍ଚ୍ଚା ହେଉଛି ତାଙ୍କ ଫଟୋ ଉପରେ କ୍ରିକେଟର କେ.ଏଲ. ରାହୁଲ ଦେଇଥିବା ପ୍ରତିକ୍ରିୟାକୁ ନେଇ। ରାହୁଲ ଏକ ହର୍ଟର ଇମୋଜୀ ପୋଷ୍ଟ କରିବା ସହିତ 'ଜେଫା' ବୋଲି ଲେଖିଛନ୍ତି। ତେବେ ଅନେକ ତାଙ୍କର ଏହି କମେଣ୍ଟକୁ ବୁଝି ପାରିନାହାନ୍ତି। କିନ୍ତୁ କେତେକ ଇନ୍‌ଷ୍ଟାଗ୍ରାମ ବ୍ୟବହାରକାରୀ କହିଛନ୍ତି ଯେ, ସ୍ପାନିଶ୍‌ରେ 'ଜେଫା'ର ଅର୍ଥ 'ବସ୍'। ସେହିଭଳି ରାହୁଲଙ୍କ ଆହୁରି ଅନେକ ଫ୍ୟାନ୍ ତାଙ୍କ କମେଣ୍ଟ ଉପରେ ପ୍ରତିକ୍ରିୟା ଦେଇ ହର୍ଟ ଓ ଥମ୍ବସ୍ ଅପ୍‌ର ଇମୋଜୀ ପୋଷ୍ଟ କରିଛନ୍ତି। ଆଥିୟା ଓ ରାହୁଲ ପରସ୍ପରଙ୍କୁ ଡେଟ୍ କରୁଥିବା କୁହାଯାଉଛି। ତେବେ ଆଥିୟା ଏ ବିଷୟରେ ବର୍ତ୍ତମାନ ସୁଦ୍ଧା କିଛି କହିନାହାନ୍ତି। ଦେଖାଯାଉ ଆଗକୁ ଏନେଇ ଆଥିୟା ତାଙ୍କ ଫ୍ୟାନ୍‌ମାନଙ୍କୁ ଜଣାଉଛନ୍ତି କି ନାହିଁ। କିନ୍ତୁ ସେମାନଙ୍କର ସୋସିଆଲ ମିଡିଆର ଚାଟ୍‌ଗୁଡ଼ିକ କେବଳ ଭାଇରାଲ ହେଉଛି। ଏପ୍ରିଲ ମାସରେ ରାହୁଲଙ୍କ ଜନ୍ମଦିନ ଥିଲା। ଏହି ଅବସରରେ ଆଥିୟା ଇନ୍‌ଷ୍ଟାଗ୍ରାମରେ ତାଙ୍କୁ ଶୁଭେଚ୍ଛା ଜଣାଇ ଏକ ପୋଷ୍ଟ କରିଥିଲେ। ଏଥିରେ ସେ 'ମାଇଁ ପର୍ସନ' ଲେଖିଥିଲେ।

# କୁନି କଳାକାର

**ଥିରୁଭାନନ୍ତପୁରମ୍**

କଥାରେ ଅଛି ତୁଳସୀ ଦୁଇ ପତ୍ରରୁ ବାସେ। ତେଣୁ ବୟସ କମ୍ ହେଲେ ବି ପ୍ରତିଭା ପ୍ରକାଶ ପାଇବାକୁ ବିଳମ୍ବ ହୁଏନି। ଏମିତି ଏକ ଉଦାହରଣ ହେଉଛନ୍ତି କେରଳ ମାଲ୍ଲାପୁରମ୍‌ର ଅଭିଶେକ। ବିଭିନ୍ନ ପ୍ରକାରର ବାଦ୍ୟ ବଜାଇବାରେ ତାଙ୍କର ଅଦ୍ଭୁତ ଦକ୍ଷତା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଟୁଇଟର ବ୍ୟବହାରକାରୀ ଜେ. ନନ୍ଦକୁମାର ପ୍ରଥମେ ସୋସିଆଲ ମିଡିଆରେ ଅଭିଶେକ ବାଦ୍ୟ ବଜାଉଥିବା ସମୟର ବିଭିନ୍ନ ଭିଡିଓ ଶେୟାର କରିଥିଲେ। ତାଙ୍କର ବିଚକ୍ଷଣ ପ୍ରତିଭାରେ ସେ



ପ୍ରଭାବିତ ହୋଇ ଭିଡିଓକୁ ଶେୟାର କରିଥିଲେ। ତେବେ ସୋସିଆଲ୍ ମିଡିଆରେ ଏହି ଭିଡିଓ ଶେୟାର କରିବାର ମାତ୍ର କିଛି ଘଣ୍ଟା ମଧ୍ୟରେ ଏହା ଭାଇରାଲ୍ ହୋଇଥିଲା। ଏତେ କମ୍ ବୟସରୁ ଅଭିଶେକ ଏତେ ସୁନ୍ଦର ଭାବରେ କିପରି ତାଳରେ ବିଭିନ୍ନ ବାଦ୍ୟ ବଜାଉଛନ୍ତି ତାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏବେ ସୁଦ୍ଧା ଏହି ଭିଡିଓକୁ ୧.୪ ଲକ୍ଷରୁ ଅଧିକ ଲୋକ ଦେଖି ସାରିଲେଣି। ହଜାର ହଜାର ସଂଖ୍ୟାରେ ଅଭିଶେକଙ୍କ ପାଇଁ କମେଣ୍ଟ ମଧ୍ୟ ମିଳିପାରିଛି। ବଡ଼ କଥା ହେଉଛି ଅଭିଶେକ ବିଭିନ୍ନ ପ୍ରକାରର ପାରମ୍ପରିକ ବାଦ୍ୟକୁ ବେଶ୍ ସହଜରେ ସୁନ୍ଦରଭାବରେ ବଜାଇ ପାରୁଛନ୍ତି। ଅଭିଶେକ ତ ଭବିଷ୍ୟତରେ ନିଶ୍ଚିତଭାବେ ନାଁ କରିବେ ଏକଥାକୁ କେହି ଅସ୍ୱୀକାର କରିପାରିବେନି କିନ୍ତୁ ଏବେଠାରୁ ସେ ଜଣେ କଳାକାରଭାବେ ପରିଚିତ ହୋଇସାରିଲେଣି।



# ୧୮୦୦ ସ୍କୋୟାର ଫୁଟ୍‌ର କାନ୍‌ଭାସ୍

**ନୂଆଦିଲ୍ଲୀ**

କଳାକାରଙ୍କ କାନ୍‌ଭାସ୍ ପେଣ୍ଟିଂ ତ ଅନେକ ଦେଖିଥିବେ। କିନ୍ତୁ ୧୮୦୦ ସ୍କୋୟାର ମିଟରର ଗୋଟିଏ କାନ୍‌ଭାସ୍ ପେଣ୍ଟିଂ ହୁଏତ କେହି ଦେଖି ନ ଥିବେ। କିନ୍ତୁ ଏମିତି ଏକ କାନ୍‌ଭାସ୍ ପେଣ୍ଟିଂ ତିଆରି କରିଛନ୍ତି ବ୍ରିଟିଶ୍ କଳାକାର ସାଚ୍ଚା ଜାଫ୍ରି। ସେ ତାଙ୍କର ଏହି କାନ୍‌ଭାସ୍‌ର ନାଁ ରଖିଛନ୍ତି 'ଦି ଜର୍ଣ୍ଣି ଅଫ୍ ହ୍ୟୁମାନିଟି'। ଜାଫ୍ରି ତାଙ୍କର ଏଭଳି ଏକ କାନଭାସ୍ ସମ୍ପର୍କରେ ସୋସିଆଲ ମିଡିଆରେ ଶେୟାର କରିବା ପରେ ସମସ୍ତଙ୍କୁ ଜଣାପଡ଼ିଛି। ଏତେବଡ଼ କାନ୍‌ଭାସ୍‌କୁ ସେ ତିଆରି କରିଛନ୍ତି କେବଳ ନିଲାମ କରିବା ଲକ୍ଷ୍ୟରେ। ବଡ଼ କଥା ହେଉଛି ଏହି କାନ୍‌ଭାସ୍‌କୁ ନିଲାମ କରିବା ପରେ ଯେଉଁ ଅର୍ଥ ମିଳିବ ତାକୁ ସେ ଅସହାୟ ପିଲାମାନଙ୍କର ସାହାଯ୍ୟ ପାଇଁ ଦାନ କରିବେ ବୋଲି ଜଣାଇଛନ୍ତି। ଜାଫ୍ରି ତାଙ୍କର ଏହି କାନ୍‌ଭାସ୍‌କୁ ପୂରା କରିସାରିବା ପରେ ମୋଟ ୬୦ଟି ଛୋଟ ପ୍ୟାନେଲରେ ଏହାକୁ ଭାଗ କରି ଭିନ୍ନ ଭିନ୍ନ ନାମକରଣ କରିବେ ଓ ପରେ ନିଲାମ କରିବେ। ଅଲଗା ନାଁ ସହିତ ଅଲଗା ନମ୍ବର, କାଟାଲଗ୍ ଓ ଫ୍ରେମ କରି ତାକୁ ନିଲାମ କରିବେ। ଏହି ଭିନ୍ନ ଧରଣର କାନ୍‌ଭାସ୍‌ଟି ଆସନ୍ତା ଡିସେମ୍ବରରେ ରୟାଲ ଗାଲା ଡିନର ଆଣ୍ଡ ଚ୍ୟାରିଟି ଅକ୍‌ସନ୍‌ଠାରେ ନିଲାମ କରାଯିବ ବୋଲି ସେ ସ୍ଥିର କରିଛନ୍ତି। ସବୁ ଦେଶର ଲୋକଙ୍କୁ ଏ ସମ୍ପର୍କରେ ଜଣାଇବା ପାଇଁ ସେ ନିଲାମ ପୂର୍ବରୁ ସୋସିଆଲ୍ ମିଡିଆରେ ଏନେଇ ଶେୟାର କରିଛନ୍ତି। ନିଲାମ ଅର୍ଥରେ ବିଭିନ୍ନ ଅଞ୍ଚଳର ଅବହେଳିତ ତଥା ଗରିବ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ତଥା ବିଭିନ୍ନ ଉନ୍ନତିମୂଳକ କାମରେ ଲଗାଯିବ। ତେବେ ସୋସିଆଲ୍ ମିଡିଆରେ ତାଙ୍କର ଏହି ଚିତ୍ରକୁ ଏବେ ଲୋକେ ବେଶ୍ ପସନ୍ଦ କରିଛନ୍ତି। ସୁନ୍ଦର ରଙ୍ଗ ତଥା ଭିନ୍ନ ଧରଣର ଏହି କାନ୍‌ଭାସ୍‌ଟି ପ୍ରକୃତରେ ଇତିହାସ ସୃଷ୍ଟି କରିପାରିବ ବୋଲି ଅନେକେ ମତ ଦେଇଛନ୍ତି।

# ଅପ୍‌ସରା ରାଣୀଙ୍କ ଟୁଇଟର ଆକାଉଣ୍ଟ ସସ୍‌ପେଣ୍ଡ



ଅପ୍ସରା ରାଣୀ

**ମୁମ୍ବାଇ:** ରାତାରାତି ସୋସିଆଲ ମିଡିଆରେ ସେନ୍‌ସେସନ୍ ପାଲଟିଥିବା ଓଡ଼ିଆ ଝିଅ ତଥା ବଲିଉଡ ଅଭିନେତ୍ରୀ ଅପ୍‌ସରା ରାଣୀଙ୍କ ଟୁଇଟର ଆକାଉଣ୍ଟକୁ ସସ୍‌ପେଣ୍ଡ କରାଯାଇଛି। ଟୁଇଟର ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ଏପରି କରାଯାଇଥିବା ଟୁଇଟର ପକ୍ଷରୁ କୁହାଯାଇଛି। ପ୍ରଖ୍ୟାତ ନିର୍ଦ୍ଦେଶକ ରାମ ଗୋପାଳ ବର୍ମାଙ୍କ ଫିଲ୍ମ 'ଥ୍ରୀଲର'ରେ ଅପ୍ସରା ଆକ୍ଟିଂ କରିଥିବାବେଳେ ତାଙ୍କର ବହୁ ବୋଲ୍ଡ ଫଟୋ ସୋସିଆଲ ମିଡିଆରେ ଘୁରି ବୁଲୁଥିଲା। ଏପରିକି ନିଜେ ବର୍ମା ଅପ୍ସରାଙ୍କ ବହୁ ବୋଲ୍ଡ ଫଟୋ ଶେୟାର କରି ଚର୍ଚ୍ଚାକୁ ଆସିଥିଲେ। ଅପ୍ସରାଙ୍କ ଆଳରେ ଓଡ଼ିଶାକୁ ଅସମ୍ମାନ କରିଥିଲେ ରାମ ଗୋପାଳ। ପରେ ପରେ ଅପ୍ସରା ପାଲଟିଥିଲେ ସୋସିଆଲ ସେନ୍‌ସେସନ୍। ଅପ୍ସରାଙ୍କ ଅଫିସିଆଲ ଆକାଉଣ୍ଟରେ ୪୫ ହଜାର ଫଲୋର୍ସ ଥିଲେ। ବିଭିନ୍ନ ସମୟରେ ତାଙ୍କୁ ନେଇ ସୋସିଆଲ ମିଡିଆରେ ୟୁଜର୍ସ ଟ୍ରୋଲ କରୁଥିଲେ। କିନ୍ତୁ ଏବେ ତାହାକୁ ସସ୍‌ପେଣ୍ଡ କରାଯାଇଛି।


# ମନେ ପଡ଼ନ୍ତି

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଡଃ ନିରୁପମା ପଟ୍ଟନାୟକ
ସ୍ୱାମୀ: ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକ
ପୂର୍ବତନ ରାଜ୍ୟ ସୂଚନା କମିଶନର, ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
ଶୋକସନ୍ତପ୍ତ ପରିବାର,ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୬୯୪୭୭

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଦୁର୍ଗା ପ୍ରସାଦ ବହିଦାର
(ଅବସରପ୍ରାପ୍ତ ପୋଲିସ୍ ଅଫିସର)
ଝାଡୁଆପଡ଼ା, ସମ୍ବଲପୁର
(୧୯୧୦-୧୯୯୭) ବାଲିତୃତୀୟା
ତ୍ରୟୋବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ।
ଧ-୧୭୯୪୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା କୌଶଲ୍ୟା ପାତ୍ର
ଧର୍ମପରାୟଣା ମହିଳା, ପ୍ରଜାପିତା ବ୍ରହ୍ମାକୁମାରୀ ଦୀକ୍ଷିତା
ସ୍ୱାମୀ: ସ୍ୱର୍ଗତ ଦିବ୍ୟସିଂହ ପାତ୍ର
ଗୌରୀନଗର, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁଅ-ବୋହୂ: ପ୍ରତାପ-ମଞ୍ଜୁଲତା, ପ୍ରଦୀପ-ସ୍ୱର୍ଣ୍ଣପ୍ରଭା, ଝିଅ-ଜ୍ୱାଇଁ: ପୁଷ୍ପାଞ୍ଜଳି-ମହେଶ୍ୱର, ନାତି-ନାତୁଣୀ: ଦୀପକ, ଦୀପିକା, ଲିପିକା, ପ୍ରଜ୍ଞା, ପ୍ରିୟଙ୍କା, ମିଳନ୍, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୯୪୨୮

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ନାରାୟଣ ଜେନା (ଟିକ ସାର୍)
ନହରକଣ୍ଟା, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ: ୦୫।୦୬।୧୯୩୩
ତିରୋଧାନ: ୨୨।୦୮।୨୦୧୪
ଆପଣଙ୍କର ଯିବାର ଛ'ବର୍ଷ ବିତିଗଲାଣି, ଆପଣଙ୍କ ଅଭୁଲା ସ୍ମୃତି ଆମ୍ଭମାନଙ୍କଠାରେ ଉଜ୍ଜୀବିତ ରହିଛି ଓ ରହିଥିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ: ମାଣିକ ଓ ଜେନା ପରିବାର।
ଧ-୧୭୯୯୮

**ତୋରି ସ୍ମୃତିରେ**



୰ ଅଧ୍ୟାପକ ଜୟପ୍ରକାଶ ମିଶ୍ର (ନୁନୁ)
(୧୨.୪.୬୨ - ୨୧.୮.୯୫)
ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ - ବୋଉ ଓ ଆତ୍ମୀୟ ସ୍ୱଜନ
ଧ-୬୯୭୨୩

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ଶ୍ରୀ ବ୍ରଜମୋହନ ମହାନ୍ତି
ଭୁବନେଶ୍ୱର
ଆବିର୍ଭାବ: ୦୭।୧୨।୧୯୪୦
ତିରୋଧାନ: ୧୧।୦୮।୨୦୨୦
ଶ୍ରୀ ଶ୍ରୀ ଠାକୁରଙ୍କ ପୂତ ପବିତ୍ର ଚରଣ କମଳରୁ ଆମକୁ ଆଶୀର୍ବାଦ କର ଯେପରି ତୁମରି ଆଦର୍ଶ ବିଚାରଧାରା, ସ୍ନେହଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା, ଶୃଙ୍ଖଳିତ ଜୀବନଧାରା ଓ ସାର୍ବଜନୀନ ଭଲପାଇବା ଆମର ସବୁଦିନିଆ ଜୀବନରେ ପ୍ରତିଫଳିତ ହୋଇପାରିବ।
ଇତି ଆପଣଙ୍କର ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୭୯୯୬



ନିର୍ମଳ କୁମାର ମିଶ୍ର

# କ୍ୟାପ୍ଟେନ କୁଲ୍

**ରାଞ୍ଚି ଭଳି ଛୋଟିଆ ସହରରୁ ଆସିଥିଲେ ମଧ ମହେନ୍ଦ୍ର ସିଂ ଧୋନୀ ସଫଳତାର ଶୀର୍ଷକୁ ଉଠିଥିଲେ। ବିଶ୍ୱବ୍ୟାପୀ ପ୍ରଶଂସକଙ୍କୁ ନିରାଶ କରି ସେ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଫଳରେ ଭାରତୀୟ କ୍ରିକେଟରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି...**



ଛୋଟିଆ ସହରରୁ କ୍ରିକେଟର ଯାତ୍ରା ଆରମ୍ଭ। ମନରେ ଅସୁମାରୀ ସ୍ୱପ୍ନ। ଦେଶ ପାଇଁ ଖେଳିବାର ଇଚ୍ଛା। ଲକ୍ଷ୍ୟ ଏତେ ସହଜ ନୁହେଁ। ତଥାପି ନିଜ ଉପରେ ଭରସା କିଛି କରି ଦେଖାଇବାର ପ୍ରୟାସ ଥିଲା। କ୍ଲବ କ୍ରିକେଟରୁ କ୍ୟାରିୟର ଆରମ୍ଭ। ନିଜର ଲମ୍ବା ବାଳ, ହସହସ ମୁହଁ, କଳାକୋଟ ପାଇଁ ସାଥୀମାନଙ୍କ ମଧ୍ୟରେ ବେଶ୍ ପରିଚିତ ଥିଲେ। କ୍ଲବ କ୍ରିକେଟରେ ଆକ୍ରମଣାତ୍ମକ ବ୍ୟାଟିଂ ଏବଂ ଉଇକେଟ କିପିଙ୍ଗ ପାଇଁ ରାଞ୍ଚି ଏବଂ ଏହାର ଆଖପାଖ ଅଞ୍ଚଳରେ ବେଶ୍ ପରିଚିତ। ରେଲୱେ ଟିମ୍‌ରେ ଖେଳିବା ବେଳେ ଦେଶ ପାଇଁ ଖେଳିବାର ସ୍ୱପ୍ନ ବାରମ୍ବାର ମନରେ ଉଙ୍କି ମାରୁଥିଲା, ଯାହାକୁ ସମଗ୍ର ବିଶ୍ୱରେ ନିଜକୁ ପ୍ରତିଷ୍ଠିତ କରିବାର ଅଛି ସେ କ୍ଲବ କ୍ରିକେଟରେ କିପରି ବା ସନ୍ତୁଷ୍ଟ ରୁହନ୍ତେ। କ୍ରିକେଟରେ ବେଶ୍ ସଉକ ରହିଥିଲା। ଏ ହେଉଛନ୍ତି ମହେନ୍ଦ୍ର ସିଂ ଧୋନୀ।

ଗୋଟିଏ ଦିନରେ ଭାରତୀୟ କ୍ରିକେଟକୁ ଲାଗିଛି ଡବଲ ଝଟକା, ଯାହା ପୂର୍ବରୁ ଆଶା କରାଯାଉଥିଲା ତାହା ହିଁ ହେଲା। ଦୀର୍ଘଦିନଠାରୁ ଅନ୍ତର୍ଜାତୀୟ କ୍ରିକେଟରୁ ଦୂରେଇ ରହିଥିଲେ ମହେନ୍ଦ୍ର ସିଂ ଧୋନୀ ଏବଂ ସାଥୀ ଖେଳାଳି ସୁରେଶ ରାଇନା। ନିଜ ତରଫରୁ ସୋସିଆଲ ମେଡିଆ ଇନ୍‌ଷ୍ଟାଗ୍ରାମରେ ନିଜ ନିଜର ଅବସର ଘୋଷଣା କରିବା ପରେ କ୍ରିକେଟ ଜଗତ ସ୍ତବ୍ଧ ହୋଇଯାଇଛି।

କ୍ୟାପ୍ଟେନ କୁଲ୍ ନାମରେ ପରିଚିତ ଥିବା ଧୋନୀ ପୂର୍ବରୁ ଟେଷ୍ଟ ମ୍ୟାଚରୁ ଅବସର ନେଇ ସାରିଥିଲେ । ସେ ଟି୨୦ ବିଶ୍ୱକପ ପର୍ଯ୍ୟନ୍ତ ତାଙ୍କର ଖେଳ ଅବ୍ୟାହତ ରଖିବେ ବୋଲି ଆଶା କରାଯାଉଥିଲା। ମାତ୍ର କରୋନା ମହାମାରୀ ସମସ୍ତ ଯୋଜନାକୁ ବିଗାଡି ଦେଇଥିଲା। ବିଶ୍ୱର ଜଣେ ଶ୍ରେଷ୍ଠ ମ୍ୟାଚ ଫିନିଶର ରୂପେ ଜଣାଥିବା ଧୋନୀ ଆଇପିଏଲ୍ ଖେଳିବା ଅବ୍ୟାହତ ରଖିବେ।

ଭାରତକୁ ୩ଟି ଫର୍ମାଟରେ ବିଶ୍ୱ ବିଜୟୀ କରାଇବାରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଧୋନୀ ୨୦୧୯ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ମୋଟ ଉପରେ ୩୩୨ଟି ଅନ୍ତର୍ଜାତୀୟ ମ୍ୟାଚରେ ଅଧିନାୟକତ୍ୱ କରି ଅଷ୍ଟ୍ରେଲିଆର ରିକି ପଣ୍ଟିଂଙ୍କୁ ପଛରେ ପକାଇଥିଲେ। ସେଥିମଧ୍ୟରୁ ଟେଷ୍ଟ ମ୍ୟାଚରେ ୬୦ଟି ମ୍ୟାଚ, ଦିନିକିଆରେ ୨୦୦ଟି ମ୍ୟାଚ ଏବଂ ଟି୨୦ରେ ୭୨ଟି ମ୍ୟାଚରେ ନେତୃତ୍ୱ ନେଇ ସେ ବିଶ୍ୱରେକର୍ଡ କରିଛନ୍ତି। ଟେଷ୍ଟ ମ୍ୟାଚରେ ତାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ସର୍ବାଧିକ ୨୭ଟି ମ୍ୟାଚ ଜିତିଛି। ସେହିପରି ଦିନିକିଆରେ ୧୧୦ ଏବଂ ୪୧ଟି ଟି୨୦ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। କ୍ରିକେଟର ୩ଟି ଫର୍ମାଟରେ ଭାରତକୁ ବିଶ୍ୱ ଚାମ୍ପିୟନ କରାଇବାରେ ତାଙ୍କର ଯଥେଷ୍ଟ ଭୂମିକା ରହିଛି। ତାଙ୍କ ନେତୃତ୍ୱରେ ଭାରତ ୨୦୦୭ ଟି୨୦ ବିଶ୍ୱକପରେ ଚାମ୍ପିୟନ ହୋଇଥିଲା। ସେହିପରି ୨୦୧୧ ଦିନିକିଆ ବିଶ୍ୱକପରେ ଚାମ୍ପିୟନ ସହ ଭାରତ ତାଙ୍କ ନେତୃତ୍ୱରେ ୨୦୧୩ରେ ଚାମ୍ପିୟନ୍‌ସ ଟ୍ରଫିରେ ମଧ୍ୟ ଟାଇଟଲ ଜିତିଥିଲା। ତାଙ୍କ ନେତୃତ୍ୱରେ ୬ଟି ମଲ୍‌ଟିନେଶନ୍ ଓଡିଆଇ ସିରିଜରୁ ଭାରତ ୪ଟିରେ ବିଜୟୀ ହେବାର ରେକର୍ଡ ରହିଛି। ଦିନିକିଆ ଫର୍ମାଟ୍‌ରେ ୮୪ଟି ମ୍ୟାଚରେ ଅପରାଜିତ ରହିବା ତାଙ୍କ ବ୍ୟାଟିଂ ଦକ୍ଷତାର ପରିଚୟ ଦିଏ। ଅଷ୍ଟ୍ରେଲିଆ ବିପକ୍ଷରେ ଉଇକେଟ ପଛରେ ୦.୦୮ ସେକେଣ୍ଡରେ ଷ୍ଟମ୍ପିକରି ସେ ବିଶ୍ୱରେକର୍ଡ ସ୍ଥାପନ କରିଥିଲେ।

କ୍ରିକେଟର ୩ଟି ଫର୍ମାଟରେ ୫୦ଟି ମ୍ୟାଚରୁ ଅଧିକ ମ୍ୟାଚରେ ଅଧିନାୟକ ହେବା ତାଙ୍କ ଦକ୍ଷତାର ପରିଚୟ ଦିଏ। ୨୦୦୮ରୁ ୨୦୧୯ ମଧ୍ୟରେ ୧୯୦ଟି ଆଇପିଏଲ୍ ମ୍ୟାଚ ଖେଳି ୪୨.୨ ଆଭରେଜରେ ୪୪୩୨ ରନ୍ ସଂଗ୍ରହ କରିଛନ୍ତି।

ଟେଷ୍ଟ ଏବଂ ଟି୨୦ ଅପେକ୍ଷା ତାଙ୍କର ଏକଦିବସୀୟ ରେକର୍ଡ ଅପେକ୍ଷାକୃତ୍ ଭଲ ରହିଛି। ଦିନିକିଆ ଫର୍ମାଟ୍‌ରେ ସେ ସର୍ବାଧିକ ୬୨ଥର ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଲାଭ କରି ରେକର୍ଡ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଓଡିଆଇ ପ୍ଲେୟାର ଅଫ ଦି ଇୟର ରୂପେ ସେ ୨୦୦୮ ଏବଂ ୨୦୦୯ରେ ମନୋନୀତ ହେବା ପରେ ଭାରତ ସରକାରଙ୍କ ପକ୍ଷରୁ ୪ର୍ଥ ସର୍ବଶ୍ରେଷ୍ଠ ନାଗରିକ ପୁରସ୍କାର ପଦ୍ମଶ୍ରୀ ୨୦୦୯ରେ ମଧ୍ୟ ପାଇଥିଲେ। ଧୋନୀ ୨୦୦୭-୦୮ରେ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇବା ପରେ ୨୦୧୮ରେ ପଦ୍ମ ବିଭୂଷଣ ପୁରସ୍କାର ହାସଲ କରିଥିଲେ। ଭାରତକୁ ଏସିଆ କପରେ ୨୦୧୦ ଏବଂ ୨୦୧୬ରେ ବିଜୟୀ କରାଇବାରେ ତାଙ୍କ ଭୂମିକା ଅତୁଳନୀୟ ରହିଥିଲା। ଦିନିକିଆରେ ପ୍ରଥମ ଭାରତୀୟ ରୂପେ ୨୦୦ଛକା ମାରି ରେକର୍ଡ କରିଛନ୍ତି। ଉଇକେଟ କିପର ରୂପେ ଶ୍ରୀଲଙ୍କା ବିପକ୍ଷରେ ୧୮୩ ନଟଆଉଟ ତାଙ୍କର ଅନ୍ୟତମ ବିଶ୍ୱରେକର୍ଡ।

ଅଷ୍ଟ୍ରେଲିଆ ବିପକ୍ଷରେ ୨୨୪ରନ୍ ତାଙ୍କର ଟେଷ୍ଟ କ୍ରିକେଟରେ ସର୍ବାଧିକ ସ୍କୋର। ସମସ୍ତ ଫର୍ମାଟରେ ସେ ୧୭,୨୧୬ରନ୍ କରିଥିବା ଏବଂ ୧୬ଟି ଶତକ ସହିତ ୧୩୦ଟି ଅର୍ଦ୍ଧଶତକ କରିଥିବା ଏହି ମହାନ୍ କ୍ରିକେଟର ସୌରଭ ଗାଙ୍ଗୁଲିଙ୍କ ପରି ଭାରତୀୟ କ୍ରିକେଟକୁ ଏକ ନୂତନ ସୋପାନରେ ପହଞ୍ଚାଇଥିଲେ। ତାଙ୍କ ନେତୃତ୍ୱରେ ଭାରତ ଅନେକଗୁଡିଏ ଟେଷ୍ଟ ଏବଂ ଏକଦିବସୀୟ ସିରିଜ ବିଦେଶ ମାଟିରେ ବିଜୟୀ ହେବା ସହିତ ଆଇସିସି ଟେଷ୍ଟ ର୍‌ୟାଙ୍କିଙ୍ଗରେ ମଧ୍ୟ ବହୁଦିନ ଧରି ୧ନଂ ସ୍ଥାନରେ ରହିଥିଲା। ନିଜର ହେଲିକପ୍ଟର ଶଟ୍ ପାଇଁ ବିଶ୍ୱବିଦିତ ହୋଇଥିବା ଏହି ମହାନ୍ ଖେଳାଳିଙ୍କ ଅବସର ପରେ ଭାରତୀୟ କ୍ରିକେଟର ମହାନ୍ କ୍ଷତି ଘଟିଛି। ଏହି ଶୂନ୍ୟସ୍ଥାନ ନିଶ୍ଚୟ ଅପୂରଣୀୟ ରହିବ।

ବାରବାଟୀ ଷ୍ଟାଡିୟମକୁ ସବୁବେଳେ ପସନ୍ଦ କରୁଥିବା ଧୋନୀ ଏଠାରେ ୩ଟି ମ୍ୟାଚ ଖେଳି ୧୯୦ ରନ୍ ସଂଗ୍ରହ କରିଛନ୍ତି। ଝାଡଖଣ୍ଡ ପକ୍ଷରୁ ଖେଳୁଥିବା ସମୟରେ ଓଡ଼ିଶାରେ ଅନେକ କ୍ଲବ କ୍ରିକେଟ୍ ଖେଳିବା ପାଇଁ ସେ ବାରମ୍ବାର ଆସିଛନ୍ତି, ଯାହା କି ଓଡ଼ିଶା ପ୍ରତି ତାଙ୍କର ଭଲପାଇବାକୁ ମନେପକାଇ ଦିଏ। ବୋରାସମ୍ବର କପ୍ ଏବଂ ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ୍ ଦ୍ୱାରା ଆୟୋଜିତ ସର୍ବଭାରତୀୟ ଟୁର୍ନାମେଣ୍ଟରେ ମ୍ୟାଚ ଖେଳିବା ସହିତ କଟକର ନିମ୍‌ପୁରଠାରେ ଏକ କ୍ରିକେଟ୍ ଏକାଡେମୀ ସ୍ଥାପନା କରି ବେଶ୍ ଚର୍ଚ୍ଚାରେ ରହିଥିଲେ।

## ଟିକେଟ କଲେକ୍ଟରରୁ କ୍ରିକେଟ ଆଇକନ୍

ଏକ ମଧ୍ୟବିତ୍ତ ପରିବାରରୁ ଆସିଥିବା ଧୋନୀ କ୍ରିକେଟର ହେବା ପୂର୍ବରୁ ପଶ୍ଚିମବଙ୍ଗର ଖଡ଼ଗ୍‌ପୁର ଷ୍ଟେସନ୍‌ରେ ଟିକେଟ କଲେକ୍ଟର ଭାବେ ଚାକିରି କରୁଥିଲେ। ନିଜ ପ୍ରତିଭା, ଦକ୍ଷତା ଓ ଅଧ୍ୟବସାୟ ବଳରେ ସେ ଏକଦା ଭାରତୀୟ କ୍ରିକେଟର ପୋଷ୍ଟର ବୟ ବନିଯାଇଥିଲେ। ୨୦୧୪ରେ ସେ ଟେଷ୍ଟ କ୍ରିକେଟରୁ ଅବସର ନେଇ ସମସ୍ତଙ୍କୁ ଚକିତ କରିଥିଲେ। ୬୦ ମ୍ୟାଚ୍‌ର ନେତୃତ୍ୱ ନେଇ ସେ ଭାରତକୁ ସର୍ବାଧିକ ୨୭ଟି ଟେଷ୍ଟରେ ବିଜୟୀ କରାଇ ରେକର୍ଡ କରିଥିଲେ। ନିଜ ହେଲକପ୍ଟର ଶଟ୍ ପାଇଁ ଜଣାଥିବା ଧୋନୀ ବିଜୟ ଓ ପରାଜୟରେ ଜଣେ ସ୍ଥିତପ୍ରଜ୍ଞ ଭଳି ଆଦୌ ଭାବପ୍ରବଣ ହୋଇ ନ ଥାନ୍ତି। ଏହା ତାଙ୍କ ଅସାଧାରଣ ବ୍ୟକ୍ତିତ୍ୱର ବିଶେଷ ଗୁଣ ଥିଲା।

### ଟେଷ୍ଟ କ୍ୟାରିୟର
ମ୍ୟାଚ୍: ୯୦
ଇନିଂସ: ୧୪୪
ରନ: ୪୮୭୬
ଆଭରେଜ: ୩୮.୦୯
ସର୍ବାଧିକ: ୨୨୪
ଅର୍ଦ୍ଧଶତକ: ୩୩
ଶତକ: ୬
କ୍ୟାଚ୍: ୨୫୬
ଷ୍ଟମ୍ପିଂ: ୩୮

### ଦିନିକିଆ କ୍ୟାରିୟର
ମ୍ୟାଚ୍: ୩୫୦
ଇନିଂସ: ୨୯୭
ରନ:୧୦,୭୭୩
ସର୍ବାଧିକ: ୧୮୩
ଆଭରେଜ: ୫୦.୫୭
ଅର୍ଦ୍ଧଶତକ: ୭୩
ଶତକ: ୧୦
କ୍ୟାଚ୍: ୩୨୧
ଷ୍ଟମ୍ପିଂ: ୧୨୩

### ଟି୨୦ କ୍ୟାରିୟର
ମ୍ୟାଚ୍: ୯୮
ଇନିଂସ: ୮୫
ରନ:୧୬୧୭
ସର୍ବାଧିକ: ୫୬
ଆଭରେଜ: ୩୭.୬୦
ଅର୍ଦ୍ଧଶତକ: ୨
ଶତକ: ୦
କ୍ୟାଚ୍: ୫୭
ଷ୍ଟମ୍ପିଂ: ୩୪

# ଦୁର୍ଦ୍ଦିନରେ ସଚିନ, କୋହଲିଙ୍କ ବ୍ୟାଟ୍ ପ୍ରସ୍ତୁତକାରୀ

ନୂଆଦିଲ୍ଲୀ,୨୦।୮

କେତେକ ଭାରତୀୟ ତାରକା କ୍ରିକେଟରଙ୍କ ପାଇଁ ବ୍ୟାଟ ତିଆରି କରିଥିବା ବ୍ୟକ୍ତି ଏବେ ଦୁର୍ଦ୍ଦିନରେ ଗତି କରୁଛନ୍ତି। ସେ ହେଉଛନ୍ତି ଆଶ୍ରଫ୍ ଚୌଧୁରୀ। କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକର ଓ ଅଧିନାୟକ ବିରାଟ କୋହଲିଙ୍କ ପାଇଁ ବ୍ୟାଟ ତିଆରି କରିଥିବା ଆଶ୍ରଫ୍ ଅଷ୍ଟ୍ରେଲିଆ ପୂର୍ବତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍, ଦକ୍ଷିଣ ଆଫ୍ରିକାର ଫାଫ୍ ଡୁପ୍ଲେସି ଓ ୱେଷ୍ଟଇଣ୍ଡିଜ୍ ଧୂଆଁଧାର ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ ଏବଂ କିରନ ପୋଲାର୍ଡଙ୍କ ବ୍ୟାଟ୍ ମରାମତି କରିଛନ୍ତି। ସେ ବ୍ୟାଟ୍ସମ୍ୟାନଙ୍କ ସପୋର୍ଟ ଷ୍ଟାଫ୍ ବିବେଚିତ ହେଉଥିଲେ। ଭଙ୍ଗା ବ୍ୟାଟ୍‌କୁ ସଜାଡିବା ସହ ତାହାକୁ ପୁଣିଥରେ ଖେଳିବା ପାଇଁ ସମ୍ପୂର୍ଣ୍ଣ ରୂପେ ଠିକ୍ କରୁଥିଲେ। ବ୍ୟାଟ୍ସମ୍ୟାନଙ୍କ ସୁବିଧା ଅନୁଯାୟୀ ସେ ବ୍ୟାଟ୍‌ଗୁଡିକର ଓଜନ କମାଇବା ସହ ହ୍ୟାଣ୍ଡଲର ମୋଟେଇ ଓ ଲମ୍ବ କମାଇ ଆଶ୍ରଫ୍ ବେଶ୍ ପ୍ରଶଂସା ସାଉଁଟିଥିଲେ।

ମୁମ୍ବାଇର ମେଟ୍ରୋ ସିନେମା ଆଗରେ ଆଶ୍ରଫ୍‌ଙ୍କ ସ୍ପୋର୍ଟ୍ସଗୁଡ୍ ଦୋକାନ ରହିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଓ ଅନ୍ତର୍ଜାତୀୟ ମ୍ୟାଚ୍ ଅବସରରେ ଆଶ୍ରଫ୍ ଏକ ବଡ଼ କ୍ରିକେଟ କିଟ୍ ବ୍ୟାଗ୍ କାନ୍ଧରେ ପକାଇ ନିଜର ଉପସ୍ଥିତି ଜାହିର କରିଥାନ୍ତି। ଏହି କିଟ୍ ବ୍ୟାଗ୍‌ରେ ଏକାଧିକ ବ୍ୟାଟ୍ ଓ ବ୍ୟାଟ୍ ଗ୍ରିପ୍ସ ଦେଖିବାକୁ ମିଳିଥାଏ। ଗତ କେତେ ସପ୍ତାହରେ ଆଶ୍ରଫ୍ ଅସୁସ୍ଥ ହୋଇପଡିବାରୁ ସବରବନ ମୁମ୍ବାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ସେ କୋଭିଡ୍-୧୯ ସଂକ୍ରମଣର ଶିକାର ହୋଇ ନାହାନ୍ତି। କିଡ୍‌ନୀ ଷ୍ଟୋନ୍ ଓ ଅନ୍ୟ କେତେକ ରୋଗର ସେ ଶିକାର ହୋଇଛନ୍ତି। ଆଶ୍ରଫ୍‌ଙ୍କୁ ଗତ ୧୫ ବର୍ଷ ଧରି ଜାଣିଥିବା ପ୍ରଶାନ୍ତ ଜେଠମାଳିନୀ ନାମକ ଜଣେ ତାଙ୍କର ଶୁଭଚିନ୍ତକ ତାଙ୍କ ଚିକିତ୍ସା ପାଇଁ ପାଣ୍ଠି ସଂଗ୍ରହ କରିବା ନେଇ ପ୍ରୟାସ ଜାରି ରଖିଛନ୍ତି। ଆଶ୍ରଫ୍‌ଙ୍କ ଅବସ୍ଥା ଏବେ ଭଲ ନାହିଁ। ତାଙ୍କର କିଡ୍‌ନୀ ଷ୍ଟୋନ୍ ଜନିତ କେତେକ ସମସ୍ୟା ରହିଛି। କୋଭିଡ୍-୧୯ ପାଇଁ ଜାରି ହୋଇଥିବା ଲକ୍‌ଡାଉନ୍ ଫଳରେ କ୍ରିକେଟ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି ଓ ତାଙ୍କର ବ୍ୟବସାୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ତାଙ୍କ ପାଖରେ ଯାହା ଅର୍ଥ ଥିଲା ତାହା ଶେଷ ହୋଇଛି ବୋଲି ଜେଠମାଳିନୀ କହିଛନ୍ତି। ଆମେ ୨ ଲକ୍ଷ ଟଙ୍କା ଯୋଗାଡ କରିଛୁ। ତେବେ ଭବିଷ୍ୟତ ପାଇଁ ଆଉ କିଛି ଅର୍ଥର ଆବଶ୍ୟକତା ରହିଛି। ୧୯୨୦ ତାଙ୍କ ପରିବାର ତାଙ୍କ ପରିବାର ମୁମ୍ବାଇରେ ରହିଆସୁଛନ୍ତି। ସେବେଠାରୁ ଏମ୍. ଆଶ୍ରଫ୍ ବ୍ରୋଜ୍ ନାମକ ଏକ ଛୋଟ ଦୋକାନର ମାଲିକ ଭାବେ ସେ ବ୍ୟବସାୟ କରିଆସୁଛନ୍ତି। ଲକ୍‌ଡାଉନ୍ କାରଣରୁ ବ୍ୟବସାୟ ପ୍ରଭାବିତ ହୋଇଥିଲା। ଦୁଇମାସ ତଳେ ବଡ଼ଭାଇଙ୍କ ପରଲୋକ ହେବା ଫଳରେ ପରିସ୍ଥିତି ଆହୁରି ଖରାପ ହୋଇଛି। ଆଶ୍ରଫ ବିନା ମୂଲ୍ୟରେ ବହୁ ଖେଳାଳିଙ୍କୁ ସାହାଯ୍ୟ କରିଥିଲେ। ୨୦୧୬ରେ ମୁମ୍ବାଇରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍ ଖେଳାଯାଇଥିଲା। ସମ୍ପୂର୍ଣ୍ଣ ୱେଷ୍ଟଇଣ୍ଡିଜ ଦଳକୁ ଆଶ୍ରଫ୍ ୧୬ଟି ବ୍ୟାଟ୍ ପ୍ରଦାନ କରିଥିଲେ। ସେତେବେଳେ ଅର୍ଥ ପାଇଁ ୱେଷ୍ଟଇଣ୍ଡିଜ ବୋର୍ଡ ଓ ଖେଳାଳିଙ୍କ ମଧ୍ୟ ମତପାର୍ଥକ୍ୟ ଦେଖାଦେଇଥିଲା। ସେ ଏହାକୁ ହୃଦୟଙ୍ଗମ କରି ବ୍ୟାଟ୍ ଡୋନେଟ୍ କରିବାକୁ ନିଷ୍ପତ୍ତି ନେଇଥିଲେ।

ଏବେ କ୍ରିକେଟ ଖେଳାଯାଉନି। ତେଣୁ ଆଉ କେହି ବ୍ୟାଟ୍ ଖୋଜୁନାହାନ୍ତି। ତେଣୁ ଆଶ୍ରଫ୍‌ଙ୍କ ପାଖରେ ଆଉ କାମ ନାହିଁ। କିନ୍ତୁ ଏପର୍ଯ୍ୟନ୍ତ କାହାଠାରୁ ସାହାଯ୍ୟ ମାଗି ନାହାନ୍ତି। ତାଙ୍କଠାରୁ ସାହାଯ୍ୟ ପାଇଥିବା କ୍ରିକେଟରମାନେ ତାଙ୍କର ଏହି ଦୁର୍ଦ୍ଦିନରେ ସାହାଯ୍ୟ କରିବାକୁ ଆଗେଇ ଆସିବା ଦରକାର ବୋଲି ଜେଠମାଳିନୀ କହିଛନ୍ତି।




ଆଶ୍ରଫ୍ ଚୌଧୁରୀ

# ଜାତୀୟ କ୍ରୀଡ଼ା ପୁରସ୍କାର ରାଶି ବଢ଼ିବ

ନୂଆଦିଲ୍ଲୀ, ୨୦।୮(ପି.ଟି.)

କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଜାତୀୟ କ୍ରୀଡ଼ା ପୁରସ୍କାର ରାଶିକୁ ବହୁ ପରିମାଣରେ ବଢ଼ାଇବାକୁ ଯୋଜନା କରୁଛି। ଯଦି ଏହା ଅନୁମୋଦନଲାଭ କରେ ତେବେ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ବିଜେତା ୨୫ ଲକ୍ଷ ଏବଂ ଅର୍ଜୁନ ପୁରସ୍କାର ପ୍ରାପ୍ତ ଆଥଲେଟ୍ ୧୫ ଲକ୍ଷ ଟଙ୍କା ଲେଖାଏ ପାଇବେ। ବର୍ତ୍ତମାନ ଖେଳରତ୍ନ ପାଇଁ ୭.୫ ଲକ୍ଷ ଏବଂ ଅର୍ଜୁନ ପୁରସ୍କାର ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଏ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା କରିବେ। ଧ୍ୟାନଚାନ୍ଦ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ମଧ ରାଶି ୫ ଲକ୍ଷରୁ ୧୫ ଲକ୍ଷକୁ ବୃଦ୍ଧି ପାଇବା ଯୋଜନା ରହିଛି। ଏଥର ୫ ଜଣ ଖେଳରତ୍ନ, ୨୯ ଆଥଲେଟ୍ ଅର୍ଜୁନ, ୧୩ କୋଚ୍ ଦ୍ରୋଣାଚାର୍ଯ୍ୟ ଏବଂ ୧୫ ଜଣ ଧ୍ୟାନଚାନ୍ଦ ପୁରସ୍କାର ପାଇବାକୁ ଶର୍ଟଲିଷ୍ଟ ହୋଇଛନ୍ତି। ଏହା କ୍ରୀଡ଼ାମନ୍ତ୍ରୀଙ୍କ ଅନୁମୋଦନ ଅପେକ୍ଷାରେ ରହିଛି।

# 'ପଦକ ବିଜେତା ଚିହ୍ନଟ ମୂଳ ଲକ୍ଷ୍ୟ'

ଭୁବନେଶ୍ୱର,୨୦।୮(ସ୍ପୋର୍ଟ୍ସ ବ୍ୟୁରୋ)

ପ୍ରତିଭା ଚିହ୍ନଟ ଓ ବିକାଶରେ ସ୍ଥାନୀୟ ରିଲାଏନ୍ସ ଫାଉଣ୍ଡେଶନ ଓଡ଼ିଶା ଆଥଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ଦୃଷ୍ଟାନ୍ତମୂଳକ ଭୂମିକା ଗ୍ରହଣ କରିଛି। ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଏହି ଏଚ୍‌ପିସି ତା'ର କାର୍ଯ୍ୟ ଆରମ୍ଭ କରିଛି ଓ ଉତ୍ସାହଜନକ ଫଳ ମଧ ପାଇଛି। ଏଠାରେ ପ୍ରଶିକ୍ଷଣ ନେଇଥିବା ଆଥଲେଟ୍‌ମାନେ ଜାତୀୟସ୍ତର ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ୨୦୧୯ ନଭେମ୍ବରରେ ବିଜୟୱାଡ଼ାରେ ଅନୁଷ୍ଠିତ ଜୁନିୟର ଜାତୀୟ ଚାମ୍ପିୟନଶିପ୍‌ରେ ଖେଳାଳିମାନେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ସେହିପରି ଏହାର ଗୋଟିଏ ମାସ ପରେ କଟକରେ ଅନୁଷ୍ଠିତ ଓଡ଼ିଶା ଷ୍ଟେଟ୍ ଚାମ୍ପିୟନଶିପ୍‌ରେ ଆଥଲେଟମାନେ ୧୦ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୭ ବ୍ରୋଞ୍ଜ୍ ପଦକ ସହ ମୋଟ୍ ୨୫ ପଦକ ହାସଲ କରିଥିଲେ। ସେହିପରି ୨୦୨୦ ଜାନୁୟାରୀରେ ମୁମ୍ବାଇରେ ଅନୁଷ୍ଠିତ ରିଲାଏନ୍ସ ଫାଉଣ୍ଡେଶନ ୟୁଥ ସ୍ପୋର୍ଟ୍ସ (ଆଇଏଫ୍‌ୱାଇଏସ୍) ଜାତୀୟ ଚାମ୍ପିୟନଶିପ୍‌ରେ ଏଚ୍‌ପିସିର ଏହି ଖେଳାଳିମାନେ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୬ ବ୍ରୋଞ୍ଜ୍ ପଦକ ସହ ୧୩ ପଦକ ହାସଲ କରିଥିଲେ।

ରିଲାଏନ୍ସ ଫାଉଣ୍ଡେଶନ ଓ ଓଡ଼ିଶା ସରକାରଙ୍କ ଉଦ୍ୟମ ରୂପେ ଏହି ଏଚ୍‌ପିସି ସ୍ଥାପନ ହୋଇଛି। ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ଘରୋଇ ଆଥଲେଟ ସୃଷ୍ଟି କରିବା ଲକ୍ଷ୍ୟରେ ୨୦୧୮ରେ ଏହି ଦୁଇ ପକ୍ଷ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ୨୦୨୬ ୟୁଥ ଅଲିମ୍ପିକ୍ସ ଓ ୨୦୩୨ ଅଲିମ୍ପିକ୍ସରେ ପଦକ ବିଜେତା ସୃଷ୍ଟି କରିବା ଏଚ୍‌ପିସିର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟ କୋଚ୍ ଜେମ୍ସ ହିଲିଏର କହିଛନ୍ତି।



ଜେମ୍ସ ହିଲିଏର

ଆଥଲେଟ୍‌ଙ୍କ ଉନ୍ନତିକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯିବ। ଏଚ୍‌ପିସିକୁ ଏସିଆର ଏକ ଶ୍ରେଷ୍ଠ ଅଭିନବ ହାଇ ପରଫର୍ମାନ୍ସ ଆଥଲେଟିକ ସେଣ୍ଟରରେ ପରିଚିତ କରିବା ପାଇଁ ଆମେ କାର୍ଯ୍ୟ ଜାରି ରଖିଛୁ ବୋଲି ସେ କହିଛନ୍ତି। ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ ଓ ବିକାଶ ଏବଂ ଆଥଲେଟମାନଙ୍କ ଦକ୍ଷତାର ଶତପ୍ରତିଶତ ବୃଦ୍ଧି ପାଇଁ ଏଚ୍‌ପିସି ଏକ ଉଚ୍ଚକୋଟୀର ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ଗୁରୁତ୍ୱ ଦେବ। ପ୍ରତିଭା ଚିହ୍ନଟ ପ୍ରକ୍ରିୟା ପାଇଁ ୨୦୧୯-୨୦ରେ ୩୦,୦୦୦ ଆଥଲେଟ ରିଲାଏନ୍ସ ଫାଉଣ୍ଡେଶନ ୟୁଥ୍ ସ୍ପୋର୍ଟ୍ସରେ ଅଂଶଗ୍ରହଣ କରିଥିଲେ। ଭବିଷ୍ୟତରେ ଘରୋଇ ମାଟିରୁ ଅଲିମ୍ପିକ୍ ମେଡାଲିଷ୍ଟ ତଥା ବିଜେତା ସୃଷ୍ଟି କରିବା ଆମର ଲକ୍ଷ୍ୟ ରହିଛି। ଏଥିପାଇଁ ଖେଳାଳିମାନଙ୍କୁ ଶାରୀରିକ, ମାନସିକ ଓ ମନସ୍ତାତ୍ତ୍ୱିକ ଟ୍ରେନିଂ ଦିଆଯିବ।

ଏଚ୍‌ପିସି ମନିଟରିଂ କୋହର୍ଟ ଓ ଏକାଡେମୀ ମଧ୍ୟରେ ତାଙ୍କ ପ୍ରକ୍ରିୟା ତଥା କାର୍ଯ୍ୟକମକୁ ଭାଗ କରିଛି। ମନିଟରିଂ କୋହର୍ଟରେ ୧୩ରୁ ୧୭ ବର୍ଷ ମଧ୍ୟରେ ଆଥଲେଟଙ୍କୁ ସାମିଲ ହେବେ। ୫ ବର୍ଷ ମଧ୍ୟରେ ଏମାନେ ଯେପରି ଜାତୀୟସ୍ତରରେ ପଦକ ଜିତିବେ ସେ ନେଇ ପ୍ରାଧାନ୍ୟ ଦିଆଯିବ। ରଜ୍ୟରେ ଏପରି ୨୦ ଆଥଲେଟ୍ ଏଥିରେ ସାମିଲ ହୋଇଛନ୍ତି ଓ ଏମାନେ ଭୁବନେଶ୍ୱର ଷ୍ଟେଟ୍ ସ୍ପୋର୍ଟ୍ସ ହଷ୍ଟେଲରେ ରହୁଛନ୍ତି।

ସେହିପିର ଏକାଡେମୀରେ ୧୬ ବର୍ଷ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ ଆଥଲେଟମାନେ ସାମିଲ ହେବେ। ସେମାନେ ୨ ବର୍ଷ ମଧ୍ୟରେ ଜାତୀୟସ୍ତରରେ କିପରି ପଦକ ଜିତିବେ ସେମାନଙ୍କୁ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ଭଳି ୭ଜଣ ଆଥଲେଟ୍ ଏଚ୍‌ପିସି ଏକାଡେମୀରେ ସାମିଲ ରହିଛନ୍ତି ଓ ଏମାନେ କଳିଙ୍ଗ ଷ୍ଟାଡିୟମରେ ରହୁଛନ୍ତି। ଗତ ଫେବୃୟାରୀରେ ଅନୁଷ୍ଠିତ ଟ୍ରାଏଲ ପରେ ଏପରି ୯ ଜଣ ଆଥଲେଟ(ଏକାଡେମୀରୁ ୨ ଓ ମନିଟରିଂ କୋହର୍ଟରୁ ୭)ଙ୍କୁ ମଧ ଚିହ୍ନଟ କରାଯାଇଛି।

ଓଡ଼ିଶାରେ ଏକ ଉଚ୍ଚକୋଟୀର ସ୍ପୋର୍ଟ୍ସ ସିଷ୍ଟମ୍‌ର ମୂଳଦୁଆ ରହିଛି ବୋଲି ହିଲିଏର କହିଛନ୍ତି। କ୍ରୀଡ଼ାର ଉନ୍ନତି ପାଇଁ ସରକାର ମଧ୍ୟ ଚେଷ୍ଟିତ ରହିଛନ୍ତି। ଏବେ ଏଚ୍‌ପିସିରେ ସ୍ପ୍ରିଣ୍ଟ୍ସ, ହର୍ଡଲ୍ସ ଓ ମିଡଲ ଡିଷ୍ଟାନ୍ସ ରନିଂ ଉପରେ ଧ୍ୟାନ ଦିଆଯିବ। ଏହାପରେ ଜମ୍ପ ଓ ଥ୍ରୋ ପ୍ରୋଗ୍ରାମକୁ ସାମିଲ କରାଯିବ ବୋଲି ସେ କହିଛନ୍ତି। ଏହି ଏଚ୍‌ପିସିରୁ ସବିତା ଟୋପ୍ପୋଙ୍କ ଭଳି ମହିଳା ଆଥଲେଟଙ୍କର ବିକାଶ ହୋଇଛି। ତାଙ୍କୁ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲରୁ ଚିହ୍ନଟ କରାଯାଇଥିଲା। ସେ ଜାତୀୟ ଚାମ୍ପିୟନଶିପ୍‌ର ୧୬ବର୍ଷରୁ କମ୍ ବିଭାଗରେ ପେଣ୍ଟାଥଲନରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଓ ଅନ୍ତର୍ଜାତୀୟ ରେକର୍ଡ ଭାଙ୍ଗିଥିଲେ। ସେହିପରି ରାଜେନ୍ଦ୍ର ସାହୁ ୧୪ ବର୍ଷରୁ କମ୍ ବିଭାଗରେ ପେଣ୍ଟାଥଲନ ଓ ଲଙ୍ଗଜମ୍ପରେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ୍ ପଦକ ଜିତିଥିଲେ। ରାଜ୍ୟରୁ ନୂଆ ପିଢିର ତାରକା ସୃଷ୍ଟି କରିବା ଆମର ଲକ୍ଷ୍ୟ।

## ୨ ପଞ୍ଚାୟତ ଶଟ୍‌ଡାଉନ

ନରାଜ,(ଡି.ଏନ୍.ଏ.): କଟକ ଜିଲା ଡମପଡା ବ୍ଲକ ଅନ୍ତର୍ଗତ ବାଆଁରା ପଞ୍ଚାୟତକୁ ସରପଞ୍ଚ ଦିଲୀପ କୁମାର ଦାସ ଗୁରୁବାର ଶଟ୍‌ଡାଉନ ଘୋଷଣା କରିଛନ୍ତି । ଶୁକ୍ରବାର ରାତି ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ସେ କହିଛନ୍ତି। ବାଆଁରା ଓ କୁଆମଡା ଗ୍ରାମରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ପରେ ସେ ପଞ୍ଚାୟତକୁ ଶଟ୍‌ଡାଉନ୍ କରିଛନ୍ତି। ସେହିପରି ବାରଙ୍ଗ ବ୍ଲକ ଅନ୍ତର୍ଗତ ରାମଦାସପୁର ପଞ୍ଚାୟତକୁ ସରପଞ୍ଚ ନବିନ ମଲ୍ଲିକ ୩୬ ଘଣ୍ଟା ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ପଞ୍ଚାୟତରୁ ୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି।

# ରାଜଧାନୀରେ ପୁଣି ୩୧୯ ପଜିଟିଭ, ୧୧୩ ସୁସ୍ଥ

ଭୁବନେଶ୍ୱର, ୨୦।୮ (ବ୍ୟୁରୋ)

■ଶହେ ଉପରେ ରହୁଛି ସ୍ଥାନୀୟ ସଂକ୍ରମଣ
■କରୋନା ମୁକାବିଲା ଠିକ୍ ଚାଲିଛି: ବିଏମ୍‌ସି

ରାଜଧାନୀରେ ଲଗାତର ଦ୍ୱିତୀୟ ଦିନରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩ଶହ ପାର ହୋଇଛି। ଗୁରୁବାର ଖୋର୍ଦ୍ଧାରୁ ରାଜ୍ୟର ସର୍ବାଧିକ ୫୨୪ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କେବଳ ଭୁବନେଶ୍ୱରରୁ ୩୧୯ଜଣ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧୭୨ଜଣ ସଙ୍ଗରୋଧରୁ ଚିହ୍ନଟ ହୋଇଥିବାବେଳେ ୧୪୭ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଫଳରେ ସହରରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬୩୯୬ରେ ପହଞ୍ଚିଛି।

ବିଏମ୍‌ସିର ସୂଚନା ମୁତାବକ, ସଙ୍ଗରୋଧରୁ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ମାତ୍ର ୪ ଜଣଙ୍କର ରାଜ୍ୟ ବାହାରର ଗସ୍ତ ବିବରଣୀ ରହିଛି। ଅନ୍ୟ ୧୬୮ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ବୁଦ୍ଧନଗରସ୍ଥିତ ଗୋପବନ୍ଧୁ କଲୋନୀରୁ ୮ଜଣ ମହିଳାଙ୍କ ସମେତ ମୋଟ୍ ୧୨ ଜଣ, ୟୁନିଟ୍-୬ରୁ ୯ ଜଣ, ବରମୁଣ୍ଡା ଏଚ୍‌ବି କଲୋନୀ, ଡୁମଡୁମା ପଞ୍ଚସଖା ନଗର, ଭୋଇ ନଗରସ୍ଥିତ ଏକ ସରକାରୀ କାର୍ଯ୍ୟାଳୟରୁ ୬ଜଣ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ବୁଦ୍ଧେଶ୍ୱରୀ କଲୋନୀରୁ ୫, ପୋଖରୀପୁଟରୁ ୪, ୭ମ ବାଟାଲିଅନ୍‌ରୁ ୪ଜଣ ନୂଆ ଆକ୍ରାନ୍ତ ବାହାରିଛନ୍ତି। ସେହିଭଳି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରୁ ମଞ୍ଚେଶ୍ୱରରୁ ୧୬ ଜଣ, ଭିଏସ୍‌ଏସ୍ ନଗରରୁ ୫, ଏକ ଘରୋଇ ହସ୍ପିଟାଲରୁ ୪, ରାଜମହଲ ଓ ସାଲିଆ ସାହିରୁ ୩ଜଣ ଲେଖା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାବ୍ୟତୀତ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ଜଣେ ଓ ଦୁଇଜଣ ଲେଖାଏ ପଜିଟିଭ୍ ରହିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରରୁ ଆଉ ୧୧୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଫଳରେ ମୋଟ ୩୯୫୩ ଜଣ ସୁସ୍ଥ ହୋଇଥିବାବେଳେ ୩୧ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ଏବେବି ୨୪୦୫ ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

ତେବେ ସ୍ଥାନୀୟ ଆକ୍ରାନ୍ତଙ୍କୁ ନେଇ ଚିନ୍ତା ବଢ଼ିଛି। ଗତ ୧୩ ତାରିଖରୁ ଏଯାବତ୍ ସ୍ଥାନୀୟ ସଂକ୍ରମିତଙ୍କ ସଂଖ୍ୟା ୪ଥର ଶହେ ଉପରେ (୧୦୫, ୧୨୩, ୧୬୬ ଓ ୧୪୭) ଥିବାବେଳେ ୩ଥର ୯୦ ଉପରେ (୯୯, ୯୬ ଓ ୯୪) ରହିଛି। ଏପଟେ ଜିଲା ପ୍ରଶାସନ ଓ ବିଏମ୍‌ସିର ତଥ୍ୟ ମଧ୍ୟରେ ତାଳମେଳ ରହୁନି। କୋଭିଡ୍ ପରିଚାଳନାରେ କ୍ଷେତ୍ରରେ ବିଏମ୍‌ସିର କାର୍ଯ୍ୟପ୍ରଣାଳୀକୁ ନେଇ ଜନସାଧାରଣ ପ୍ରଶ୍ନ କରୁଥିବାବେଳେ ବିଏମ୍‌ସି କମିଶନର ଚୌଧାରୀ ଏହାକୁ ଏଡ଼ାଇ ଯାଇଛନ୍ତି। ସେ କହିଛନ୍ତି, ବିଏମ୍‌ସିର କରୋନା ମୁକାବିଲା ଠିକ୍ ଚାଲିଛି। ଏବେ ଦୈନିକ ପାଖାପାଖି ୩ ହଜାର ଟେଷ୍ଟ ହେଉଥିବାରୁ ଅଧିକ ସଂଖ୍ୟକ ପଜିଟିଭ୍ ବାହାରିବା ସ୍ୱାଭାବିକ୍। ତେବେ ଦୋକାନ ବଜାର ଖୋଲିବା କଟକଣା ହଟାଯାଇଥିବାରୁ କିଛି ସ୍ଥାନରେ ସଂକ୍ରମଣ ବଢ଼ିଥିବା ନଜରକୁ ଆସିଛି। ତେବେ ଚିନ୍ତିତ ନ ହୋଇ ନିୟମ ମାନି ଏକ୍ଷେତ୍ରରେ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ କମିଶନର ଏକଥା କହୁଥିବାବେଳେ କୋଭିଡ୍ ଦାୟିତ୍ୱରେ ରହୁଥିବା ବିଏମ୍‌ସି ଅଧିକାରୀ ଲୋକଙ୍କ ସହ ପରାମର୍ଶ କରୁ ନ ଥିବା ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସୁଛି। ବିଶେଷକରି ସଂକ୍ରମଣର ଅଣ୍ଡୁଡ଼ିଶାଳ ପାଲଟିଥିବା ବିଭିନ୍ନ ବସ୍ତିରେ ଏହାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳୁଛି।



ଦାବାଗ୍ନି ଲୀଳା ନୀତି ଅବସରରେ କୃଷ୍ଣ ବଳରାମ ଓ ଦାବାଗ୍ନି ରାକ୍ଷସ ବେଶଧାରୀ।

## ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା

ପୁରୀ ଅଫିସ,୨୦।୮

ପବିତ୍ର ଭାଦ୍ରବ ଶୁକ୍ଳ ପ୍ରତିପଦା ତିଥିରେ ଗୁରୁବାର ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ଧୂପ ବଢ଼ିବା ପରେ ମଦନମୋହନ ନାଟପା ମନ୍ଦିର ଖଟ ଉପରେ ବିଜେ କରିଥିଲେ। ଏହାପରେ ଠାକୁରଙ୍କ ସମ୍ମୁଖରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ ହୋଇଥିଲା। ଶୀତଳ ଭୋଗ ବନ୍ଦାପନା ପରେ ମଦନମୋହନ ବାହୁଡ଼ା ବିଜେ କରିଥିଲେ। ମାଟିମଣ୍ଡପ ସାହିର ଉତ୍ତର କାଳି ଆଖଡ଼ା ପକ୍ଷରୁ ସୌମ୍ୟ ମହାପାତ୍ର ବଳରାମ, ମହାବୀର ମହାପାତ୍ର କୃଷ୍ଣ ଏବଂ ସୁରେନ୍ଦ୍ର ସ୍ୱାଇଁ ବାବାଜୀ ରାକ୍ଷସ ବେଶଧାରୀ ସାଜି ଏହି ନୀତିରେ ସାମିଲ ହୋଇଥିଲେ। ଶୁକ୍ରବାର ଅନ୍ଧ ଲୀଳା ନୀତି ସମ୍ପନ୍ନ ହେବ। ଦାବାଗ୍ନି ଲୀଳା ସମ୍ପର୍କରେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଦାବାଗ୍ନି ଶବ୍ଦର ଅର୍ଥ ବନ ବହ୍ନି। ଯେତେବେଳେ ଭଗବାନ ଶ୍ରୀକୃଷ୍ଣ କାଳୀୟଦଳନ କଲେ, ସେଦିନ କୌଣସି ଗୋପୀଗୋପାଳ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ନ ଥିଲେ। ସମସ୍ତେ ଯମୁନା ନଦୀ କୂଳରେ ଥିବା ଜଙ୍ଗଲରେ ରହିଯାଇଥିଲେ। ସେହିଦିନି ରାତିରେ ପ୍ରଚଣ୍ଡ ବେଗରେ ଦାବାଗ୍ନି ପ୍ରଜ୍ୱଳିତ ହେଲା। ତାହା ଏତେ ପ୍ରଚଣ୍ଡ ଥିଲା ଯାହାକୁ ଦେବସଖି ନନ୍ଦ, ଯଶୋଦା, ଗୋପୀଗୋପାଳ ସମସ୍ତେ ଭୟଭୀତ ହୋଇପଡ଼ିଥିଲେ। ତେଣୁ ସେମାନେ ଭଗବାନ ଶ୍ରୀକୃଷ୍ଣଙ୍କ ଶରଣ ପଶିଲେ। ଶ୍ରୀକୃଷ୍ଣ ସର୍ବସମ୍ମୁଖରେ ସେହି ଦାବାଗ୍ନିକୁ ଭକ୍ଷଣ କରିଥିଲେ। ଫଳରେ ଜଙ୍ଗଲ ରକ୍ଷା ପାଇଯାଇଥିଲା। ମହାପ୍ରଭୁଙ୍କର ଏହା ଅନ୍ୟ ଏକ ଲୀଳା, ଯାହା ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଛି।

## ସଂକ୍ଷେପରେ

### ଶ୍ରୀମନ୍ଦିର ଚୌହଦୀରୁ ଆଜିଠୁ ପୁଣି ଉଚ୍ଛେଦ

ପୁରୀ ଅଫିସ,୨୦।୮: ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ଥିବା ଜାଗା ଖାଲି କରାଯିବ। ସରକାରଙ୍କ ଏହି ନିଷ୍ପତ୍ତି ପରେ ଗତବର୍ଷ ଅଗଷ୍ଟ ୧୯ରୁ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ମାତ୍ର କରୋନା ପାଇଁ ମାର୍ଚ୍ଚ ୧୫ରୁ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଛି। ଶୁକ୍ରବାରଠାରୁ ପୁଣ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ପ୍ରଶାସନ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଉଚ୍ଛେଦ ପ୍ରକ୍ରିୟା ଚାଲିବ। ତେବେ ଶୁକ୍ରବାର ଗାଣ୍ଡୁଆ ଚଉରା ଛକରେ ଘରୋଇ କୋଠା ଭଙ୍ଗାଯିବ ବୋଲି ଜଣାପଡିଛି। ପୁରୀ ହେବ ବିଶ୍ୱ ଐତିହ୍ୟ ସହର। ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ଏହା ପରିଗଣିତ ହେବ। ଭକ୍ତ, ପର୍ଯ୍ୟଟକଙ୍କୁ ମିଳିବ ଅତ୍ୟାଧୁନିକ ସେବା ସୁବିଧା। ଏଥିପାଇଁ ଭିତ୍ତିଭୂମିର ବିକାଶ, ନୂଆ ବହୁଥାକିଆ ରାସ୍ତା, ସେତୁ, ହ୍ରଦ, ମାର୍କେଟ କମ୍ପ୍ଲେକ୍ସ, ପାର୍କିଂ ଆଦି କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହ ଶ୍ରୀଜଗନ୍ନାଥ ମନ୍ଦିର ଐତିହ୍ୟ କରିଡ଼ର ପ୍ରକଳ୍ପ ମଧ ଏଥିରେ ସାମିଲ ରହିଛି।

### ୩୬ ଘଣ୍ଟା ରତାଗଡ଼ ଶଟ୍‌ଡାଉନ

ବାରଙ୍ଗ,୨୦।୮ (ଡି.ଏନ୍.ଏ.): ବାରଙ୍ଗରେ ଗୁରୁବାର ୧୩ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। କିଛିଦିନ ପୂର୍ବରୁ ଏମାନଙ୍କର ସ୍ୱାବ୍ ଟେଷ୍ଟ ପାଇଁ ଯାଇଥିଲା। ଚିହ୍ନଟଙ୍କ ମଧ୍ୟରେ ପଞ୍ଚୁପାଳ ଗ୍ରାମରୁ ୫ଜଣ, ଦାଢ଼ାପାଟଣାରୁ ୧, ଶ୍ରୀବନ୍ତପୁରରୁ ୧, କୁହ୍ନେଇପଡାରୁ ୧ ଓ ରାମଦାସପୁର ପଞ୍ଚାୟତରୁ ଗୋଟିଏ ପରିବାରର ୫ଜଣ ଥିବା ବିଡିଓ ପ୍ରଭାକର ପଣ୍ଡା କହିଛନ୍ତି। ତେବେ ରାମଦାସପୁର ପଞ୍ଚାୟତର ରତାଗଡ ଲେଙ୍କାସାହିର ଗୋଟିଏ ପରିବାରର ୫ଜଣଙ୍କର ପଜିଟିଭ ଜଣାପଡିବାପରେ ସରପଞ୍ଚ ନବୀନ ମଲ୍ଲିକ ଗ୍ରାମକୁ ୩୬ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହା ଗୁରୁବାର ସନ୍ଧ୍ୟା ୬ଟାରୁ ଶନିବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନିୟମ ବଳବତ୍ତର ରହିବ।

### ୧୪ଦିନ ଚୌଦ୍ୱାର ଇଣ୍ଡିଆନ ବ୍ୟାଙ୍କ ସିଲ୍

ଚୌଦ୍ୱାର,୨୦।୮ (ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକାରେ ପୁଣି ୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରୁ ୧୦ ନମ୍ବର ୱାର୍ଡ ବୈଷ୍ଣୋଦେବୀ କଲୋନୀର ଜଣେ ମହିଳା ଥିବାବେଳେ ଅନ୍ୟଜଣେ ଟେନାମେଣ୍ଟ ଅଞ୍ଚଳର ବ୍ୟାଙ୍କ ଅଧିକାରୀ ବୋଲି ଜଣାପଡ଼ିଛି। ଉଭୟଙ୍କୁ ହୋମ୍ କ୍ୱାରେଣ୍ଟାଇନ୍‌ରେ ରହିବା ପାଇଁ ପରାମର୍ଶ ଦିଆଯାଇଥିବା ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା ସୂଚନା ଦେଇଛନ୍ତି। ବ୍ୟାଙ୍କ ଅଧିକାରୀ ଜଣକ ସ୍ଥାନୀୟ ଇଣ୍ଡିଆନ୍ ବ୍ୟାଙ୍କରେ କାର୍ଯ୍ୟ କରୁଥିବାରୁ ପୌରପାଳିକା ତରଫରୁ ବ୍ୟାଙ୍କକୁ ୧୪ଦିନ ପାଇଁ ସିଲ କରାଯାଇଛି। ଏହି ମଧ୍ୟରେ ଯଦି ବ୍ୟାଙ୍କର ଅନ୍ୟ କର୍ମଚାରୀଙ୍କ ନମୁନା ନେଗେଟିଭ ଆସେ ତେବେ ବ୍ରାଙ୍କ ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ପୌର ନିର୍ବାହୀ ଅଧିକାରୀ ବେହେରା ସୂଚନା ଦେଇଛନ୍ତି।

### କଂସରରେ ହାତୀ ଉପଦ୍ରବ

ଖୁଣ୍ଟୁଣୀ,୨୦।୮ (ଡି.ଏନ୍.ଏ.): ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ କଂସର ଗ୍ରାମରେ ହାତୀପଲ ଆସି ଫସଲ, ପନିପରିବା ନଷ୍ଟ କରି ଦେଇଛନ୍ତି। ପ୍ରାୟ ୭/୮ଟି ହାତୀ କପିଳାସ ସଂରକ୍ଷିତ ଜଙ୍ଗଲରୁ ଆସି ଗତ ୩ ଦିନ ହେଲା ଉତ୍ପାତ କରୁଛନ୍ତି। ହାତୀମାନେ ପ୍ରଥମେ ଜଙ୍ଗଲ ମୁହାଣରେ ଥିବା ବିଚିତ୍ରା ନନ୍ଦ ପଣ୍ଡାଙ୍କ ଜମିରେ ରୁଆ ଧାନ, କୁଦି ନଷ୍ଟ କରିବା ସହ ପଞ୍ଚାନନ ସାହୁ, ରାୟ ବିରୁଆ, ବିଳାସ ଦେହୁରୀ, ବୋଜନ ସିଂ ବିରୁଆ, ଶ୍ରୀଧର ଚାଟାର, ମଙ୍ଗଳ ସିଧୁ ଓ ରାଜେନ୍ଦ୍ର ଚାଟାର ପ୍ରମୁଖଙ୍କ ରୁଆ ବିଲ ଓ ବାରୀରେ ପଶି ପରିବା ଫସଲ ଖାଇ ନଷ୍ଟ କରି ଦେଇଛନ୍ତି। ଏ ନେଇ ବନ ବିଭାଗକୁ ଖବର ଦେଲେ ମଧ କେହି ଆସୁ ନ ଥିବା କଂସର ଗ୍ରାମର ପଞ୍ଚାନନ ସାହୁ କହିଛନ୍ତି। ବର୍ଷା ଡେରିରେ ହେବାରୁ ଚାଷୀମାନେ ବିଳମ୍ବରେ ତଳି ରୋଇ ଥିଲେ। ହେଲେ ଜଙ୍ଗଲୀ ହାତୀଙ୍କ ଯୋଗୁ ସେମାନେ ବାରମ୍ବାର କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ସେମାନେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀଙ୍କୁ ଗୁରୁବାର ଏକ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ମାଗୁଣି ଚରଣ ବେହେରା କୁହନ୍ତି, ଚାଷୀଙ୍କ ଅଭିଯୋଗ ପାଇଛି। କିନ୍ତୁ ଏବେ ଆବଶ୍ୟକ ଜଗୁଆଳି ନ ଥିବାରୁ ସେଠାକୁ ପଠାଯାଇ ନାହିଁ। ଖୁବଶୀଘ୍ର ଜଗୁଆଳି ପଠାଇବା ସହ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## 'ରାଜୀବଙ୍କ ଅବଦାନ ଚିର ସ୍ମରଣୀୟ'

କଟକ ଅଫିସ, ୨୦।୮




କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ।

କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ପୁରୀଘାଟସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୭ତମ ଜୟନ୍ତୀ ପାଳିତ ହୋଇଯାଇଛି। କମିଟି ସଭାପତି ତଥା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ରାଜୀବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭାରେ ବିଧାୟକ ମୋକିମ ପୌରୋହିତ୍ୟ କରି କହିଥିଲେ, ଭାରତରେ ପ୍ରଯୁକ୍ତି ବିଦ୍ୟା ଏବଂ ଦୂରସଞ୍ଚାର ଓ ଆଧୁନିକ ଯୋଗାଯୋଗ କ୍ଷେତ୍ରର ବିକାଶ ପାଇଁ ରାଜୀବଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଏହି ସଭାରେ ବହୁ କର୍ମୀ ଉପସ୍ଥିତ ଥିଲେ।

## ଆହତ ହରିଣ ଉଦ୍ଧାର

ପୁରୀ ଅଫିସ,୨୦।୮

ରେବତୀ ରମଣ ଘୋଡାଗାଡ଼ିଆ ଗାଁରୁ ଗୁରୁବାର ଏକ ଆହତ ହରିଣକୁ ଲୋକେ ଉଦ୍ଧାର କରିଛନ୍ତି। ଏହି ମାଈ ହରିଣକୁ କୁକୁର ଗୋଡାଉଥିବା ଦେଖି ଗାଁ ଲୋକେ ତାକୁ ଉଦ୍ଧାର କରିଥିଲେ। ହରିଣଟିର ପଛପାର୍ଶ୍ୱ ଡାହଣ ଗୋଡ଼ ଖଣ୍ଡିଆ ହୋଇ ରକ୍ତ ବାହାରୁଥିଲା। ଲୋକେ ତାକୁ ପାଣି ପିଇବାକୁ ଦେବା ସହ କ୍ଷତ ସ୍ଥାନକୁ ଗାମୁଛାରେ ଗୁଡାଇ ଦେଇଥିଲେ। ଖବର ପାଇ ବନ କର୍ମଚାରୀ ପହଞ୍ଚି ହରିଣଟିକୁ ନେଇ ଚିକିତ୍ସା କରୁଛନ୍ତି। ସୁସ୍ଥ ହେବା ପରେ ତାକୁ ଜଙ୍ଗଲରେ ଛାଡି ଦିଆଯିବ ବୋଲି ଜଣାପଡିଛି।

## ଡକାୟତି ଯୋଜନା ବେଳେ ୬ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।



ପୁରୀ ଅଫିସ,୨୦।୮

ପୁରୀ ସହରରେ ବଡ଼ ଧରଣର ଡକାୟତି ପାଇଁ ଯୋଜନା କରୁଥିବା ଏକ ୬ଜଣିଆ ଗ୍ୟାଙ୍ଗ କୁମ୍ଭାରପଡ଼ା ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ଗୋଟିଏ ଭୁଜାଲି, ଲୁହାରଡ୍, ୪,୫୦୦ ଟଙ୍କା, ଦୁଇଟି କଳାମୁଖା, ୨ଟି ବୋମା, ସ୍କ୍ରୁ ଡ୍ରାଇଭର, ସ୍ଲାଏ ରେଞ୍ଚ, ଏକ ଟର୍ଚ୍ଚ ଲାଇଟ୍ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୪/୨୦) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ଗିରଫ ପରେ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ କେନ୍ଦୁଝର ବଡବିଲ ଅଞ୍ଚଳର ଗରିବ ଗିରି, ରାଜସ୍ଥାନ କୋଟା ଅଞ୍ଚଳର ପଙ୍କଜ ଦୀପକ କାଳୀ ଓ ବିଜୟ କୁମାର ପବନ, ପଶ୍ଚିମବଙ୍ଗର ରଞ୍ଜିତ ମଲକାର, ପୁରୀ ଅଠରନଳାର ପ୍ରସନ୍ନ ପ୍ରଧାନ ଏବଂ ପୁରୀ ସଦର ଖଣ୍ଡିଆବନ୍ଧର କାର୍ତ୍ତିକ ମାଝି।

ସୂଚନା ଅନୁଯାୟୀ, ବୁଧବାର ରାତିରେ କୁମ୍ଭାରପଡ଼ା ଥାନାର କେତେଜଣ କର୍ମଚାରୀ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ୬ଜଣ ଯୁବକ ଆଶ୍ରମ ଛକରେ ବସି ଡକାୟତି ଯୋଜନା କରୁଥିବା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଉକ୍ତ ପାଟ୍ରୋଲିଂ ଟିମ୍ ସେଠାରେ ଚଢାଉ କରି ୬ଜଣଙ୍କୁ କାବୁ କରିଥିଲା। ଅଭିଯୁକ୍ତମାନେ ପୂର୍ବରୁ କେତେକ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଆଇଆଇସି କୁଳମଣି ସେଠୀ କହିଛନ୍ତି। ଏମାନେ ଗତ ୧୫ ତାରିଖ ରାତିରେ ଦତ୍ତତୋଟା ପ୍ରଭାତ ଲେନ୍‌ର ଏକ ଗ୍ରୋସରି ଦୋକାନରୁ ୨୦ ହଜାର ଟଙ୍କା, ୬ତାରିଖ ରାତିରେ ହେରାଗୋହିରୀ ସାହିର ଏକ ଔଷଧ ଦୋକାନରୁ ୧ ଲକ୍ଷ ୫୦ ହଜାର ଟଙ୍କା, ଗତ ୭ତାରିଖରେ ରେଡ୍‌କ୍ରସ୍ ରୋଡର ଅସିତ କୁମାର ମହାନ୍ତିଙ୍କ ଘରୁ ସୁନା ଅଳଙ୍କାର ଏବଂ ୧୫ ହଜାର ଟଙ୍କା ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ସେଠୀ କହିଛନ୍ତି।

## ସ୍ୱପ୍ନେଶ୍ୱର ଦେବଙ୍କ ମନ୍ଦିରରୁ ସୁନା ଗହଣା ଚୋରି

ବଡ଼ମ୍ବା,୨୦।୮ (ଡି.ଏନ୍.ଏ.)

ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିବା କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମର ପୁରାତନ ଶୈବପୀଠ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଦେବଙ୍କ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ତାଲା କାଟି ସୁନା ଓ ରୁପା ଅଳଙ୍କାର ସମେତ ଘଣ୍ଟ,ଘଣ୍ଟି ଓ ପିତ୍ତଳ ସାମଗ୍ରୀ ଚୋରି କରି ନେଇଛନ୍ତି। ଠାକୁରଙ୍କ ଦାନ ହୁଣ୍ଡି ଭାଙ୍ଗି ସେଥିରେ ଥିବା ଟଙ୍କା ପଇସା ନେଇଯାଇଛନ୍ତି। ଏଥିସହ ପାର୍ଶ୍ୱରେ ଥିବା ମଙ୍ଗଳା ମନ୍ଦିରରୁ ସୁନା ଓ ରୁପା ଅଳଙ୍କାର ଚୋରି କରିନେଇଛନ୍ତି। ମେରୁ ଆଶ୍ରମ ଓ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟରୁ ମଧ ମୂଲ୍ୟବାନ ସାମଗ୍ରୀ ଓ କାଗଜପତ୍ର ଚୋରି କରିନେଇଛନ୍ତି। ଏନେଇ ବଡ଼ମ୍ବା ଥାନାରେ ଅଭିଯୋଗ ହୋଇଛି। ବଡ଼ମ୍ବା ଥାନା ଏସ୍‌ଆଇ ଧୀରେନ୍ଦ୍ରନାଥ ମଲ୍ଲିକ, ଏଏସ୍‌ଆଇ ଗିତାରାଣୀ ନାୟକ ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ପ୍ରଭାତ କୁମାର ମଲିକ କହିଛନ୍ତି।

## ସଚିବାଳୟ ପିଅନ ପରିଚୟ ଦେଇ ନେଇଛନ୍ତି ଋଣ

ଭୁବନେଶ୍ୱର, ୨୦।୮ (ବ୍ୟୁରୋ)

**ନକଲି ମହିଳା ଆଇପିଏସ୍ ଅଧିକାରୀଙ୍କ ଆଉଏକ କାରନାମା**

■ଥାନାରେ ଅଭିଯୋଗ କଲେ ଘରୋଇ ସଂସ୍ଥା କର୍ତ୍ତୃପକ୍ଷ
■ପୂର୍ବରୁ ମଧ କ୍ୟାପିଟାଲ ଥାନା ପୋଲିସ ଧରି ଛାଡ଼ିଦେଇଥିଲା
■ରିମାଣ୍ଡରେ ଆଣିବ କମିଶନରେଟ ପୋଲିସ



ବୁଲେଟ ଶୋ' ରୁମ୍ ମାଲିକଙ୍କୁ ଠକେଇ ଅଭିଯୋଗରେ ରାଉରକେଲାର ଉଦିତନଗର ଥାନା ପୋଲିସ ଦ୍ୱାରା ବୁଧବାର ଗିରଫ ହୋଇଥିଲେ ନକଲି ଆଇପିଏସ୍ ଅଧିକାରୀ ଶର୍ମିଷ୍ଠା ବେହେରା। ପଚରାଉଚରରାବେଳେ ପୋଲିସ ତାଙ୍କ ଠକେଇର ଚେର ରାଜଧାନୀରୁ ରାଉତରକେଲା ଲମ୍ବିଥିବା ଜାଣିବାକୁ ପାଇଛି। ସେ ନିଜକୁ ସଚିବାଳୟ କର୍ମଚାରୀ ପରିଚୟ ଦେଇ ଭୁବନେଶ୍ୱର ଲୁଇସ୍‌ରୋଡ଼ରେ ଥିବା ଏକ ଘରୋଇ ଫାଇନାନ୍ସ ସଂସ୍ଥାରୁ ୬୦ ହଜାର ଟଙ୍କାର ଋଣ ନେଇ ଚମ୍ପଟ ମାରିଥିଲେ। ସେ ଧରାପଡ଼ିବା ପରେ ଉକ୍ତ ସଂସ୍ଥା ପକ୍ଷରୁ ବଡଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ଏଭଳି ଏକାଧିକ ସଂସ୍ଥାରୁ ଠକେଇ କରିଥିବା ଜାଣିବାକୁ ପାଇଛି। ତେଣୁ ଶର୍ମିଷ୍ଠାଙ୍କୁ କମିଶନରେଟ ପୋଲିସ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ସୂଚନା ମିଳିଛି।

ପୋଲିସ ସୂଚନାନୁସାରେ, ଗତ ୬ ତାରିଖରେ ଶର୍ମିଷ୍ଠା ଲୁଇସ୍‌ରୋଡ୍‌ରେ ଥିବା ଉକ୍ତ ଫାଇନାନ୍ସ ସଂସ୍ଥାକୁ ଯାଇ ସ୍କୁଟି ପାଇଁ ଲୋନ୍ ନେବାକୁ କହିଥିଲେ। ନିଜକୁ ସଚିବାଳୟର ପିଅନ ବୋଲି ପରିଚୟ ଦେଇ ଜାଲ୍ କାଗଜପତ୍ର ଦାଖଲ କରି ୬୦ହଜାର ଟଙ୍କା ଲୋନ୍ ନେଇଥିଲେ। ଏବେ ଇନ୍‌ସ୍ୟୁରାନ୍ସ ସଂସ୍ଥା ଯାଞ୍ଚ କରିବାରୁ ପରିଚୟପତ୍ର ଓ ଠିକଣା ଜାଲ୍ ଥିବା ଜଣାପଡିଥିଲା।

ଅନ୍ୟପକ୍ଷରେ ଗତ ଏପ୍ରିଲ ୨୪ ତାରିଖରେ ଶର୍ମିଷ୍ଠାଙ୍କ କାର୍‌ନାମା ପଦାକୁ ଆସିଥିଲା। ସେ ଫରେଷ୍ଟପାର୍କ ନିକଟରେ ରହୁଥିଲେ। ନିଜକୁ ଆଇପିଏସ୍ ଅଫିସର ପରିଚୟ ଦେଇ ନିଜର ଜଣେ ସମ୍ପର୍କୀୟଙ୍କୁ ବଦଳି କରିବା ପାଇଁ ଫୋନ୍ କରି ପୋଲିସର ଉଚ୍ଚ ଅଧିକାରୀଙ୍କୁ ଚାପ ପକାଇଥିଲେ। ଏହାସହ ରିଜର୍ଭ ଇନ୍ସପେକ୍ଟରଙ୍କୁ ଫୋନ୍ କରି ସମସ୍ତ ସୁବିଧା ଯୋଗାଇ ଦେବାକୁ ଦେବାକୁ କହୁଥିଲେ। ଶେଷରେ ତାଙ୍କ ବିଷୟରେ ଖୋଳତାଡ଼ ପରେ ସେ ଧରାପଡିଥିଲେ। ଶର୍ମିଷ୍ଠା ରହୁଥିବା ଘରୁ ପୋଲିସ ପୋଷାକ, ନକଲି ବନ୍ଧୁକ ଆଦି ଜବତ ହୋଇଥିଲା। ହେଲେ ମହିଳା ହୋଇଥିବାରୁ ପୋଲିସ ଦୟା ଦେଖାଇ ତାଙ୍କୁ ଛାଡ଼ି ଦେଇଥିଲା। ଫଳରେ ସେ ପୁଣି ଠକେଇ କରିବାକୁ ସୁଯୋଗ ପାଇଲେ।

## ୩ ଡାକ୍ତର, ୧୫ ପୋଲିସ ପଜିଟିଭ

କଟକ ଅଫିସ, ୨୦।୮

ଗତ କିଛି ଦିନ ହେଲା ଲଗାତର ଭାବେ ଏସ୍‌ସିବିରେ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗୋଟିଏ ଦିନରେ ଗୁରୁବାର ଆକ୍ରାନ୍ତଙ୍କ ସଂଖ୍ୟା ଅର୍ଦ୍ଧଶତକ ପାର୍ କରିଛି। ସେମାନଙ୍କ ମଧ୍ୟରେ ଅଦ୍ଧାଧିକ ପୋଲିସ ଏବଂ ଏସ୍‌ସିବି ମେଡିକାଲ କଲେଜ ପ୍ରିନ୍ସିପାଲ ଅଫିସ କର୍ମଚାରୀ ରହିଛନ୍ତି। ପ୍ରିନ୍ସିପାଲଙ୍କ ଡ୍ରାଇଭର, କିରାଣି ଓ ଆଟେଣ୍ଡାଣ୍ଟଙ୍କୁ ମିଶାଇ ୯ ଜଣରୁ ଅଧିକ ସଂକ୍ରମିତ ହୋଇଛନ୍ତି। ସେହିପରି ଏସ୍‌ସିବି ଫାଣ୍ଡିରୁ ୪ ମହିଳା କର୍ମଚାରୀଙ୍କ ସମେତ ୬ଜଣ ଓ ମଙ୍ଗଳାବାଗ ଥାନାରୁ ୯ଜଣ ପୋଲିସ ଅଧିକାରୀ ପଜିଟିଭ ବାହାରିଛନ୍ତି।

ସୁପର୍ ସ୍ପେସିଆଲିଟି ଆଉଟଡୋର୍ ନେଫ୍ରୋଲୋଜି ବିଭାଗରୁ ଜଣେ, ନ୍ୟୁରୋ ମେଡିସିନରୁ ଜଣେ ଏବଂ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ଆଉଟ ଡୋର୍‌ରୁ ୫ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜେନେରାଲ ଆଉଟ ଡୋର୍‌ରୁ ଜଣେ ରୋଗୀ ଓ ୫ଜଣ ରୋଗୀ ସମ୍ପର୍କୀୟଙ୍କ ଆଣ୍ଟିଜେନ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି। ମେଡିସିନ ଏବଂ ସେଣ୍ଟ୍ରାଲ ଆଇସିୟୁରୁ ୩ଜଣ ରୋଗୀ କରୋନା ସଂକ୍ରମିତ ହୋଇଛନ୍ତି। ଦୁଇ ସୁପର୍ ସ୍ପେସିଆଲିଟି ବିଭାଗ (ହେମାଟୋଲୋଜି ଏବଂ ନେଫ୍ରୋଲୋଜି)ରୁ ଗୋଟିଏ ଦିନରେ ୫ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଯେଉଁ ବିଭାଗ ଦ୍ୱାରା କରୋନା ପରୀକ୍ଷା କରାଯାଉଛି ସେହି ବିଭାଗର ଡାକ୍ତର ଓ ଟେକ୍ନିସିଆନଙ୍କୁ ମିଶାଇ ୪ଜଣ ପଜିଟିଭ ବାହାରିଛନ୍ତି। ଶିଶୁ ରୋଗ ବିଭାଗର ଜଣେ ଡାକ୍ତରଙ୍କ ରିପୋର୍ଟ ମଧ ପଜିଟିଭ ଆସିଛି। ଆଇସୋଲେଶନ ୱାର୍ଡ ଓ କାଜୁଆଲିଟିରୁ ପ୍ରାୟ ୧୫ଜଣ ଆକ୍ରାନ୍ତ ହୋଇଛନ୍ତି। ଆଇସୋଲେଶନ ୱାର୍ଡରେ ଗୋଟିଏ ଦିନରେ ମୃତ୍ୟୁ ସଂଖ୍ୟା ୬ରେ ପହଞ୍ଚିଛି।

## ପ୍ରଶାନ୍ତ ଭୂଷଣଙ୍କ ସମର୍ଥନରେ ଓଡ଼ିଶା ଆଇନଜୀବୀ

କଟକ ଅଫିସ,୨୦।୮

ସୁପ୍ରିମ୍‌କୋର୍ଟ ଅବମାନନା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବରିଷ୍ଠ ଆଇନ୍‌ଜୀବୀ ପ୍ରଶାନ୍ତ ଭୂଷଣଙ୍କ ପ୍ରତି ଓଡ଼ିଶାରୁ ସମର୍ଥନ ବଢିବାରେ ଲାଗିଛି।

**ଅଦାଲତ ଅବମାନନା ମାମଲା**

ଗୁରୁବାର ପ୍ରଶାନ୍ତଙ୍କ ସମର୍ଥନରେ ବହୁ ଆଇନ୍‌ଜୀବୀ ଓଡ଼ିଶା ହାଇକୋର୍ଟ ସମ୍ମୁଖରେ ଏକାଠି ହୋଇ ନୀରବ ପ୍ରତିବାଦ ଜଣାଇଛନ୍ତି। ଏଥିସହ ଅଭିବ୍ୟକ୍ତି ଓ ବାକ୍ ସ୍ୱାଧୀନତାର ସୁରକ୍ଷା ଦାବି କରିଛନ୍ତି।

ପ୍ରତିବାଦକାରୀ ଆଇନ୍‌ଜୀବୀମାନେ କହିଛନ୍ତି, କରୋନା ମହାମାରୀ ଭଳି ବିପଦ ସମୟରେ ଏକ ଗୁରୁତ୍ୱବିହୀନ ମାମଲାରେ ସୁପ୍ରିମକୋର୍ଟ ସମୟ ଅପଚୟ କରିବା ଏବଂ ନାଗରିକଙ୍କ ମତ ପ୍ରକାଶର ସାମ୍ବିଧାନିକ ଅଧିକାର ଉପରେ ଅଙ୍କୁଶ ଲଗାଇବା ପାଇଁ ଉଦ୍ୟମ ହେବା ନିଶ୍ଚିତ ଭାବେ ଅଶୁଭ ସୂଚନା। ଆଇନଜୀବୀ ପ୍ରଶାନ୍ତଙ୍କ ଦୁଇଟି ଟୁଇଟ୍‌କୁ କେନ୍ଦ୍ରକରି ତାଙ୍କ ବିରୋଧରେ କୋର୍ଟ ଅବମାନନା ମାମଲା ନେଇ ଦୋଷୀ ସାବ୍ୟସ୍ତ କରିବା, ନିଜ ପକ୍ଷ ରଖିବା ପାଇଁ ତାଙ୍କୁ ପର୍ଯ୍ୟାପ୍ତ ସୁଯୋଗ ନ ଦେବା ସୁପ୍ରିମକୋର୍ଟଙ୍କ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଚାରପତିଙ୍କୁ ସମାଲୋଚନା କରାଯିବା ଏବଂ ଅନୁଷ୍ଠାନକୁ ସମାଲୋଚନା କରାଯିବା ଏକା କଥା ନୁହେଁ। ଯେଉଁ ବିଚାରପତିମାନେ ନିଜ ପଦବୀର ଗରିମା ରକ୍ଷା କରିବାରେ ବିଫଳ, ସେମାନଙ୍କୁ ସୁରକ୍ଷା ଦିଆଯିବା ଦ୍ୱାରା ଅନୁଷ୍ଠାନର କ୍ଷତି ଘଟିବା ସହ ଗଣତାନ୍ତ୍ରିକ ବ୍ୟବସ୍ଥା ନିମ୍ନଗାମୀ ହେବ ବୋଲି ପ୍ରତିବାଦକାରୀମାନେ ମତ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପଟ୍ଟାରୀ, କ୍ଷୀରୋଦ ରାଉତ, ଅନ୍ତର୍ଯାମୀ ସ୍ୱାଇଁ, ଦେବାଶିଷ ପାଣିଗ୍ରାହୀ, ଅକ୍ଷୟ କୁମାର ପତି, ସରୋଜକାନ୍ତ ମଣ୍ଡଳ, କବିରାଜ ପ୍ରଧାନ, ଲଳିତ ମୋହନ ନନ୍ଦ, କୋଦଣ୍ଡ ଭୂୟାଁ, ଭରତ ଚନ୍ଦ୍ର ପଣ୍ଡା, ଦୀପକ ମହାପାତ୍ର ପ୍ରମୁଖ ସାମିଲ ଥିଲେ।




ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ସମର୍ଥନରେ ହାଇକୋର୍ଟ ବାର୍ ସମ୍ମୁଖରେ ଆଇନଜୀବୀମାନଙ୍କ ନୀରବ ପ୍ରତିବାଦ।

ସେହିପରି କଟକର ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରଶାନ୍ତଙ୍କୁ ସମର୍ଥନ କରାଯାଇଛି। ମହାନଗର ନାଗରିକ ମଞ୍ଚ ଆବାହକ ଚିତ୍ତରଞ୍ଜନ ମହାନ୍ତି, ସଂଗ୍ରାମୀ ଫୋରମ ଆବାହକ ପ୍ରଶାନ୍ତ ଦାସ, ଆଇନଜୀବୀ ଶିଶିର ଦାସ, ସୁକାନ୍ତ ନାୟକ, ଡ. ବିଶ୍ୱଜିତ୍, ସାମାଜିକ କର୍ମୀ ଡଲି ଦାସ, ଏସ୍‌ୟୁସିଆଇ ପକ୍ଷରୁ ବସ୍ତିନେତା ଖଗେଶ୍ୱର ସେଠୀ, ଗାନ୍ଧୀବାଦୀ ଭଗବାନ ଥାନ, ସୂଚନା ଅଧିକାର କର୍ମୀ ରୋହନ ମହାନ୍ତି ପ୍ରମୁଖ ପ୍ରଶାନ୍ତଙ୍କ ଦୋଷୀ ସାବ୍ୟସ୍ତକୁ ତୀବ୍ର ବିରୋଧ କରିଥିଲେ। ପ୍ରଶାନ୍ତଙ୍କ ବିରୋଧରେ ଅଦାଲତ ଅବମାନନା ରାୟ ପ୍ରତ୍ୟାହାର ପାଇଁ ସେମାନେ ଦାବି କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୧ ଅଗଷ୍ଟ, ୨୦୨୦

## ମାଲୁଦ ରାଜାବଜାର ୩୬ଘଣ୍ଟା ଶଟ୍‌ଡାଉନ

କୃଷ୍ଣପ୍ରସାଦ (ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ଅଞ୍ଚଳରେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର ନାଥ ଦାସ ମାଲୁଦ ରାଜାବଜାରକୁ ୩୬ଘଣ୍ଟା ପର୍ଯ୍ୟନ୍ତ ଶଟ୍‌ଡାଉନ କରିଛନ୍ତି। ଗୁରୁବାର ସକାଳ ୬ଟାରୁ ଶୁକ୍ରବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। କରୋନା ସଂକ୍ରମଣ ରୋକିବା ପାଇଁ ବିଡିଓ ଅଭିମନ୍ୟୁ ମାଝିଙ୍କ ପରାମର୍ଶକ୍ରମେ ଏହି ପଦକ୍ଷେପ ନିଆଯାଇଛି ବୋଲି ସରପଞ୍ଚ ଦାସ କହିଛନ୍ତି। ଏହି ବଜାର ଉପରେ ୧୪ଟି ଗ୍ରାମର ଲୋକେ ନିର୍ଭର କରିଥାନ୍ତି।



### ସଂକ୍ଷେପରେ

## ଆର୍‌ଡିସିଙ୍କ କୋଭିଡ୍ ପରିସ୍ଥିତି ସମୀକ୍ଷା

ପୁରୀ ଅଫିସ,୨୦।୮: କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ଅନୀଲ କୁମାର ସାମଲ ପୁରୀ ଜିଲାର କୋଭିଡ୍ ପରିସ୍ଥିତିର ସମୀକ୍ଷା କରିଛନ୍ତି। ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ସମୀକ୍ଷା ବୈଠକରେ ଆର୍‌ଡିସି ଜିଲାରେ କରୋନା ସ୍ଥିତି ଏବଂ ଏହାର ମୁକାବିଲା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ ହୋଇଥିଲେ। ଏଥିସହ ପ୍ଲାଜମା ଦାନ, ହୋମ୍ ଆଇସୋଲେଶନ ଏବଂ କୋଭିଡ୍ ପରୀକ୍ଷାର ସ୍ଥିତି ସମ୍ପର୍କରେ ବୁଝିଥିଲେ। ବୈଠକରେ ଜିଲାପାଳ ବଲୱନ୍ତ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର, ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଆର୍‌ଡିସି ଜିଲାପାଳ ଏବଂ ସିଡିଏମ୍‌ଓଙ୍କ ସହ ଜିଲା ସଂକ୍ରାମକ ରୋଗ ଚିକିତ୍ସାଳୟ ପରିସର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର, ଆଇସିୟୁ ଆଦି ବୁଲି ଦେଖିଥିଲେ।

## ପୁରୀ: ୧୦୪ କରୋନା ପଜିଟିଭ ଚିହ୍ନଟ

ପୁରୀ ଅଫିସ,୨୦।୮: ପୁରୀ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ବୁଧବାର ରେକର୍ଡ ସଂଖ୍ୟକ ୨୩୫ ସଂକ୍ରମିତ ବାହାରିଥିବାବେଳେ ଗୁରୁବାର ୧୦୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୨,୨୩୯ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧,୩୦୬ଜଣ ସୁସ୍ଥ ହୋଇଥିବାବେଳେ ୯୨୦ ଜଣ ଚିକିତ୍ସାଧୀନ ଅଛନ୍ତି। କରୋନାରେ ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଫଳରେ ଏ ପର୍ଯ୍ୟନ୍ତ ଏହି ମହାମାରୀ ଜିଲାର ୧୦ ଜଣଙ୍କ ଜୀବନ ନେଲାଣି। ବର୍ତ୍ତମାନ ସୁଦ୍ଧା ଜିଲାରୁ ୪୬,୬୫୨ ଜଣଙ୍କ କରୋନା ଟେଷ୍ଟ କରାଯାଇଥିବାବେଳେ ୨,୨୩୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସୁସ୍ଥ ହାର ରହିଛି ୫୮.୩୨ ପ୍ରତିଶତ। ଏବେ ଜିଲାରେ ୬୩ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଥିବାବେଳେ ୧୪୨ଟିକୁ ବନ୍ଦ କରାଯାଇଛି।

## ଅନ୍‌ଲାଇନ ଅବଢ଼ା ସେବାକୁ ସମର୍ଥନ

ପୁରୀ ଅଫିସ,୨୦।୮: ଅନ୍‌ଲାଇନରେ ମହାପ୍ରଭୁଙ୍କ ମହାପ୍ରସାଦ ମିଳିବାକୁ ସମର୍ଥନ କରିଛି ଜଗରନଟ୍ ଆସୋସିଏଶନ ଅଫ୍ ଏଣ୍ଟରପ୍ରେନିଅର୍ସ। ଆସୋସିଏଶନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କୁହାଯାଇଛି ଯେ, କରୋନା ପାଇଁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ମାତ୍ର ଅବଢ଼ା ପାଇବା ପାଇଁ ଅନେକ ଇଚ୍ଛା ପ୍ରକାଶ କରୁଥିଲେ ମଧ୍ୟ ସେମାନଙ୍କ ପାଖରେ ସୁଯୋଗ ନାହିଁ। ଯଦି କୌଣସି ସଂସ୍ଥା ଅନ୍‌ଲାଇନରେ ଲୋକଙ୍କ ପାଖରେ ମହାପ୍ରସାଦ ପହଞ୍ଚାଇପାରୁଛି ତାହା ବଡ଼ କଥା। ଏହାକୁ ବିରୋଧ ନୁହେଁ, ବରଂ ସମର୍ଥନ କରାଯିବା ଦରକାର। ଏ କ୍ଷେତ୍ରରେ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ସହଯୋଗ କରିବା କଥା। ଅନ୍‌ଲାଇନରେ ଯୋଗାଇ ଦିଆଗଲେ ମହାପ୍ରସାଦର ମହତ୍ତ୍ୱ ଓ ପବିତ୍ରତା ନଷ୍ଟ ହେବ ନାହିଁ। ଯେଉଁ ଉଦ୍ୟୋଗୀମାନେ ଏହି ସେବା ଯୋଗାଇବେ, ସେମାନେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବେ। ତେଣୁ ଅନ୍‌ଲାଇନରେ ମହାପ୍ରସାଦ ସେବାକୁ ମନ୍ଦିର ପ୍ରଶାସନ, ସୁଆର ମହାସୁଆର ନିଯୋଗ ଏବଂ ରାଜ୍ୟ ସରକାର ସହଯୋଗ କରିବେ ବୋଲି ଆସୋସିଏଶନର ସଭାପତି ଜନାର୍ଦ୍ଦନ ସାହୁ ଆଶାବ୍ୟକ୍ତ କରିଛନ୍ତି।

## ଜଙ୍ଗଲରୁ ଗଛ କାଟିନେଲେ ଗ୍ରାମବାସୀ

ନିରାକାରପୁର,୨୦।୮(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ନୂଆଗାଁ ନିକଟରେ ଥିବା ଅଢ଼େଇ ଏକର ପରିମିତ ଜଙ୍ଗଲରୁ ଏହି ଗ୍ରାର ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଭିନ୍ନ କିସମର ଗଛ କାଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ସୂଚନାଥାଉ କି, ଜଙ୍କିଆ ମୌଜା ଖାତା ନଂ. ୩୪୮ ଓ ପ୍ଲଟ ନଂ. ୭୪ରେ ଅଢ଼େଇ ଏକର ପରିମିତ ଜଙ୍ଗଲ ରହିଛି। ଏହି ଜଙ୍ଗଲରେ ବିଭିନ୍ନ ପରିବା ଚାଷ ମଧ୍ୟ ହେଉଥିଲା। ଜଙ୍ଗଲ ଚାରିପଟେ ପାଚେରି ନିର୍ମାଣ ପାଇଁ ରଖାଯାଇଥିବା ପଥର ନଷ୍ଟ କରିବା ସହ ବିଭିନ୍ନ କିସମ ଗଛକୁ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି କାଟି ନେଇଯାଇଥିବା ଉକ୍ତ ଗ୍ରାମର ଧନେଶ୍ୱର ଶ୍ରୀଚନ୍ଦନ(୮୦) ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜଙ୍କିଆ ଥାନା ଅଧିକାରୀ ସତ୍ୟବ୍ରତ ଲେଙ୍କା କହିଛନ୍ତି, ୨୦ଜଣଙ୍କ ନାମରେ ଅଭିଯୋଗ ହୋଇଛି। ତଦନ୍ତ ଜାରି ରହିଛି।

# ବିପଦସଙ୍କେତ ଉପରେ ଦୟା

କଣାସ,୨୦।୮(ସ୍ୱ.ପ୍ର.)

୪ଦିନ ଧରି ଲଘୁଚାପ ବର୍ଷା ଲାଗିରହିବା ଏବଂ ବନ୍ୟାଜଳ ଆସିବା ଦ୍ୱାରା କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ଏବଂ ଶାଖାନଦୀ ରାଜୁଆ, ମକରା, କାଣିଆ, ଲୁଣାନଦୀର ଜଳପତନ ବୃଦ୍ଧି ପାଇବାରେ ଲାଗିଛି। କଣାସଠାରେ ଦୟାନଦୀର ବିପଦସଙ୍କେତ ୩.୯୯ମି. ଥିବାବେଳେ ଗୁରୁବାର ଦୟାନଦୀର ଜଳପତନ ବୃଦ୍ଧି ପାଇ ୪.୧୯ମି. ପ୍ରବାହିତ ହେଉଥିବା ଦେଖାଯାଇଛି। ଫଳରେ ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ବଡାସ, ଗଡବଳଭଦ୍ରପୁର ପଞ୍ଚାୟତର ଦୋକନ୍ଦା, ବାଲିପାଟଣା, ତରପଡା, ବଡାସ, କଖାରୁବସ୍ତ, ବୈଦ୍ୟନାଥପାଟଣା, ସବଳଙ୍ଗ, ତେନ୍ତୁଳିମୂଳ, ଗଡବଳଭଦ୍ରପୁର ଗ୍ରାମର ଧାନଜମି ଉପରେ ୬ରୁ ୭ଫୁଟ ବନ୍ୟାଜଳ ରହିଛି। ଉକ୍ତ ଜମିଗୁଡ଼ିକରେ ଚାଷୀମାନେ ଅଧିକ ସଂଖ୍ୟାରେ କଖାରୁ, ବାଇଗଣ, କଲରା, ପୋଟଳ, ଲଙ୍କା, ଝୁଡ଼ଙ୍ଗ, ଜହ୍ନି, ଭେଣ୍ଡି ଆଦି ଚାଷ କରିଥିଲେ। ସେଗୁଡିକ ୪ଦିନ ହେଲା ବୁଡି ରହିଥିବାରୁ ଚାଷୀମାନେ ଏବେ ଚିନ୍ତାରେ ଅଛନ୍ତି। ତେବେ ବନ୍ୟାଜଳ ସହ ଲଘୁଚାପ ବର୍ଷା ଲାଗିରହିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତି ଦେଖି ଏହାର ମୁକାବିଲା କରାଯିବ ବୋଲି କଣାସ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରା ଓ ଖୋର୍ଦ୍ଧା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ସରୋଜ କୁମାର ପଟ୍ଟନାୟକ କହିଛନ୍ତି। ବଡଧରଣର ବନ୍ୟା ଆଶଙ୍କାରେ ଜଳସେଚନ ବିଭାଗ ପକ୍ଷରୁ ନଦୀ ବନ୍ଧର ସୁରକ୍ଷା ପାଇଁ କଣାସ ବ୍ଲକର ବିଭିନ୍ନ ସ୍ଥାନରେ ବାଲି, ବଲ୍ଲା, ଖାଲିବସ୍ତା ମହଜୁଦ ରଖାଯାଇଛି ।


ଦୟା ଓ ମକରାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ବୁଡ଼ିଯାଇଛି।

## ଗୋରୁଆଳ ନୂଆପାଟଣାରେ ବୋମାମାଡ଼

### ୨ ଆହତ, ପୋଲିସ ତଦନ୍ତ ଜାରି

ପୁରୀ ଅଫିସ,୨୦।୮

ପୁରୀ ସଦର ଥାନା ଅନ୍ତର୍ଗତ ଗୋରୁଆଳ ନୂଆପାଟଣା ଗାଁରେ ଗୁରୁବାର ବୋମାମାଡ଼ ହୋଇଛି। ଏଥିରେ ୨ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଏହି ଗ୍ରାମର ବାବୁନା ବିଶ୍ୱାଳ, ଟୁବୁନା ବିଶ୍ୱାଳଙ୍କ ସମେତ ଅନ୍ୟ କେତେଜଣ ଯୁବକ ମିଶି ଭୋଜି କରୁଥିଲେ। ହେଲେ ଗ୍ରାମର ବିଶ୍ୱରଞ୍ଜନଙ୍କୁ ସେମାନେ ଡାକି ନ ଥିଲେ। ଭୋଜି ଚାଲିଥିବା ସମୟରେ ବିଶ୍ୱରଞ୍ଜନ ପହଞ୍ଚି କାହିଁକି ତାଙ୍କୁ ଡାକି ନାହିଁ ବୋଲି ପଚାରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ସେଠାରୁ ବିଶ୍ୱରଞ୍ଜନ ପଳାଇ ଯାଇଥିଲେ। କିଛି ସମୟ ପରେ ପୁଣି ବିଶ୍ୱରଞ୍ଜନ ଭୋଜିସ୍ଥଳକୁ ଆସି ୨ଟି ବୋମା ମାଡ଼ କରି ଫେରାର ହୋଇଯାଇଥିଲେ। ବୋମା ମାଡ଼ରେ ଦୁଇଭାଇ ବାବୁନା ଓ ଟୁବୁନା ଆହତ ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରି ତଦନ୍ତ ଚଳାଇଛି।

## ବୋମାମାଡ଼ ଘଟଣା, ଜଣେ ଗିରଫ

ଖୁଣ୍ଟୁଣୀ,୨୦।୮(ଡି.ଏନ୍.ଏ.)

ଗୁରୁଡ଼ିଝାଟିଆ ଥାନା ଅଧୀନ ବାଳି ବଜାର ନିକଟରେ ଥିବା ଏକ ହୋଟେଲ ଉପରକୁ ବୋମାମାଡ଼ ଘଟଣାରେ ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଢେଙ୍କାନାଳ ଜିଲା ଭାପୁର ଫାଣ୍ଡି ଅନ୍ତର୍ଗତ ଝୁମ୍ପୁରିଆ ଗ୍ରାମର ମନୋରଞ୍ଜନ ଦାସ। ବାଳି ଗ୍ରାମର ରିକନ ମିଶ୍ରଙ୍କ ସହ ମନୋରଞ୍ଜନଙ୍କ ବ୍ୟବସାୟକୁ ନେଇ ପୂର୍ବଶତ୍ରୁତା ଥିଲା। ରାଗ ରଖି ମନୋରଞ୍ଜନ ଗତ ୩ ତାରିଖ ରାତି ୧୨ଟାରେ ରିକନଙ୍କ ହୋଟେଲ ଉପରେ ୩ଟି ବୋମା ପକାଇ ଫେରାର ହୋଇଯାଇଥିଲେ। ଏ ନେଇ ରିକନ ଅଭିଯୋଗ କରିବା ପରେ ପୋଲିସ ନଂ.୯୯/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମନୋରଞ୍ଜନ ଗୁରୁବାର ମଙ୍ଗୁଳି ଛକରେ ଥିବା ଖବର ପାଇ ଆଇଆଇସି ବିଜୟ କେତନ ବିଶିଙ୍କ ନେତୃତ୍ୱରେ ଟିମ୍ ଚଢ଼ାଉ କରି ଧରିଥିଲେ।

## ବନ୍ୟା ସ୍ଥିତିର ସମୀକ୍ଷା କଲେ ମନ୍ତ୍ରୀ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷାରେ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ଏହି ପରିପ୍ରେକ୍ଷୀରେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ଗୁରୁବାର ରାଜ୍ୟ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ସ୍ଥିତିର ସମୀକ୍ଷା କରିଛନ୍ତି ।

ବୈଠକରୁ ଜଣାଯାଇଛି ଯେ, ରାଜ୍ୟର ବିଭିନ୍ନ ନଦୀରେ ଜଳ ବିପଦ ସଙ୍କେତର ଯଥେଷ୍ଟ ତଳେ ପ୍ରବାହିତ ହେଉଛି। ମହାନଦୀର ଉପରମୁଣ୍ଡରେ ଏବେ ବେଶି ବର୍ଷା ହେଉନାହିଁ। ବୈତରଣୀ ନଦୀ ଜଳସ୍ତର ବୃଦ୍ଧି ପାଉଥିଲେ ମଧ୍ୟ ଏହି ନଦୀରେ ଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି । ସବୁ ନଦୀର ଜଳ ପ୍ରବାହ ସ୍ଥିତିକୁ ଅନୁଧ୍ୟାନ କଲେ ବର୍ତ୍ତମାନ ରାଜ୍ୟରେ ବନ୍ୟା ଆଶଙ୍କା ନାହିଁ ବୋଲି ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି। ଆଗାମୀ ଦିନରେ ଅଧିକ ବର୍ଷା ଓ ଜଳଭଣ୍ଡାରରେ ଜଳ ସ୍ଥିତିକୁ ନଜରରେ ରଖି ବନ୍ୟା ନିୟନ୍ତ୍ରଣ ପାଇଁ ସଜାଗ ହୋଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ଦାସ ବିଭାଗୀୟ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ପରାମର୍ଶ ଓ ଦାୟିତ୍ୱ ଦେଇଥିଲେ।

## ୧.୧୯ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

- ୩ ଦିନରେ ଜବତ ହେଲାଣି ୬ କୁଇଣ୍ଟାଲ ଗଞ୍ଜେଇ
- ବାଲେଶ୍ୱରରୁ କୋଟିଏ ଟଙ୍କାର ବ୍ରାଉନସୁଗାର ଧରିଥିଲା ଏସ୍‌ଟିଏଫ୍

ଭୁବନେଶ୍ୱର,୨୦।୮(ବ୍ୟୁରୋ)

କରୋନା ସୁଯୋଗରେ ନିଶା ମାଫିଆମାନେ ରାଜ୍ୟରେ ପୁଣି ସକ୍ରିୟ ହୋଇଉଠିଛନ୍ତି। ଓଡ଼ିଶାରୁ ବାହାରକୁ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଓଡ଼ିଶାକୁ ବାହାର ଦେଶ ଓ ରାଜ୍ୟରୁ ବ୍ରାଉନସୁଗାର ଆସୁଛି। ଏହା ଜଣାପଡିବା ପରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସ୍ୱତନ୍ତ୍ର ଅପରେଶନ ଆରମ୍ଭ କରିଛି। ଗତ ୩ ଦିନ ଭିତରେ ଦେଢ଼କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ନିଶା ସାମଗ୍ରୀ ଜବତ କରିଥିବାବେଳେ ବୁଧବାର କଳାହାଣ୍ଡି ଜିଲା ଧର୍ମଗଡ଼ ଥାନାଞ୍ଚଳରେ ଚଢ଼ାଉ କରି ୧.୧୯ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିସହ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଗୁରୁବଜାର ଅଞ୍ଚଳର ତୀର୍ଥରାଜ ସାଗର ଓ ଜୁନାଗଡ଼ ଥାନାଞ୍ଚଳର ଚନ୍ଦ୍ରଶେନ ମେହେର। ସୂଚନା ମୁତାବକ, ଆନ୍ତଃ ରାଜ୍ୟ ଗଞ୍ଜେଇ ଚୋରାଚାଲାଣ ସମ୍ପର୍କରେ ଗୋଇନ୍ଦା ଖବର ପାଇବା ପରେ ଏସ୍‌ଟିଏଫ୍ ଟିମ୍ ଧର୍ମଗଡ଼ରେ ପହଞ୍ଚି ଚଢ଼ାଉ ଆରମ୍ଭ କରିଥିଲା। ୨ ଅଭିଯୁକ୍ତ ରାସ୍ତା କଡରେ ଗଞ୍ଜେଇ ରଖି ଡିଲ୍ କରିବାକୁ ଅପେକ୍ଷା କରିଥିବାବେଳେ ସେମାନଙ୍କୁ ଏସ୍‌ଟିଏଫ୍ ଅଧିକାରୀମାନେ ଧରିଥିଲେ। ଏ ନେଇ ଧର୍ମଗଡ଼ ଥାନାରେ ଏନ୍‌ଡିପିଏସ୍ ଆକ୍ଟ ୨୦ (ବି) ଅନୁଯାୟୀ ମାମଲା (ନଂ.୧୦୫/୨୦) ରୁଜୁ କରାଯିବା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଏଥିସହ ଏହି କାରବାରରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏସ୍‌ଟିଏଫ୍ ଟିମ୍ ସୋମବାର ବାଲେଶ୍ୱର ବସ୍ ଷ୍ଟାଣ୍ଡରେ ଚଢାଉ କରି ୧ କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ କରିବା ସହ ସମ୍ପୃକ୍ତ ଏମ୍‌ବିଏ ଛାତ୍ରଙ୍କୁ ଗିରଫ କରିଥିଲା। ଏହା ବଜାର ମୂଲ୍ୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହେବ। ସେହିପରି ମଙ୍ଗଳବାର କୋରାପୁଟରେ ଚଢାଉ କରି ପ୍ରାୟ ୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଥିଲା।

## ଆବାସ ଦୁର୍ନୀତି ଅଭିଯୋଗ କଲା ଭାଜପା

- ଆଜି କେନ୍ଦୁଝର ଗସ୍ତ କରିବ ପ୍ରତିନିଧି ଦଳ

ଭୁବନେଶ୍ୱର,୨୦।୮(ବ୍ୟୁରୋ): ପ୍ରଧାନମନ୍ତ୍ରୀଙ୍କ 'ହାଉସିଂ ଫର୍ ଅଲ୍' ଯୋଜନାରେ ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି । ଅନ୍ୟପଟେ ରାଜ୍ୟ ସରକାର ଏହି ଜନକଲ୍ୟାଣ ଯୋଜନାକୁ ଭ୍ରଷ୍ଟାଚାର ମାଧ୍ୟମରେ ଭଣ୍ଡୁର କରିବା ପାଇଁ ସମସ୍ତ ପ୍ରକାର ଷଡ଼ଯନ୍ତ୍ର ଆପଣାଇଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଏହି ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ଉଠାଇ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର କେନ୍ଦୁଝର ଜିଲାର ଏକ ପଞ୍ଚାୟତ ଗସ୍ତ କରିବ ବୋଲି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛି। ଭାଜପା ପକ୍ଷରୁ କୁହାଯାଇଛି, ବିଶେଷକରି ଆଦିବାସୀ ବହୁଳ ରାଜ୍ୟରେ ମୋଦି ସରକାର ଅନେକ ଜନକଲ୍ୟାଣକାରୀ ଯୋଜନା କରିଥିଲେ ମଧ୍ୟ ସେମାନେ ସମସ୍ତ ପ୍ରକାର ସୁବିଧାରୁ ବଞ୍ଚିତ ଅଛନ୍ତି। ସାଧାରଣ ବାସଗୃହ ପାଇଁ ସେମାନଙ୍କଠାରୁ ଅର୍ଥ ଆଦାୟ କରାଯାଉଛି ଏବଂ ଆବାସ ଯୋଜନାରେ ମିଳୁଥିବା ଟଙ୍କା ଲୁଟ୍ ହେଉଛି। ଗତ କିଛିଦିନ ଧରି କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ପିଠାଗୋଳା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବ୍ୟାପକ ଦୁର୍ନୀତି ଦୃଷ୍ଟିକୁ ଆସିଛି । ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିବାକୁ ଶୁକ୍ରବାର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ସମ୍ପୃକ୍ତ ଅଞ୍ଚଳକୁ ଯାଇ ଜନଜାତି ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ ବାସ୍ତବ ସ୍ଥିତି ପରଖିବେ। ଏହାପରେ ଏ ସଂକ୍ରାନ୍ତରେ ରାଜ୍ୟ ସଭାପତିଙ୍କୁ ରିପୋର୍ଟ ପ୍ରଦାନ କରାଯିବ ।

## ଓଡ଼ିଆ ସାହିତ୍ୟର କ୍ରାନ୍ତିକାରୀ ସ୍ରଷ୍ଟା ଗୋପୀନାଥ

କଟକ ଅଫିସ,୨୦।୮

ବିଜୁ ପଟ୍ଟନାୟକ ଛକସ୍ଥିତ ଶାରଳା ଭବନରେ ଗୁରୁବାର ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ତଥା ସଭାପତି ଡ. ପ୍ରଭାକର ସ୍ୱାଇଁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ, ଗୋପୀନାଥ ହେଉଛନ୍ତି ଓଡ଼ିଆ ସାହିତ୍ୟର ଜଣେ କ୍ରାନ୍ତିକାରୀ ସ୍ରଷ୍ଟା। ଓଡିଆ ସାହିତ୍ୟରେ ପ୍ରଥମ ଥର ପାଇଁ ତାଙ୍କ ଲେଖନୀରେ ଆଦିବାସୀଙ୍କ ଜୀବନ ଗାଥା ରୂପାୟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ବିଚାରପତି ଡ. ମଦନମୋହନ ଦାସ ଯୋଗଦେଇ କହିଥିଲେ ଯେ, ଆଧୁନିକ ଓଡ଼ିଆ କଥା ସାହିତ୍ୟର ସ୍ରଷ୍ଟା ଗୋପୀନାଥ ମହାନ୍ତି ଉପନ୍ୟାସ ରଚନା କ୍ଷେତ୍ରରେ ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଥିଲେ। ଆଦିବାସୀ ଜୀବନଚର୍ଯ୍ୟାର ସଫଳ ରୂପାୟନ ତାଙ୍କ ସୃଷ୍ଟିକୁ ସର୍ବକାଳୀନ କରିଛି। ମୁଖ୍ୟ ବକ୍ତା ଭାବେ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇ ଗୋପୀନାଥଙ୍କ ବର୍ଣ୍ଣନା ଭଙ୍ଗୀ ଯେପରି ସ୍ୱତନ୍ତ୍ର, ଚିତ୍ର ଓ ଚରିତ୍ର ଉପସ୍ଥାପନା ମଧ୍ୟ ସେପରି ଅଦ୍ୱିତୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ସାହିତ୍ୟିକ ସହଦେବ ସାହୁ ଯୋଗଦେଇ ଗୋପୀନାଥଙ୍କ 'ମାଟି ମଟାଳ' ବିଶ୍ୱ ସାହିତ୍ୟରେ ଅନନ୍ୟ ସୃଷ୍ଟି ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବେ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି, ବରେଣ୍ୟ ଅତିଥି ଭାବେ ପ୍ରଶାସକ ପ୍ରସନ୍ନ କୁମାର ଜେନା ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଡ. ନିରଞ୍ଜନ ତ୍ରିପାଠୀ, ପ୍ରଫେସର ଡ. ନିମାଇଁ ଚରଣ ପରିଡା, ପ୍ରଫେସର ଡ. ନୀରଦ ଗଚ୍ଛାୟତ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ, ଚୌଧୁରୀ ସତ୍ୟ ଦାସ ପ୍ରମୁଖ ଗୋପୀନାଥଙ୍କ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଅନୁଷ୍ଠାନର କର୍ମକର୍ତ୍ତା।

## ସ୍ୱଚ୍ଛ ସର୍ବେକ୍ଷଣ: ପଛରେ ପଡ଼ିଲା କଟକ

କଟକ ଅଫିସ,୨୦।୮

ଚଳିତବର୍ଷ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୦ରେ କଟକ ସହର ପଛରେ ପଡ଼ିଛି। ଜାତୀୟ ତାଲିକାରେ କଟକ ୨୩୨ତମ ର୍‍ୟାଙ୍କରେ ଥିବାବେଳେ ରାଜ୍ୟର ସ୍ୱଚ୍ଛ ସହର ଭାବେ ଚତୁର୍ଥ ସ୍ଥାନରେ ରହିଛି। ରାଜଧାନୀ ଭୁବନେଶ୍ୱର କଟକଠାରୁ ୧ନମ୍ବର କମ୍ ରଖି ୨୩୩ ନମ୍ବର ରଖିଛି। ସ୍ୱଚ୍ଛ ସର୍ବେକ୍ଷଣ ପାଇଁ କେନ୍ଦ୍ରୀୟ ପ୍ରତିନିଧି ଦଳ କଟକ ଆସି ଫିଲ୍ଡ ଯାଞ୍ଚ କରିଥିଲେ । ସର୍ବେକ୍ଷଣ ଗାଇଡ୍ ଲାଇନ ମୁତାବକ କଟକ ମହାନଗର ନିଗମ(ସିଏମସି) କିପରି ସ୍ୱଚ୍ଛତା ପାଇଁ କାର୍ଯ୍ୟ କରିବ ସେଥିପାଇଁ ଏକ ଗାଇଡ୍‌ଲାଇନ୍ ଦିଆଯାଇଥିଲା । ମାତ୍ର ସିଏମସି ଶତପ୍ରତିଶତ ପାଳନ କରିବାରେ ବିଫଳ ହୋଇଥିଲା। ସର୍ବେକ୍ଷଣରେ ୫ଟି ବିଷୟ ଉପରେ ସର୍ବେକ୍ଷଣ କରାଯାଇଥିଲା। ସମ୍ପୂର୍ଣ୍ଣ ୬ହଜାର ନମ୍ବରରୁ କେବଳ ସେବାସ୍ତର ପ୍ରଗତିରେ ୧୩୦୦ ନମ୍ବର, ଓପନ ଡେଫିକେସନ୍ ସିଟି ବା ଖୋଲା ଶୌଚମୁକ୍ତ ଅଞ୍ଚଳ ଘୋଷଣା ପାଇଁ ୧୫୦୦ ମାର୍କ ନମ୍ବର, ସିଧାସଳଖ ଅନୁସନ୍ଧାନରେ ୧୫୦୦ ନମ୍ବର ଏବଂ ନାଗରିକ ମତ ପାଇଁ ୧୫୦୦ ମାର୍କର ବ୍ୟବସ୍ଥା କରାଯାଇଥିଲା। ସୂଚନା ଥାଉକି, ୨୦୧୬ରେ ଭାରତର ୭୩ଟି ସହରରେ ସ୍ୱଚ୍ଛ ସର୍ବେକ୍ଷଣ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ୫୯ତମ ସ୍ଥାନ ହାସଲ କରିଥିବା ବେଳେ ୨୦୧୭ରେ ୫୦୦ ସହର ମଧ୍ୟରୁ ୨୦୩ ଏବଂ ୨୦୧୮ରେ ୪୦୨ତମ ସ୍ଥାନ ଅଧିକାର କରିଥିଲା। ସେହିପରି ୨୦୧୯ରେ ୩୭୪ତମ ସ୍ଥାନରେ ଥିଲା।

## ଖୋର୍ଦ୍ଧା: ୧୯୨ ପଜିଟିଭ୍ ଚିହ୍ନଟ

ଖୋର୍ଦ୍ଧା ଅଫିସ,୨୦।୮: ଖୋର୍ଦ୍ଧା ଜିଲା (ବିଏମ୍‌ସିକୁ ବାଦ୍ ଦେଇ)ରେ ଗୁରୁବାର ୧୯୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବାଣପୁର ୨୯, ବାଲୁଗାଁ ୩୪, ଟାଙ୍ଗୀ ୨୮, ଖୋର୍ଦ୍ଧା ବ୍ଲକ ୩୦, ବେଗୁନିଆ ୩, ବୋଲଗଡ଼ ୩୧, ଜଟଣୀ ୨, ମେଣ୍ଢାଶାଳ ୯, ବାଲକାଟୀ ୯, ବାଲିପାଟଣା ୧୦ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୭ଜଣ ରହିଛନ୍ତି। ଖୋର୍ଦ୍ଧାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୧୭୨ରେ ପହଞ୍ଚିଛି।

## ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଚୌଦ୍ୱାର,୨୦।୮(ଡି.ଏନ୍.ଏ.)

୫୫ନମ୍ବର ଜାତୀୟ ରାଜପଥର ଚୌଦ୍ୱାର ଥାନା ଅଧୀନ ନୁନ୍‌ଟିକରି ଛକ ଉପରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମଙ୍ଗରାଜପୁର ଗ୍ରାମର ଶମ୍ଭୁନାଥ ବେହେରା(୨୪)। ଜଗତପୁରସ୍ଥିତ ଏକ ଘରୋଇ କମ୍ପାନୀରେ ଜଗୁଆଳି ଭାବେ କାର୍ଯ୍ୟ କରୁଥିବା ଶମ୍ଭୁନାଥ ଗୁରୁବାର ସକାଳେ ନିଜ ବାଇକ୍‌ରେ କାର୍ଯ୍ୟରୁ ଫେରୁଥିବାବେଳେ ନୁନ୍‌ଟିକିରୀ ହନୁମାନ ମନ୍ଦିର ପାଖରେ ରାସ୍ତାରେ ମଝିରେ ଥିବା ଏକ ଖାଲରେ ତାଙ୍କ ବାଇକ୍‌ଟି ପଡ଼ିଯାଇଥିଲା। ଶମ୍ଭୁନାଥ ବାଇକ୍‌ରୁ ଖସି ପଡ଼ି ଯିବାରେ ପଛରୁ ଆସୁଥିବା ଏକ ଟ୍ରକ୍ ତାଙ୍କ ଉପରେ ମାଡ଼ିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଚୌଦ୍ୱାର ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା (ନଂ.୩୮୨/୨୦) ରୁଜୁ କରିଛି। ଅନ୍ୟପଟେ ଘଟଣାସ୍ଥଳରୁ ଟ୍ରକ୍‌ଟି ଫେରାର ହୋଇଯାଇଛି। ଏହି ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାବେଳେ ମୁଖ୍ୟରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

# କାରିଗରଙ୍କୁ ଘାରିଛି ମୂର୍ତ୍ତି ବିକ୍ରି ଚିନ୍ତା

ଖୋର୍ଦ୍ଧା ଅଫିସ,୨୦।୮

ଖୋର୍ଦ୍ଧା ଜିଲାର ଜଟଣୀରେ ପ୍ରତିବର୍ଷ ଗଣେଶ ପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ୧୨ଦିନ ଧରି ଏଠାରେ ୨ଶହରୁ ଊର୍ଦ୍ଧ୍ୱ ଛୋଟ ବଡ ମଣ୍ଡପରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ବଜାର କମିଟି ଏବଂ ସଙ୍ଗଠନ ପକ୍ଷରୁ ଗଣେଶ ପୂଜା ପାଳନ ହୋଇଥାଏ। ତେବେ ଏଥର କରୋନା ଯୋଗୁ ସାର୍ବଜନୀନ ମଣ୍ଡପରେ ପୂଜା ବନ୍ଦ ଲାଗି ଜିଲା ପ୍ରଶାସନ ନିର୍ଦ୍ଦେଶ ଜାରି କରିଛନ୍ତି। ଫଳରେ ସବୁଠି ନିରାଶା ଭାବ ଛାଇଯାଇଛି। ଏଇ ସମୟରେ ବେଶ୍ ଭଲ ଦି' ପଇସା ରୋଜଗାର କରୁଥିବା ମୂର୍ତ୍ତି କାରିଗରମାନେ ନିଜ ବୃତ୍ତିକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ସେମାନେ ବହୁ ପରିଶ୍ରମ କରି ଗଢିଥିବା ଗଣେଶ ମୂର୍ତ୍ତି ସବୁ କ'ଣ କରିବେ ଏବଂ ପରିବାର କିପରି ଚଳାଇବେ ସେଇ ଚିନ୍ତା ସେମାନଙ୍କୁ ଘାରିଛି।

ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ମୂର୍ତ୍ତି କାରିଗରମାନେ ପ୍ରାୟ ୩ମାସ ପୂର୍ବରୁ ଆବଶ୍ୟକ ସାମଗ୍ରୀ ସଂଗ୍ରହ କରି ମୂର୍ତ୍ତି ଗଢିବାରେ ଲାଗିପଡ଼ିଥିଲେ। ଏଥର ଗଣେଶ ପୂଜାରେ ଆଶାଜନକ ରୋଜଗାର କରିବେ ବୋଲି ଆଶା ବାନ୍ଧିଥିଲେ। ମାତ୍ର ପ୍ରଶାସନର କଟକଣା ପରେ ସମସ୍ତଙ୍କ ମନ ଫିକା ପଡ଼ିଛି। ବିଶେଷକରି ନଡ଼ାରେ ବଡ ବଡ଼ ମୂର୍ତ୍ତି ଗଢି ବିଭିନ୍ନ ଅନୁଷ୍ଠାନକୁ ଯୋଗାଉଥିବା କାରଗର ଅଧିକ ନିରାଶ ହୋଇଛନ୍ତି। କାରିଗର ସୁକାନ୍ତ ବେହେରା କହିଛନ୍ତି, ଏଥର ଅନେକ ମୂର୍ତ୍ତି ଗଢିଥିଲି। ଭାବିଥିଲି ହାତକୁ ଦି' ପଇସା ଆସିବ, ମୋ ପରିବାର କିଛିଦିନ ଭଲରେ ଚଳିଯିବ। କିନ୍ତୁ ଏବେ ସବୁ ଆଶା ମଉଳିଗଲା। ସେହିପରି ଚନ୍ଦ୍ରକାନ୍ତ ବେହେରା କହିଛନ୍ତି, କେତୋଟି ଅନୁଷ୍ଠାନରୁ ବଡ ମୂର୍ତ୍ତି ପାଇଁ ଅର୍ଡର ପାଇଥିଲି। ମାତ୍ର ଏବେ ସବୁ ବେକାର ହୋଇଗଲା। ଏଭଳି ସମୟରେ ଆମ ପରି ଗରିବ କାରିଗରମାନଙ୍କୁ ପ୍ରଶାସନ ସହାୟତା ଯୋଗାଇଦେବା ଦରକାର। ଅନ୍ୟପକ୍ଷରେ ଏ ନେଇ ଜିଲାପାଳ ସନତ ମହାନ୍ତିଙ୍କୁ ପଚାରିବାରେ କହିଛନ୍ତି, କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ପୂଜା ବନ୍ଦ ଲାଗି ନିଷ୍ପତ୍ତି ହୋଇଛି। ସେହିପରି ଦୁଃସ୍ଥ କାରିଗରଙ୍କୁ ସରକାରୀ ସହାୟତା ଦେବା ନେଇ କୌଣସି ଅଭିଯୋଗ କିମ୍ବା ଆବେଦନ ଆସିଲେ ତା' ଉପରେ ବିଚାର କରାଯିବ।



# ‘ଧୋନୀ ଆଧୁନିକ ଭାରତର ମୂର୍ତ୍ତିମନ୍ତ ରୂପ’

## ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା



ମହେନ୍ଦ୍ର ସିଂ ଧୋନୀ

**ନୂଆଦିଲ୍ଲୀ, ୨୦।୮ (ପି.ଟି.)**

ଗତ ସପ୍ତାହରେ କ୍ରିକେଟରୁ ଅବସର ନେଇଥିବା ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ଚିଠିଲେଖିଛନ୍ତି ସେଥିରେ କ୍ରିକେଟ ମହଲ ସ୍ତମ୍ଭୀଭୂତ ହୋଇଛି। ଧୋନୀଙ୍କୁ ଆଧୁନିକ ଭାରତର ମୂର୍ତ୍ତିମନ୍ତ ରୂପ ବୋଲି ସେ ବର୍ଣ୍ଣନା କରିଛନ୍ତି। ଧୋନୀ ଏହି ଚିଠିକୁ ଗୁରୁବାର ତାଙ୍କ ଟୁଇଟର ପେଜ୍‌ରେ ଶେୟାର କରିଛନ୍ତି। ଦୁଇଥର ବିଶ୍ୱକପ୍ ବିଜେତା ଧୋନୀଙ୍କ ନିକଟକୁ ଲେଖିଥିବା ଚିଠିରେ ପ୍ରଧାନମନ୍ତ୍ରୀ କହିଛନ୍ତି ତୁମେ କେଉଁ ପରିବାରରୁ ଆସିଛ ସେଥିରେ କିଛି ଫରକ ପଡୁନାହିଁ। ନିଜେ ନିଜର ପରିଚୟ ସୃଷ୍ଟି କରିପାରିଛ। ଅନେକ ୟଙ୍ଗଷ୍ଟର ପାଇଁ ତୁମେ ଆଦର୍ଶ ହୋଇପାରିଛ, ତାହା ସବୁଠାରୁ ବଡ଼ କଥା। ଧୋନୀ ଟେରିଟୋରିଆଲ ଆର୍ମିରେ ଜଣେ ଅବୈତନିକ ଲ୍ୟୁଟ୍‌ନାଣ୍ଟ କର୍ନେଲ ମଧ୍ୟ।

ପ୍ରଶଂସା ଓ ଶୁଭକାମନା ପାଇଁ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଧୋନୀ। ତ୍ୟାଗ ଓ କଠିନ ପରିଶ୍ରମ ଯୋଗୁ ସେ ଏକାଧାରରେ ଜଣେ ଚିତ୍ରକର, ସୈନ୍ୟ ଏବଂ କ୍ରୀଡ଼ାବିତ୍ ହୋଇ ପାରିଛନ୍ତି। ଏହାଦ୍ୱାରା ସେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଲମ୍ବା ଚିଠିରେ ଭାରତୀୟ ଦଳର ନେତୃତ୍ୱ ନେବାବେଳେ ଧୋନୀଙ୍କ ସ୍ଥିରଚିତ୍ତ ସ୍ୱଭାବକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ତୁମ ହେୟାର ଷ୍ଟାଇଲ ଯାହା ହୋଇଥାଉ ନା କାହିଁକି ବିଜୟ ଅବା ପରାଜୟ ବେଳେ ଶାନ୍ତ ରହିବା ଏକ ଭଲ ଗୁଣ। ପ୍ରତ୍ୟେକ ଯୁବକଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। କ୍ୟାରିୟର ଆରମ୍ଭରେ ଧୋନୀ ଲମ୍ବା କେଶ ରଖିଥିଲେ। ଏହାଥିଲା ତାଙ୍କର ଏକ ସ୍ୱତନ୍ତ୍ର ଆକର୍ଷଣ। ମୋଦିଙ୍କ ଦୃଷ୍ଟିରେ ଧୋନୀ ଜଣେ ମହାନ ଅଧିନାୟକ ଏବଂ ଅନ୍ୟତମ ଶ୍ରେଷ୍ଠ ଉଇକେଟକିପର। ଏହା ଛଡ଼ା ଜଣେ ଉତ୍ତମ ମ୍ୟାଚ୍ ଫିନିଶର ମଧ୍ୟ। ବିଶେଷକରି ୨୦୧୧ ବିଶ୍ୱକପ୍ ଫାଇନାଲରେ ତାଙ୍କର ଭୂମିକା ଅନେକ ଦିନ ଧରି ସ୍ମରଣୀୟ ହୋଇ ରହିବ। ଅନ୍ତର୍ଜାତୀୟ କ୍ରିକେଟରେ ୩୯ ବର୍ଷୀୟ ଧୋନୀ ଜଣେ ଗେମ୍ ଚେଞ୍ଜର ଭାବେ ପରିଚିତ। କ୍ରିକେଟ ପଡ଼ିଆରେ ତାଙ୍କ ଦୂରଦୃଷ୍ଟିକୁ ସମସ୍ତେ ସମ୍ମାନ ଦେଇଥାନ୍ତି। ମ୍ୟାଚ୍‌ର ପରିସ୍ଥିତିକୁ ନେଇ ସେ ରଣକୌଶଳ ପ୍ରସ୍ତୁତ କରିଥାନ୍ତି। ବର୍ତ୍ତମାନ ତାଙ୍କ ଆକ୍ସନ ଆଇପିଏଲ୍‌ରେ ଦେଖିବାକୁ ମିଳିବ। ଏହା ୟୁଏଇରେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବ। ଧୋନୀ ବେଳେବେଳେ ରିସ୍କ ନେଇଥାନ୍ତି ଏବଂ ତାହାକୁ କାର୍ଯ୍ୟକାରୀ କରିବାରେ ପ୍ରାୟ ସଫଳ ରହିଥାନ୍ତି। ତାଙ୍କର ଏହି ସାମର୍ଥ୍ୟକୁ ମୋଦି ପ୍ରଶଂସା କରିଛନ୍ତି। ସେ ୨୦୦୭ ଟି୨୦ ବିଶ୍ୱକପ୍ ଫାଇନାଲର ଏକ ଦୃଷ୍ଟାନ୍ତ ଦେଇଛନ୍ତି। ପାକିସ୍ତାନ ବିପକ୍ଷ ଏହି ମ୍ୟାଚର ଏକ ରୋମାଞ୍ଚକ ସ୍ଥିତିରେ ଧୋନୀ କମ୍ ଜଣାଶୁଣା ପେସ୍ ବୋଲର ଯୋଗୀନ୍ଦର ଶର୍ମାଙ୍କୁ ବୋଲିଂ କରିବାକୁ ଦେଇଥିଲେ। ଖେଳପଡ଼ିଆରେ ଧୋନୀଙ୍କ ଅନେକ କାର୍ଯ୍ୟକଳାପ ଭାରତୀୟ କ୍ରିକେଟପ୍ରେମୀଙ୍କ ମନରେ ଦୀର୍ଘ ଦିନ ଧରି ବସା ବାନ୍ଧି ରହିବ। ବ୍ୟକ୍ତିଗତ ଓ ପେସାଦାର କାର୍ଯ୍ୟରେ କିପରି ସନ୍ତୁଳନ ରକ୍ଷା କରାଯାଇପାରେ ଧୋନୀ ହେଉଛନ୍ତି ତାହାର ଏକ ନିଦର୍ଶନ। ୨୦୧୮ ଆଇପିଏଲ୍ ଟାଇଟଲ ବିଜୟ ପରେ ଚେନ୍ନାଇ ସୁପର କିଙ୍ଗ୍ସ ସାଥୀ ଖେଳାଳିମାନେ ବିଜୟ ଉତ୍ସବ ମନାଉଥିବା ବେଳେ ଧୋନୀ ତାଙ୍କ ଝିଅ ଜିଭା ସହିତ ଖେଳୁଥିବାର ଦୃଶ୍ୟ ମୋର ମନେପଡୁଛି। ଏହି ଦୃଶ୍ୟ ସେତେବେଳ ଖୁବ୍ ଭାଇରାଲ ହୋଇଥିଲା। ଆଶା କରୁଛି ସାକ୍ଷୀ (ଧୋନୀଙ୍କ ସ୍ତ୍ରୀ) ଓ ଜିଭା ଏଣିକି ତୁମ ସହିତ ଅଧିକ ସମୟ ବିତାଇ ପାରିବେ। ସେମାନଙ୍କ ତ୍ୟାଗ ଓ ସମର୍ଥନ ବିନା କିଛି ସମ୍ଭବ ହୋଇ ପାରିବ ନାହିଁ ବୋଲି ମୋଦି ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ୟୁଏଇରେ ପହଞ୍ଚିଲା ପଞ୍ଜାବ, କୋଲକାତା, ରାଜସ୍ଥାନ ଦଳ


ୟୁଏଇ ଯିବା ପୂର୍ବରୁ କିଙ୍ଗ୍ସ ଇଲେଭେନ ପଞ୍ଜାବ ଦଳର ଖେଳାଳିମାନେ।

**ଆଇପିଏଲ୍-୨୦୨୦**

**ନୂଆଦିଲ୍ଲୀ, ୨୦।୮(ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଭାଗ ନେବା ପାଇଁ କିଙ୍ଗ୍ସ ଇଲେଭେନ ପଞ୍ଜାବ, କୋଲକାତା ନାଇଟ ରାଇଡର୍ସ ଓ ରାଜସ୍ଥାନ ରୟାଲ୍ସ ଦଳ ଗୁରୁବାର ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ)ରେ ପହଞ୍ଚିଛନ୍ତି। ରୟାଲ୍ସ ଓ କିଙ୍ଗ୍ସ ଇଲେଭେନ ଦଳ ଦୁବାଇରେ ଏବଂ ନାଇଟ ରାଇଡର୍ସ ଦଳ ଆବୁଧାବିରେ ଅବସ୍ଥାନ କରିବ। ଯିବା ପୂର୍ବରୁ ଖେଳାଳିଙ୍କର ଏକାଧିକଥର କୋଭିଡ୍-୧୯ ଟେଷ୍ଟ ହୋଇଛି। ୟୁଏଇରେ ଖେଳାଳିମାନେ ୬ ଦିନ ପାଇଁ ଆଇସୋଲେଶନରେ ରହିବେ। ଏହି ଅବସରରେ ପ୍ରଥମ, ୩ୟ ଓ ୬ଷ୍ଠ ଦିନ ସେମାନଙ୍କର କୋଭିଡ୍ ଟେଷ୍ଟ ହେବ। ରିପୋର୍ଟ ନେଗେଟିଭ୍ ଆସିଲେ ସେମାନେ ଜୈବ ସୁରକ୍ଷିତ ପରିବେଶରେ ଟ୍ରେନିଂ ଆରମ୍ଭ କରିପାରିବେ। ସେପ୍ଟେମ୍ବର ୧୯ରୁ ଏହି ଲିଗ୍ ଆରମ୍ଭ ହେବ। ଟୁର୍ନାମେଣ୍ଟର ପ୍ରତି ୫ ଦିନରେ ଥରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କର କୋଭିଡ୍ ଟେଷ୍ଟ ହେବ।

ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଖେଳାଳିମାନେ ଜୈବ-ସୁରକ୍ଷିତ ପରିବେଶରୁ ଆସୁଥିବାରୁ କ୍ୱାରାଣ୍ଟାଇନ୍‌ର ଆବଶ୍ୟକତା ନାହିଁ ବୋଲି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି) ଅଧ୍ୟକ୍ଷ ସଞ୍ଜୀବ ଚୁରିୱାଲା ପ୍ରକାଶ କରିଛନ୍ତି। ଆର୍‌ସିବି ସମେତ ମୁମ୍ବାଇ ଇଣ୍ଡିଆନ୍ସ, ଚେନ୍ନାଇ ସୁପର କିଙ୍ଗ୍ସ ଦଳ ଶୁକ୍ରବାର ୟୁଏଇରେ ପହଞ୍ଚିବେ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଆର୍‌ସିବି ଦଳର ସମସ୍ତ ଖେଳାଳି ଓ କର୍ମକର୍ତ୍ତା ଦୁବାଇସ୍ଥିତ ୱାଲ୍ଡର୍ଫ ହୋଟେଲରେ ରହିବେ। ଏଥିପାଇଁ ପୂରା ଏକ ବ୍ଲକ୍ ବୁକ୍ କରାଯାଇଛି। ଏଥିରେ ୧୫୫ ରୁମ୍, ଜିମ୍ ଏବଂ ଡାଇନିଂ ରହିଛି। ହୋଟେଲର ସମସ୍ତ କର୍ମଚାରୀଙ୍କର ମଧ୍ୟ କୋଭିଡ୍-୧୯ ଟେଷ୍ଟ ହେବ ବୋଲି ସେ କହିଛନ୍ତି। ଆର୍‌ସିବି ଟିମ୍ ୪୦ ସଦସ୍ୟ ବିଶିଷ୍ଟ ରହିବ। ଏହା ମଧ୍ୟରେ ୨୧ ଖେଳାଳି, ୫ ନେଟ୍ ବୋଲର, ୨ ଥ୍ରୋ ଡାଉନ୍ ସ୍ପେଶାଲିଷ୍ଟ, ୨ କ୍ରୀଡ଼ା ମନସ୍ତତ୍ତ୍ୱବିତ୍ ସାମିଲ।




# ବିଳମ୍ବରେ ସିଏସ୍‌କେରେ ଯୋଗଦେବେ ହରଭଜନ


ହରଭଜନ ସିଂ

**ଚେନ୍ନାଇ, ୨୦।୮ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବା ଲାଗି ଶୁକ୍ରବାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଯାତ୍ରା କରିବ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳ। କିନ୍ତୁ ବ୍ୟକ୍ତିଗତ କାରଣରୁ ଭେଟେରାନ ଅଫ୍-ସ୍ପିନର ହରଭଜନ ସିଂ ଦଳ ସହିତ ଦୁଇ ସପ୍ତାହ ମଧ୍ୟରେ ଯୋଗ ଦେବେ। ଏଠାରେ ସିଏସ୍‌କେର ସଂକ୍ଷିପ୍ତ ଟ୍ରେନିଂ କ୍ୟାମ୍ପ୍‌ରେ ଏହି ୪୦ ବର୍ଷୀୟ ସ୍ପିନର ଯୋଗ ଦେଇ ନ ଥିଲେ। ବ୍ୟକ୍ତିଗତ କାରଣ ଦର୍ଶାଇ ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ଶାର୍ଦ୍ଦୁଳ ଠାକୁର ମଧ୍ୟ କ୍ୟାମ୍ପ୍‌କୁ ଆସି ନ ଥିଲେ। ଠାକୁର ବୁଧବାର ଏବଂ ଜାଡେଜା ଗୁରୁବାର ଦଳ ସହିତ ଯୋଗ ଦେଇଛନ୍ତି। ଖେଳାଳିମାନେ ବୋଲିଂ କୋଚ୍ ଲକ୍ଷ୍ମୀପତି ବାଲାଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ଅଗଷ୍ଟ ୧୫ରୁ ଏଠାରେ ଟ୍ରେନିଂ ନେଇ ଆସୁଥିଲେ। ଆଇପିଏଲ୍ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବ। ମଙ୍ଗଳବାର ଦ୍ୱିତୀୟ ରାଉଣ୍ଡ କୋଭିଡ୍-୧୯ ଟେଷ୍ଟରେ ସମସ୍ତ ଖେଳାଳିଙ୍କର ନେଗେଟିଭ୍ ଆସିଥିବା ସିଏସ୍‌କେର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି।

# ତୃତୀୟ ଟେଷ୍ଟ ଆଜିଠାରୁ

**ସାଉଥାମ୍ପଟନ, ୨୦।୮**

ଇଂଲଣ୍ଡ-ପାକିସ୍ତାନ ତୃତୀୟ କ୍ରିକେଟ ଟେଷ୍ଟ ଶୁକ୍ରବାରଠାରୁ ସ୍ଥାନୀୟ ରୋଜବାଓଲ ଷ୍ଟାଡିୟମରେ ଆରମ୍ଭ ହେବ। ପ୍ରଥମ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଥିଲା। ବର୍ଷା ଯୋଗୁ ଦ୍ୱିତୀୟ ଟେଷ୍ଟ ଡ୍ର ରହିଥିଲା। ତେଣୁ ଘରୋଇ ଦଳ ସିରିଜ ବିଜୟ ଲକ୍ଷ୍ୟରେ ଥିବାବେଳେ ପାକିସ୍ତାନ ପାଇଁ ମ୍ୟାଚ ଜିତିବା ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି। ଦ୍ୱିତୀୟ ଟେଷ୍ଟ ପରି ତୃତୀୟ ଟେଷ୍ଟରେ ମଧ୍ୟ ବର୍ଷାର ପ୍ରଭାବ ରହିପାରେ। ତେବେ ପ୍ରଥମ ଦୁଇଦିନ ବର୍ଷା ହେବା ସମ୍ଭାବନା କମ୍। ଦୁଇ ଦଳର ଅଧିନାୟକ ଓ କୋଚ୍‌ଙ୍କ ସମ୍ମତି କ୍ରମେ ବର୍ଷାକୁ ଦୃଷ୍ଟିରେ ରଖି ଖେଳକୁ ଅଧଘଣ୍ଟା ପୂର୍ବରୁ ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ପ୍ରତିଦିନର ଖେଳ ଆରମ୍ଭ ସମ୍ପର୍କରେ ମ୍ୟାଚ ରେଫରି ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଇଂଲଣ୍ଡ ବ୍ୟାଟିଂ ଲାଇନ୍‌ଅପ୍‌ରେ ପରିବର୍ତ୍ତନ ହେବା ସମ୍ଭାବନା ନାହିଁ। ତେବେ ବୋଲିଂ ଲାଇନ୍‌ଅପ୍‌ରେ ରୋଟେଶନ ହେବା ଏକପ୍ରକାର ନିଶ୍ଚିତ। ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ପରେ ମାର୍କ ଉଡ୍ ଆଉ ସୁଯୋଗ ପାଇ ନାହାନ୍ତି। ତେଣୁ ସେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇପାରନ୍ତି। ସେହିପରି ଦ୍ୱିତୀୟ ଟେଷ୍ଟରେ ଖେଳିପାରି ନ ଥିବା ଜୋଫ୍ରା ଆର୍ଚର ପୁଣି ଦଳକୁ ଫେରିପାରନ୍ତି। ଫର୍ମରେ ଥିବାରୁ ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟ ବ୍ରଡ୍ ଓ କ୍ରିସ୍ ୱୋକ୍ସଙ୍କୁ ସହଜରେ ଦଳରୁ ବାହାର କରି ହେବନାହିଁ। ସ୍ପିନର ଡମ୍ ବେସ୍‌ଙ୍କୁ ବାହାରେ ରହିବାକୁ ପଡ଼ିପାରେ।

# ଜାତୀୟ ସନ୍ତରଣକାରୀଙ୍କ ପରଲୋକ


ଶିବ ନାରାୟଣ ଦାସ

**ବୌଦ୍ଧ,(ସ୍ୱ.ପ୍ର.)/ସମ୍ବଲପୁର, ୨୦।୮(ବ୍ୟୁରୋ)**

ଜାତୀୟ ସନ୍ତରଣକାରୀ ଶିବ ନାରାୟଣ ଦାସ (୬୮)ଙ୍କ ଗୁରୁବାର ବୌଦ୍ଧ ଠାରେ ପରଲୋକ ହୋଇଯାଇଛି। ବୌଦ୍ଧ ଜିଲା ନିବାସୀ ଶିବ ନାରାୟଣ ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ ରାଜ୍ୟସ୍ତରରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏତଦ୍‌ବ୍ୟତୀତ ଜାତୀୟ ମାଷ୍ଟର୍ସ ସୁଇମିଂ ଚାମ୍ପିୟନଶିପ୍‌ରେ ଭାଗନେଇ ଏକାଧିକ ବାର ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ସେ ଛୋଟ ଛୋଟ ପିଲାମାନଙ୍କୁ ସନ୍ତରଣ ପ୍ରଶିକ୍ଷଣ ଦେଉଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସାଧାରଣ ସମ୍ପାଦକ ଦିଲାବର ହୁସେନ, ଜିଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ, ଅନ୍ତର୍ଜାତୀୟ ମାଷ୍ଟର୍ସ ଆଥଲେଟ୍ ସୁନ୍ଦରମଣି ବାରିକ ଶୋକ ପ୍ରକାଶ କରିଛନ୍ତି। ସେହିପରି ରାଜ୍ୟର ବିଭିନ୍ନ ଜିଲାର ସନ୍ତରଣକାରୀମାନେ ମଧ୍ୟ ଶୋକପ୍ରକାଶ କରିଛନ୍ତି। ବୁଧବାର ଦାସ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ଦାସ ୧୯୮୨ ଏସିଆଡ ପାଇଁ ପ୍ରସ୍ତୁତି ଶିବିରରେ ଯୋଗ ଦେବାକୁ ମନୋନୀତ ହୋଇଥିଲେ ମଧ୍ୟ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୋଇଥିଲେ। ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ବୌଦ୍ଧ ଜିଲା ଆଥଲେଟିକ୍ ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ରାଉତ,ସନ୍ତରଣ ସଂଘ ଉପସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ଅନେକ କ୍ରୀଡାବିତ୍ ତାଙ୍କର ଶେଷ ଦର୍ଶନ କରିଥିଲେ। ବୌଦ୍ଧ ଶ୍ମଶାନ ଘାଟ ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ